ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ

RNI Regd No : ODIODI/2016/74122

# ସଂପର୍କବାର୍ତ୍ତା

SAMPARK BARTA

ODIA WEEKLY

www.samparkabarta.in




ଜଗତସିଂହପୁର ଜିଲ୍ଲାର ଗର୍ବ ଓ ଗୌରବ

ଜଳ ସଂପଦ, ସୂଚନା ଓ ଲୋକସଂପର୍କ ବିଭାଗ ମନ୍ତ୍ରୀ

ରଘୁନନ୍ଦନ ଦାସ

ଜଗତସିଂହପୁର ଜିଲ୍ଲାର ସମ୍ମାନ, ଗର୍ବ ଓ ଗୌରବ



IAS COLLECTOR

PARUL PATAWARI


| Vol.5 | Issue- 36 | February 14 to 20, 2022, | Jagatsinghpur | Page-8 | Rs. 5/- |
|---|---|---|---|---|---|
| ବର୍ଷ-୫ | ସଂଖ୍ୟା- ୩୬ | ଫେବୃୟାରୀ ୧୪ ରୁ ୨୦, ୨୦୨୨, | ଜଗତସିଂହପୁର, | ପୃଷ୍ଠା-୮ | ମୂଲ୍ୟ-୫ଟଙ୍କା |


# ଓଡ଼ିଶାରେ ବିଜେଡି ବାଜିମାତ୍ କରିବ !

ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି)

ରାଜ୍ୟସଭାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରଶଂସା କଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଦେବା ଅବସରରେ ମୋଦୀ ନବୀନ ସରକାରଙ୍କୁ ପ୍ରଶଂସା କରିଛନ୍ତି। କେନ୍ଦ୍ର ସରକାର କୋଇଲା ଏବଂ ମାଇନିଂରେ ସଂସ୍କାର ଆଣୁଛି। ଆଉ କେନ୍ଦ୍ରର ଆଭିମୁଖ୍ୟକୁ ସମର୍ଥନ କରୁଛି ଓଡିଶା ସରକାର । କୋଇଲା ଓ ଖଣି ନିଲାମ ହେବା ଦ୍ୱାରା ଯେଉଁ ରାଜସ୍ୱ ଆସିଛି ତାହା ରାଜ୍ୟକୁ ମିଳିଛି। ଆଉ ରାଜ୍ୟର ଲାଭ ହେବ। ଏହା ଦ୍ୱାରା ଦେଶର ଲାଭ ହେଉଛି। ଏହାହିଁ ହେଉଛି ସଂଘୀୟ ବ୍ୟବସ୍ଥାର ଉଦାହରଣ ଏଥିପାଇଁ ଓଡିଶା ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି ପ୍ରଧାନମନ୍ତ୍ରୀ। ଗତ ଏକ ବର୍ଷ ମଧ୍ୟରେ ଖଣି କ୍ଷେତ୍ରରୁ ରାଜସ୍ୱ ପରିମାଣ ୧୪ହଜାର କୋଟି ଟଙ୍କାରୁ ବୃଦ୍ଧି ପାଇ ୩୫ହଜାର କୋଟି ଟଙ୍କାରେ ପହଂଚିଛି। ଖଣିକ୍ଷେତ୍ରରୁ ଯେତିକି ରାଜସ୍ୱ ଆସିଛି ସେସବୁ ରାଜ୍ୟ ସରକାରଙ୍କୁ ହିଁ ମିଳିଛି । ଏହା ଯୋଗୁ ରାଜ୍ୟର ପ୍ରଗତି ହେବା ସହ ଦେଶର ପ୍ରଗତି ବି ସମ୍ଭବ ହୋଇଛି। ସମବାୟ ସଂଘୀୟ ବ୍ୟବସ୍ଥାର ଏହା ଏକ ବଡ ଉଦାହରଣ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ସେ ଓଡିଆ ସରକାରଙ୍କୁ ପ୍ରଶଂସା କରି କହିଛନ୍ତି- ସବୁଠାରୁ ବଡ କଥା ଏହି ସଂସ୍କାର ପ୍ରକ୍ରିୟା କାର୍ଯ୍ୟକାରୀ କରିବାରେ ଓଡିଶା ହେଉଛି ସବୁଠାରୁ ଆଗୁଆ ରାଜ୍ୟ । ଏ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି ମୁଖ୍ୟ ମନ୍ତ୍ରୀ ନବୀନ ପଟ୍ଟନାୟକ । ସେ ସମସ୍ତ ସଂସ୍କାର ପ୍ରକ୍ରିୟାକୁ କାର୍ଯ୍ୟକାରୀ କରି ଉଦାହରଣ ସୃଷ୍ଟି କରିଛନ୍ତି ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ। ଅନ୍ୟପକ୍ଷରେ ନୀବନଙ୍କୁ ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା ପ୍ରସଂଗରେ ପ୍ରତିକ୍ରୟା ରଖିଛି ବିଜେଡି




ଦଳୀୟ ସାଂସଦ ପ୍ରସନ୍ନ ଆଚାର୍ଯ୍ୟ ପ୍ରତିକ୍ରାୟା ରଖି କହିଛନ୍ତି ଯେ, ଓଡିଶା ସରକାର ଏବଂ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଧାନମନ୍ତ୍ରୀ ଭୂରି ଭୂରି ପ୍ରଶଂସା କଲେ। ଏହା ଦ୍ୱାରା ସ୍ପଷ୍ଟ ଭାବେ ପ୍ରମାଣିତ ହେଲା ଯେ, ଓଡିଶାରେ ବିକାଶର ନୂଆ ନୂଆ ପର୍ଯ୍ୟାୟ ଆରମ୍ଭ ହୋଇଛି। ଓଡିଶାରେ ବିକାଶର ଯେଉଁ ତୀବ୍ରତର ଧାରା ଚାଲିଛି ତାହାକୁ ଦେଶ ସ୍ୱୀକାର କରୁଛି । କିନ୍ତୁ ରାଜ୍ୟରେ କିଛି ନିର୍ଦ୍ଦିଷ୍ଟ ଲୋକ ଏହାକୁ ମାନିବାକୁ ନାରାଜ୍, ଗୋଟିଏ ପଟେ ନବୀନ ସରକାରଙ୍କୁ ପ୍ରଧାନମନ୍ତ୍ରୀ ମୋଦୀ ପ୍ରଶଂସା କରୁଥିବା ବେଳେ କଂଗ୍ରେସ ଉପରେ ବର୍ଷିଛନ୍ତି। ମୁଁ ଯେତେବେଳେ ଗୁଜୁରାଟର ମୁଖ୍ୟମନ୍ତ୍ରୀ ଥିଲି, ସେତେବେଳେ ମୋ ଉପରେ ଦିଲ୍ଲୀ ସରକାର ପକ୍ଷରୁ ବିଭିନ୍ନ ପ୍ରକାର ଜୁଲୁମ କରାଯାଇଛି। ଇତିହାସ ଏହାର ସାକ୍ଷୀ ଅଛି। ଦିଲ୍ଲୀରେ କାହାର ସରକାର ଅଛି ସେ ନେଇ ଅଧିକ ଭାବୁନଥିଲି ବରଂ ଦେଶର ବିକାଶ ପାଇଁ ଗୁଜୁରାଟରେ ବିକାଶ ହେବା ଦରକାର ବୋଲି ଭାବୁଥିଲି। ମୋଦିଙ୍କର ନବୀନଙ୍କୁ ପ୍ରଶଂସା ଏବେ ଓଡ଼ିଶା ରାଜ୍ୟରେ ଚମକପ୍ରଦ ସୃଷ୍ଟି କରିଛି । ମାନ୍ୟବର ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଓଡ଼ିଶାବାସୀଙ୍କ ପକ୍ଷରୁ ସ୍ୱାଗତ କରାଯାଉଛି । ଯାହାଫଳରେ ବର୍ତ୍ତମାନ ଓଡ଼ିଶାରେ ପଞ୍ଚାୟତ ନିର୍ବାଚନ ଚାଲିଥିବା ବେଳେ ମୋଦିଙ୍କର ନବୀନଙ୍କୁ ଏଭଳି ପ୍ରଶଂସା ଗାନ ଓଡ଼ିଶାରେ ବିଜେଡି ବାଜିମାତ୍ କରିବା ଥୟ ବୋଲି ରାଜ୍ୟନୈତିକ ବିଶେଷଜ୍ଞଙ୍କ ମହଲରେ ଏପରି ଆଲୋଚନା କରାଯାଉଛି ।

## କଂଗ୍ରେସ ଭୋଟ ପାଣିରେ ପଡିବ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ସର୍ବପୁରାତନ ଓ ଜାତୀୟ ଦଳ ଭାବେ କଂଗ୍ରେସ ଦଳ ଦୀର୍ଘ ବର୍ଷ ଧରି କ୍ଷମତାରେ ରହିଆସୁଥିବା ବେଳେ ବର୍ତ୍ତମାନ କଂଗ୍ରେସ ଦଳର ସ୍ଥିତି ସଂପୂର୍ଣ୍ଣ ଭାବେ ପରିବର୍ତ୍ତନ ହୋଇଯାଇଛି । ଓଡ଼ିଶା ରାଜ୍ୟରେ ଦୀର୍ଘ ୨୨ ବର୍ଷ ଧରି ଓ ଦେଶରେ ୭ ବର୍ଷ ଧରି କଂଗ୍ରେସ କ୍ଷମତା ଠାରୁ ଦୂରେଇ ଯାଇଛି । ବର୍ତ୍ତମାନ କଂଗ୍ରେସକୁ ଭୋଟ ଦେଲେ ପାଣିରେ ପଡିବ ବୋଲି କୁହାଯାଉଛି । କାହିଁକି ନା ଦେଶରେ କଂଗ୍ରେସ ଦଳକୁ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କଟାକ୍ଷ କରି ତଳିତଳାନ୍ତ କରିଦେଇଥିବା ଆଲୋଚନା କରାଯାଉଛି । ଏବେ କଂଗ୍ରେସର ଅଧକ୍ଷା ସୋନିଆ ଗାନ୍ଧୀଙ୍କ ୧୦-ଜନପଥ ବାସଭବନ ଭଡା ଆଦାୟ ହେଉନଥିବା ନେଇ ଏକ ଖବର ସରବରାହ ସଂସ୍ଥା ପ୍ରକାଶ କରିଥିବା ନେଇ ସମଗ୍ର ଦେଶ ଓ ରାଜ୍ୟରେ ଚର୍ଚ୍ଚାର ବିଷୟ ହୋଇଛି । ଉକ୍ତ ଖବର ସରବରାହ ସଂସ୍ଥା ପ୍ରକାଶ କରିଛି ଯେ ୨୦୨୦ (ପୃଷ୍ଠା-୨)

**କଂଗ୍ରେସକୁ ଆକବର ରୋଡ୍ କାର୍ଯ୍ୟାଳୟ ଖାଲି କରିବାକୁ ନୋଟିସ୍**

## କଟକଣାରେ ଶ୍ରୀ ଲିଙ୍ଗରାଜଙ୍କ ମହାଶିବରାତ୍ରି:ଜିଲ୍ଲାପାଳ

ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି)

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** କୋଭିଡ୍-୧୯ କଟକଣାରେ ଚଳିତ ଥର ମହାପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ମହାଶିବରାତ୍ରୀ ପାଳନ ହେବ। ରାତି ୧୦ଟାରେ ଶ୍ରୀଲିଙ୍ଗରାଜଙ୍କ ମହାଦୀପ ଉଠିବ। ଟ୍ରଷ୍ଟର ସଭାପତି ତଥା ଖୋର୍ଦ୍ଧା ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତି ନିଆଯାଇଛି। ଏଥି ସହିତ ବୈଠକରେ ଅନ୍ୟ ଗୁରୁତ୍ୱପୂର୍ଣ୍ଣ (ପୃଷ୍ଠା-୨)





## ଶିକ୍ଷା କ୍ଷେତ୍ରରେ ଏକ କଠିନ ସମୟ ସୃଷ୍ଟି କରିଛି କୋଭିଡ୍-୧୯:ବିଷ୍ଣୁପଦ ସେଠୀ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ କହିଛନ୍ତି ଯେ କୋଭିଡ୍ -୧୯ ଶିକ୍ଷା ପାଇଁ ଏକ କଠିନ ସମୟ ସୃଷ୍ଟି କରିଛି ଏବଂ ଏହି ଆହ୍ୱାନ ଗୁଡିକୁ ଯଥା ସମ୍ଭବ ସମାଧାନ କରାଯିବ। ଶିକ୍ଷାଦାନର ପୁନରାରୟ, ଛାତ୍ରଛାତ୍ରୀ ଉପସ୍ଥାନ ବୃଦ୍ଧି ଏବଂ ଶିକ୍ଷଣ ପ୍ରକ୍ରିୟାରେ ଥିବା ବ୍ୟବଧାନକୁ ଦୂର କରିବା ଉପରେ ଆମେ ପ୍ରଧାନତଃ ଗୁରୁତ୍ୱାରୋପ କରିଛୁ ବୋଲି ପ୍ରମୁଖ ଶାସନ ସଚିବ କହିଛନ୍ତି ମାଧମିକ ଶିକ୍ଷା ବୋର୍ଡ ଏବଂ ଉଚ୍ଚମାଧମିକ ଶିକ୍ଷା ପରିଷଦ ପକ୍ଷରୁ



ଦଶମ ଏବଂ ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପରୀକ୍ଷ ବାବଦରେ ଛାତ୍ର, ଶିକ୍ଷକ, ଅଭିଭାବକ, ଶିକ୍ଷାବିତ୍ ଏବଂ ବିଶେରଜ୍ଞ ମାନେଙ୍କ ସହ ବିସ୍ତୃତ ଆଲୋଚନା ପୂର୍ବକ ଏହି ଅଂଶୀଦାରମାନଙ୍କ ମତାମତ ଅଧାରରେ ପରୀକ୍ଷା ପରିଚାଳନା ଏବଂ ମୂଲ୍ୟାଙ୍କନ ନିମନ୍ତେ ଉପଯୁକ୍ତ ପ୍ରସ୍ତାବ ଗ୍ରହଣ କରାଯିବା ଉଚ୍ଚ ମାଧମିକ ଶିକ୍ଷା ପରିଷଦ, ଓଡିଶାର ଅଧକ୍ଷ ଏବଂ ମାଧମିକ ଶିକ୍ଷା ବୋର୍ଡର ସଭାପତି ଆଲେଚନା ନେଇ ସବିଶେଷ ପଦକ୍ଷେପ ଗ୍ରହଣ କରିବେ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ପକ୍ଷରୁ ସୂଚନା ଦିଆଯାଇଛି।

# ଜିଲ୍ଲାପାଳ ପାରୁଲ୍ ପଟୱାରୀଙ୍କ ନିର୍ବାଚନ ପ୍ରସ୍ତୁତି

**ଜଗତସିଂହପୁର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଦ୍ଭାବନା ସଭାଗୃହ ଠାରେ ଜିଲ୍ଲାରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ସୁପରିଚାଳନା ନିମନ୍ତେ ପୋଲିସ ମାଜିଷ୍ଟ୍ରେଟ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଅଛି । ଏହି ବୈଠକରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ପାରୁଲ୍ ପଟାୱରୀ କହିଲେ ଆସନ୍ତା ଫେବୃୟାରୀ ୧୬ ତାରିଖ ଠାରୁ ଜିଲ୍ଲାରେ ପଂଚାୟତ ନିର୍ବାଚନ ଆରମ୍ଭ ହେଉଛି। ପଂଚାୟତ ନିର୍ବାଚନକୁ ଅବାଧ ଓ ନିରପେକ୍ଷ ପରିଚାଳନା ନିମନ୍ତେ ମାଜିଷ୍ଟ୍ରେଟ ଓ ପୋଲିସ ଅଧିକାରୀଙ୍କ ମଧ୍ୟରେ ଉତମ ସମନ୍ୱୟର ଆବଶ୍ୟକତା ରହିଛି । ରାଜ୍ୟ ନିର୍ବାଚନ କମିଶନ ଜାନୁୟାରୀ ୧୧ ତାରିଖ ଠାରୁ ଫେବୃୟାରୀ ୨୮ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ଆଦର୍ଶ ଆଚରଣ ବିଧି ଲାଗୁ କରିଛନ୍ତି । ଜିଲ୍ଲାରେ ପଂଚାୟତ ନିର୍ବାଚନ ସୁପରିଚାଳନା ନିମନ୍ତେ ବରିଷ୍ଠ ଅଧିକାରୀ ମାନଙ୍କୁ ତଦାରଖ ଦାୟିତ୍ୱ ପ୍ରଦାନ କରାଯାଇଛି । ସଚ୍ଚିଦାନନ୍ଦ ସାହୁ, ଅତିରିକ୍ତ ଜିଲ୍ଲାପାଳ(ପ୍ରଶାସନ)ଙ୍କୁ ଜଗତସିଂହପୁର ଓ ବିରିଡି ବ୍ଲକ, କାହ୍ନୁଚରଣ ଧୀର, ଅତିରିକ୍ତ

**ଜଗତସିଂହପୁରରେ ହେବ ଅବାଧ ଓ ନିରପେକ୍ଷ ନିର୍ବାଚନ**



ଜିଲ୍ଲାପାଳ, ପାରାଦ୍ୱୀପଙ୍କୁ କୁଜଙ୍ଗ ଓ ଏରସମା ବ୍ଲକ, ଚିନ୍ମୟୀ ବିଶ୍ୱାଳ, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ)ଙ୍କୁ ରଘୁନାଥପୁର ଓ ତିର୍ତୋଲ ବ୍ଲକ ଏବଂ ପ୍ରକଳ୍ପ ନିର୍ଦ୍ଦେଶକ ସରୋଜକାନ୍ତ ମହାନ୍ତିଙ୍କୁ ବାଲିକୁଦା ଓ ନାଉଗାଁ ବ୍ଲକ ଦାୟିତ୍ୱ ପ୍ରଦାନ କରାଯାଇଛି । ବୈଠକରେ ଯୋଗଦେଇ ଆରକ୍ଷୀ ଅଧିକ୍ଷକ ଅଖିଳେଶ୍ୱର ସିଂହ କହିଲେ ପୋଲିସ ଅଧିକାରୀମାନେ ସମସ୍ତ ବୁଥ୍ ପରିଦର୍ଶନ କରିଛନ୍ତି। ବି.ଡି.ଓ ଏବଂ ଆଇ.ଆଇ.ସିଙ୍କ ସମନ୍ୱୟରେ ନିର୍ବାଚନ ସଠିକ୍ ପରିଚାଳନା ହେବ। ଜିଲ୍ଲାରେ ୧୦୩ ଜଣ ଜିଲ୍ଲା ପରିଷଦ ସଭ୍ୟ, ୬୫୮ ଜଣ ପଞ୍ଚାୟତ ସମିତି ସଭ୍ୟ, ୭୯୧ ଜଣ ସରପଂଚ ଓ ୫୫୭୦ ଜଣ ଓାର୍ଡ ମେମ୍ବର ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରୁଛନ୍ତି । ଏରସମା ବ୍ଲକର ଢିଙ୍କିଆ ପଂଚାୟତରେ ସରପଂଚ ଓ ୨୩ଟି ଓାର୍ଡମେମ୍ବର ନିମନ୍ତେ ନିର୍ବାଚନ ହେବ ନାହିଁ । ଜିଲ୍ଲାରେ ୧୦୦୪ ଟି ଓାର୍ଡମେମ୍ବର ଓ ୨ଟି ପଂଚାୟତ ଏରସମା ବ୍ଲକ ଗଡହରିଶପୁର ସମିତି ସଭ୍ୟ ଓ ବିରିଡି ବ୍ଲକ ପୁରଣ ସମିତି ସଭ୍ୟ ନିଦ୍ୱନ୍ଦରେ (ପୃଷ୍ଠା-୨)

## ସୋସିଆଲ୍ ମିଡିଆର ମା'-ଭଉଣୀ ନାହାଁନ୍ତି !


**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଜନୈକ ଯୁବ ବିଧାୟକଙ୍କ ସହ ଯୁବତୀଙ୍କ ମିଳିତ ଫଟୋକୁ ସାମାଜିକ ଗଣମାଧମରେ ଭାଇରାଲ୍ କରୁଥିବା ନିର୍ଦ୍ଦିଷ୍ଟ ସାମାଜିକ ଗଣମାଧମଙ୍କ ମା-ଭଉଣୀ ନ ଥିବା କୁହାଯାଇ କେତେକ ବ୍ୟକ୍ତି ଗାଳିଫଜିଲ୍ କରୁଥିବା ଶୁଣିବାକୁ ମିଳୁଛି। ଯୁବ ବିଧାୟକ ହେଲେ ବୋଲି କ'ଣ ତାଙ୍କର ବ୍ୟକ୍ତିଗତ ଜୀବନ ବା ପର୍ସନାଲ୍ ଲାଇଫ୍ ବିଷୟରେ ଖବର ପ୍ରକାଶ କରିବା ଉଚିତ୍ କି ? ବୋଲି ପ୍ରଶ୍ନ କରାଯାଉଛି। କେତେକ ଛତରଖିଆ ସାମାଜିକ ଗଣମାଧମ ତଥା ୱେବ୍ ପୋର୍ଟାଲ୍ ଗଣମାଧମ ଯୁବ ବିଧାୟକଙ୍କୁ ଓ ଯୁବତୀଙ୍କୁ ବଦନାମ କରିବା ବା ଶସ୍ତା ନା କମେଇବା ହେଉଛି ଏସବୁ ରାଣ୍ଡିପୁଅ ଅନ୍ତାଙ୍କ କାମ ବୋଲି ଅଭିଯୋଗ ହେଉଛି। ଯଦି ସେମାନଙ୍କର ଭଉଣୀ ହୋଇଥାନ୍ତା ସେମାନେ କ'ଣ ଏପରି ଖବର ଭାଇରାଲ୍ କରିଥାନ୍ତେ ବୋଲି କୁହାଯାଉଛି। କାହାର ବ୍ୟକ୍ତିଗତ ଚରିତ୍ର ସଂହାର କରିବା ବା ଭାଇରାଲ୍ କରିବା କୌଣସି ସାମ୍ବାଦିକଙ୍କର ଆଇନ୍‌ଗତ ଭାବେ ଅନୁଚିତ୍ ବୋଲି ମଧ କୁହାଯାଉଛି। ସଂପୃକ୍ତ ବିଧାୟକଙ୍କ ନିର୍ବାଚନ ମଣ୍ଡଳୀ ଜଗତସିଂହପୁର ଜିଲ୍ଲାର ତିର୍ତ୍ତୋଲ୍ ନିର୍ବାଚନ ମଣ୍ଡଳୀରେ ହୋଇଥିବାର ଖବରରୁ ଜଣାପଡିଛି।

ପଞ୍ଚାୟତ ନିର୍ବାଚନରେ ସଂପୃକ୍ତ ଯୁବ ବିଧାୟକଙ୍କର ଏରିଆରେ ଭୋଟରଙ୍କୁ ପ୍ରଭାବିତ କରିବା ପାଇଁ ଏଭଳି ହୀନ ଚକ୍ରାନ୍ତ ବିରୋଧୀଙ୍କ ତରଫରୁ କରାଯାଉଥିବା ଶୁଣାଯାଉଛି। ହେଲେ ଯିଏ ଏହି ଭାଇରାଲ୍ ଭିଡିଓ ଓ ଗଣମାଧମରେ ପ୍ରକାଶିତ ଖବରକୁ ଦେଖୁଛି ବା ପଢୁଛି ଯୁବ ବିଧାୟକ ହେଲେ ବୋଲି ତାଙ୍କର କ'ଣ ବ୍ୟକ୍ତିଗତ ଜୀବନ ବୋଲି କିଛି ନାହିଁ? ଦେଖିବ ତିର୍ତ୍ତୋଲ୍ ନିର୍ବାଚନ ମଣ୍ଡଳୀରେ ସଂପୃକ୍ତ ବିଧାୟକ ତଥା ବିଜେଡି ସମର୍ଥକ ପ୍ରାର୍ଥୀ ବିପୁଳ ସଂଖ୍ୟାରେ ଭୋଟ ପାଇ ବିଜୟୀ ହେବା ନିଶ୍ଚିତ ବୋଲି ଭୋଟର ମତବ୍ୟକ୍ତ କରୁଥିବା ଲକ୍ଷ୍ୟ କରାଯାଉଛି।



## ମନ୍ତ୍ରୀ ରଘୁନନ୍ଦନ ପ୍ରାର୍ଥୀଙ୍କ ଲାଗି କରୁଛନ୍ତି ଜୋରଦାର ପ୍ରଚାର

**ଜଗତସିଂହପୁର(ସଂପର୍କବାର୍ତ୍ତା):-** ନିର୍ବାଚନ ଯେତିକି ପାଖେଇ ଆସୁଛି ପ୍ରଚାର ମଧ ସେତିକି ମାତ୍ରାରେ ଆଗେଇ ଚାଲିଛି । ତେବେ ବାଲିକୁଦା ବ୍ଲକରେ ବିଭିନ୍ନ ହୋନ ରେ ଜଳସମ୍ପଦ, ସୂଚନା ଓ ଲୋକସମ୍ପର୍କ ବିଭାଗ ମନ୍ତ୍ରୀ ରଘୁନନ୍ଦନ ଦାସ ବିଜେଡି ଦଳ ସମର୍ଥିତପ୍ରାଥି ମାନଙ୍କ ପାଇଁ ମାରାଥନ ପ୍ରଚାର କରିଛନ୍ତି । ଅଳାବୋଲ ପଂଚାୟତକୁ ସର୍ବାଙ୍ଗୀନ ଉନ୍ନତି ପାଇଁ ବିଜେଡି ସମର୍ଥିତ ସମିତି ସଭ୍ୟ ପ୍ରାଥୀ ଭାବେ ସୁକାନ୍ତ କୁମାର ଦାସ ତାଲା ଚାବି ଚିହ୍ନରେ ଓ ସରପଞ୍ଚ ପ୍ରାର୍ଥୀ ମାନବେନ୍ଦ୍ର ରାୟ ମାଛ ଚିହ୍ନରେ ଠିଆ ହୋଇଛନ୍ତି । ସୁକାନ୍ତ ଓ ମାନବେନ୍ଦ୍ର ଙ୍କୁ ଆଜି ତାଙ୍କ ସପକ୍ଷରେ ଭୋଟ ଦେବା ପାଇଁ ମନ୍ତ୍ରୀ ରଘୁନନ୍ଦନ ଦାସ ଓ ତାଙ୍କ ସମର୍ଥକ ମାନଙ୍କ ସହପ୍ରଚାର ଜୋରଦାର କରିଥିଲେ ।ସମିତି ସଭ୍ୟ ପ୍ରାର୍ଥୀ ସୁକାନ୍ତ କୁମାର ଦାସ କହିଛନ୍ତି ସ୍ୱାସ୍ଥ୍ୟ ଶିକ୍ଷା, ପରିମଳ ରେ ଉନ୍ନତି କରଣ ମୋ ଅଳାବୋଲ ପଂଚାୟତ ହେବ ଏକ ଉଦାହରଣ ।ଆସୁ ପଛେ ଯେତେ ମହାବିପତ୍ତି ରହିଥିବି ପଂଚାୟତ ବାସୀଙ୍କ ସାଥେ ବୋଲି ପ୍ରତିଶ୍ରୁତି ଦେଇ ଭୋଟରମାନଙ୍କ ଆର୍ଶୀବାଦ ଭିକ୍ଷା କରିବା ସହ ଭୋଟ ଭିକ୍ଷା କରିଛନ୍ତି ।ତେବେ ସମର୍ଥକ ମାନଙ୍କ ମଧ୍ୟରେ ପଂଚାୟତ ବିଜେଡି ସଭାପତି ପ୍ରଦୀପ୍ତ କୁମାର ସ୍ୱାଇଁ ବିଦ୍ୟାଧର ବିଶ୍ୱାଳ, ଦୈତାରି ନାଏକ,ନିଖିଳ କୁମାର ବାରିକ, ପୂର୍ବତନ ବ୍ଲକ ବିଜେଡ଼ି ଯୁବ ସଭାପତି ତାପସ ରଂଜନ ନାଏକ, ନରେନ୍ଦ୍ର ବିଶ୍ୱାଳ, ଶାନ୍ତନୁ କାନୁନଗୋ, ପ୍ରକାଶ ବିଶ୍ୱାଳ, ଦୀପକ ବାରିକ,ନିରଞ୍ଜନ ବିଶ୍ୱାଳ ପ୍ରମୁଖ ସମିତି ସଭ୍ୟ ପ୍ରାର୍ଥୀ ଓ ସରପଞ୍ଚ ପ୍ରାର୍ଥୀଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେବାକୁ ନିବେଦନ କରିଥିଲେ।



## ଜଗତସିଂହପୁରରେ କୁବେର ଯନ୍ତ୍ରୀ !

**ଜଗତସିଂହପୁର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ଜଗତସିଂହପୁର ଜିଲ୍ଲାରେ ନିର୍ଦ୍ଦିଷ୍ଟ କେତେଜଣ ଯନ୍ତ୍ରୀ କୁବେର(କୋଟିପତି) ପାଲଟି ଗଲେଣି ବୋଲି ଆଲୋଚନା ହେଉଛି। ବର୍ଷ ବର୍ଷ ଧରି ବଦଳି ହେଉନଥିବା ଅଭିଯୋଗ କରୁଛନ୍ତି। ସେମାନଙ୍କ ବଦଳିକୁ ବ୍ରେକ୍ ଲଗାଉଛନ୍ତି ବିଭାଗୀୟ ସଚିବ ବୋଲି ଅଭିଯୋଗ ହେଉଛି। କନିଷ୍ଠ ଯନ୍ତ୍ରୀଠୁ ସହକାରୀ ନିର୍ବାହୀଯନ୍ତ୍ରୀ ଓ ନିର୍ବାହୀ ଯନ୍ତ୍ରୀଙ୍କ ଠୁ ସୁପରଟେଣ୍ଡେଣ୍ଟ୍ ଇଂଜିନିୟର(ଏସ୍‌ସି) ପର୍ଯ୍ୟନ୍ତ ପଦୋନ୍ନତି ପରେ ପଦୋନ୍ନତି ପାଇ ଚାଲିଛନ୍ତି। ହେଲେ ତାଙ୍କର ବଦଳି ହେଉନଥିବା ଏବଂ ଆଖିବୁଜି ଫଲ୍ସ ବିଲ୍ କରି କୋଟି କୋଟି ଟଙ୍କା ଲୁଟୁଥିବା ଅଭିଯୋଗ ହେଉଛି। ଭିଜିଲାନ୍ସ ବିଭାଗର ନଜର ସେମାନଙ୍କ ଉପରେ ପଡୁନି କିପରି ବୋଲି ସାଧାରଣରେ ଆଶ୍ଚର୍ଯ୍ୟ ପ୍ରକଟ କରାଯାଉଛି। ଯେଉଁ ଜାଗାରେ ସରକାରଙ୍କ ଡେଭଲପ୍‌ମେଣ୍ଟ୍ କାମ ହେଉଛି ବା ହେଇଛି ବର୍ଷକୁ ଦୁଇ ବର୍ଷ ଏପରିକି ୬ ମାସ ଯାଉନଥିବା ଅଭିଯୋଗ ହେଉଛି। ଏହି ୨/୩ ବର୍ଷ ମଧ୍ୟରେ ଯେତେଗୁଡିଏ ସରକାରୀ କାମ ଯେଉଁ ସବୁ ବିଭାଗରେ ହେଇଛି ବା ହେଉଛି ସେସବୁକୁ ଯାଞ୍ଚ କରିଲେ ଜଣାପଡିଯିବ କେଉଁ ଯନ୍ତ୍ରୀ, ବା ସହକାରୀ ଯନ୍ତ୍ରୀ ଓ ନିର୍ବାହୀଯନ୍ତ୍ରୀ ଦୁର୍ନୀତି କରୁଛନ୍ତିବୋଲି। "ସଂପର୍କବାର୍ତ୍ତା" ର ରାଜ୍ୟ ପ୍ରତିନିଧି ରାମଚନ୍ଦ୍ର ମହାନ୍ତିଙ୍କର ଏପରି ଅଭିଯୋଗ ଉପରେ ଅନୁସନ୍ଧାନ ଜାରି ରହିଛି ବୋଲି କାର୍ଯ୍ୟାଳୟରୁ ଶୁଣାଯାଉଛି। ଖୁବ୍ ଶୀଘ୍ର ଲୋକଲୋଚନକୁ କେତେକ ଯନ୍ତ୍ରୀଙ୍କ ନାମ ପ୍ରକାଶ ପାଇବାକୁ ଥିବା ମଧ ଶୁଣାଯାଉଛି।

# ଚୀନ ବୈଜ୍ଞାନିକଙ୍କ ଦାବି, ଏବେ କେବଳ ୪ ମିନିଟରେ ମିଳିବ କରୋନା ଟେଷ୍ଟ ରିପୋର୍ଟ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଦେଶରେ କରୋନା କେବେ ଥମିବ ସେନେଇ କୌଣସି ନିର୍ଦ୍ଦିଷ୍ଟ ସୂଚନା କାହା ପାଖରେ ନାହିଁ। ତେଣୁ ସାରା ବିଶ୍ୱ କରୋନା ମହାମାରୀକୁ ଏକ ଦୀର୍ଘସ୍ଥାୟୀ ସମସ୍ୟା ଭାବି ଏହାର କାରଣ ଓ ନିରାକରଣ ଖୋଜିବାରେ ଲାଗିପଡିଛନ୍ତି। ଏହି କ୍ରମରେ ବିଶ୍ୱରେ କରୋନା ସଂକ୍ରମିତ ହୋଇଛ କି ନାହିଁ ସେନେଇ ବିଶେଷ ଭାବେ ଆରଟିପିସିଆର ଟେଷ୍ଟକୁ ସବୁଠାରୁ ଭରଶା ଯୋଗ୍ୟ ଟେଷ୍ଟ ଭାବେ ପରିଗଣିତ କରାଯାଉଛି। ଏହି ଆଇଟିପିସିଆର ଟେଷ୍ଟ ପରେ ଏହାର ରିପୋର୍ଟ ଆସିବାକୁ ଅନେକ ସମୟ ଲାଗୁଛି। ଏହି ସମସ୍ୟାରେ ସମାଧାନ ପାଇଁ ଚୀନ ଏବେ ଏକ ନିଆରା କୋଭିଡ ଟେଷ୍ଟିଂ ପ୍ରସ୍ତୁତ କରିଥିବା ଦାବି କରିଛି। ଚୀନ ଦାବି କରିଥିବା ଏହି ଟେଷ୍ଟି କିଟର ବିଶେଷତା ହେଉଛି କି ଏହି କଟି ମାଧ୍ୟମ




ରେ କୋଭିଡ ଟେଷ୍ଟ କରାକଗଲେ ମାତ୍ର ୪ମିନିଟରେ ତାର ଫଳାଫଳ ଜଣାପଡିବ। ଏହା ସହ ଏହା ଆରଟିପିସିଆର ଟେଷ୍ଟ ଭଳି ଭରଶାଯୋଗ୍ୟ ବୋଲି ଚୀନ ବୈଜ୍ଞାନିକମାନେ ଦାବି କରଛନ୍ତି। ଜାତୀୟ ଗଣମାଧମର ସୂଚନା ମୁତାବକ ବାୟୋ ମେଡିକାଲ ଇଂଜିନିୟରିଂ ଜର୍ନାଲରେ ସେମବାର ଦିନ ଏକ ପିଉର ରିଭ୍ୟୁ ଆର୍ଟିକିଲ ଏନେଇ ପ୍ରକାଶ ପାଇଛି । ଏନେଇ ବିଶେଷଜ୍ଞମାନେ କହିଛନ୍ତି କି ସାବରୁ ଜିନୋଟିକ ମେଟେରିଅଲର ବିଶ୍ଲେଷଣ କରିବାକୁ ମାଇକ୍ରୋଇଲେକ୍ଟ୍ରୋନିକ୍ସ ର ବ୍ୟବହାର କରୁଥିବା ଏହି କିଟର ସେନ୍ସର ଆରଟିପିସିଆର କିଟ ଠାରୁ କମ ସମୟରେ ଫଳାଫଳ ପ୍ରକାଶ କରିଥାଏ।ବିଶେଷଜ୍ଞମାନେ କହିଛନ୍ତି କି ଏହି ଟେଷ୍ଟିଂ କିଟ ଡେଭଲପ ହେବା ପରେ ଏହାକୁ ବିମାନ ବନ୍ଦର, ନିଜ ଘରେ ଟେଷ୍ଟ କରି ତୁରନ୍ତ ଫଳାଫଳ ପାଇପାରିବେ। କେବଳ ସେତିକି ନୁହେଁ ବିଶେଷଜ୍ଞଙ୍କ ମତରେ ଏହି କିଟ ଦ୍ୱାରା ଅନ୍ୟ ରୋଗ ବାବଦରେ ବି ଜଣାପଡିବ।

# ମୋଦୀଙ୍କ ବିବୃତ୍ତି ଉପରେ ପ୍ରତିକ୍ରିୟା ଦେଲେ ପି. ଚିଦାମ୍ବରମ୍

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଲୋକସଭା ପରେ ରାଜ୍ୟସଭ୍ୟରେ ପ୍ରାଧନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଙ୍ଗଳବାର ଦିନ କଂଗ୍ରେସ ଦଳ ଉପରେ କଡା ଆକ୍ରମଣ କରିଥିଲେ। ପ୍ରଧାନ୍ତ୍ରୀ ମୋଦୀ କହିଛନ୍ତି ଯେ ଯଦି ଏହି ଦେଶରେ କଂଗ୍ରେସ ଦଳ ନଥାନ୍ତା ତେବେ ଖରାପ ପରିସ୍ଥିତି ହୋଇନଥାନ୍ତା ପ୍ରଧାନ୍ତ୍ର ମୋଦୀଙ୍କ ବିବୃତ୍ତିରେ ପୂର୍ବତନ ଅର୍ଥମନ୍ତ୍ରୀ ତଥା କଂଗ୍ରେସର ବରିଷ୍ଠ ନେତା ପି ଚିଦାମ୍ବରମ ପ୍ରତିକ୍ରିୟା ଦେଇଛନ୍ତି। ସେ କହିଛନ୍ତି ଯେ ଯଦି କଂଗ୍ରେସ ନଥାନ୍ତା ତେବେ ଆମ ସମସ୍ତେ ଆଜି ରାଜ୍ୟସଭାରେ ବସି ନଥାନ୍ତି। ପ୍ରଧାନମନ୍ତ୍ରୀ ଙ୍କ ବିବୃତ୍ତିର ଉତ୍ତରରେ ପିଚିଦାମ୍ବରମ୍ କହିଛନ୍ତି ଯେ ଯଦି ଦେଶରେ କଂଗ୍ରେସ ନଥାନ୍ତା ତେବେ ଆଜି ରାଜ୍ୟସଭା ଭାରତ ସରକାର ଅଧିନିୟମ ଅନୁଯାୟୀ ପରିଷଦ ହୋଇଥାନ୍ତା



ଯେଉଁଠାରେ ବର୍ତ୍ତମାନ ର ଶାସକମାନେ ସାଧାରଣ ନାଗରିକଙ୍କ ବଦଳରେ ରାଜକୁମାର କିମ୍ବା ରାଣୀ ଏଲିଜାବେଥ୍ ସାମ୍ନରେ ଗୀତ ଗାଇଥାନ୍ତେ। ରାଜ୍ୟ ସଭାରେ ପ୍ରଧାନମନ୍ତ୍ରୀ ନରୋନ୍ଦ୍ର ମୋଦୀ କଂଗ୍ରେସକୁ ଟାର୍ଗେଟ କରି କହିଛନ୍ତି ଯଦି କଂଗ୍ରେସ ନଥାନ୍ତା ତେବେ କଣ ହୋଇଥାନ୍ତା ଏହା ହେଉଛି ଇଣ୍ଡିଆ ହେଉଛି ଇନ୍ଦିରା ହେଉଛି ଇଣ୍ଡିଆ ଚିନ୍ତାଧାରାର ଫଳାଫଳ। ମୁଁ ଆଶ୍ଚର୍ଯ୍ୟ ହେଉଛି ଯଦି କଂଗ୍ରେସ ନ ଥାନ୍ତା ତେବେ କଣ ହୋଇଥାନ୍ତା ? କାରଣ ମହାତ୍ମା ଗାନ୍ଧୀ ଏହା ଚାହୁଁ ଥିଲେ। ସେ ଜାଣିଥିଲେ ସେ ଯଦି ରହିବେ ତେବେ କଣ ଘଟିବ, ତେଣୁ ସେ ଏହାକୁ ନିଜ ସାମ୍ନାରେ ନଷ୍ଟ କରିବାକୁ ଚାହୁଥିଲେ। ପ୍ରଧାନ୍ତ୍ରୀମନ୍ତ୍ରୀ କହିଛନ୍ତି ଯେ ଯଦି କଂଗ୍ରେସ ନଥାନ୍ତା ତେବେ ଜରୁରୀକାଳୀନ ପରିସ୍ଥିତି ଉପୁଜି ନଥାନ୍ତା ତେବେ ଦଶନନ୍ଧି ଧରି ଦୁର୍ନୀତି ସଂସ୍ଥାପିତ ହୋଇନଥାନ୍ତା ଯଦି କଂଗ୍ରେସ ନଥାନ୍ତା, ଜାତିବାଦ ଏବଂ ଆଂଚଳିକ ପାର୍ଥକ୍ୟ ଏତେ ଗଭୀର ହୋଇଥାନ୍ତା ଏବଂ ଯଦି କଂଗ୍ରେସ ନଥାନ୍ତେ ତେବେ ପଞ୍ଜାବ ଆତଙ୍କବାଦରେ ନିଆଁରେ ପୋଡି ହୋଇ ନଥାନ୍ତା।

# ମହିଳାମାନେ ବିକିନି, ଓଢଣୀ, ଜିନ୍ସ କିମ୍ବା ହିଜାବ ପିନ୍ଧିବା ସେମାନଙ୍କର ଅଧିକାର:ପ୍ରିୟଙ୍କା ଗାନ୍ଧୀ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** କର୍ଣ୍ଣଟକର ଉଡ୍ଡୁପିରେ ଛାତ୍ରୀମାନେ କଲେଜରେ ହିଜାବ ପିନ୍ଧିଥିବା ନେଇ କ୍ଲାସରେ ବାରଣ ହେବା ପରେ ମାମଲା କୋର୍ଟରେ ପହଂଚିଛି। ଗୋଟିଏ ପଟେ କିଛି ଛାତ୍ରୀ ହିଜାବ ପିନ୍ଧିଥିବାରୁ କଲେଜ ପ୍ରଶାସନ ବିରୋଧରେ ବିରୋଧ କରୁଛନ୍ତି, ଅନ୍ୟ ପଟେ କିଛି ଛାତ୍ର ଗେରୁଆ ଗାମୁଛା ପିନ୍ଧି ଜୟ ଶ୍ରୀରାମ ନାରା ଦେଇ ହିଜାବକୁ ବିରୋଧ କରୁଛନ୍ତି। ଏହି ସମୟରେ କଂଗ୍ରେସର ବରିଷ୍ଠ ନେତା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଟ୍ୱିଟ କରି ଏହି ପ୍ରସଙ୍ଗରେନିଜର ପ୍ରତିକ୍ରିୟା ଦେଇଛନ୍ତି। ପ୍ରିୟଙ୍କା ଗାନ୍ଧୀ ଟ୍ୱିଟ୍ କରି ଲେଖିଛନ୍ତି ଯେ ବିକିନ ହେଉ କି ଓଢଣୀ କିମ୍ବା ଜିନ୍ସ ହେଉ ଅବା ହିଜାବ୍ ପିନ୍ଧନ୍ତୁ ସେ ଯାହା ପିନ୍ଧିବାକୁ ଚାହୁଁଛନ୍ତି ତାହା ନିଜେ ସ୍ଥିର କରିବା ମହିଳାଙ୍କ ଅଧିକାର। ଆମ ଦେଶର ସମ୍ବିଧାନା ଏହି ଗ୍ୟାରେଣ୍ଟି ଦେଇଛି। ମହିଳାମାନଙ୍କୁ ହଇରାଣ କରିବା ବନ୍ଦ



କରନ୍ତୁ। ଏହା ସହିତ ପ୍ରିୟଙ୍କା ଗାନ୍ଧୀ ହ୍ୟାସ୍ ଟ୍ୟାଗ୍ ଲଡିକ ହୁଁ ଲଢ ସକ୍ତି ହୁଁ ଲେଖିଛନ୍ତି। ସୂଚନାଯୋଗ୍ୟ ଯେ ଏହି ମାମଲା କର୍ଣ୍ଣଟକ ହାଇକୋର୍ଟରେ ବିଚାରଧିନ ଅଛି ଏବଂ କୋର୍ଟ ଏହି ମାମଲାର ଶୁଣାଣି ବେଳେ ମଙ୍ଗଳବାର ଦିନ କହିଛନ୍ତି ଯେ ଆମେ ଭାବନା ଏବଂ ଆବେଗ ଉପରେ ନିଷ୍ପତ୍ତି ନେବୁ ନାହିଁ ,ଦେଶର ସମ୍ବିଧାନ ଆମ ପାଇଁ ଭଗବଦ୍ ଗୀତା। ବାସ୍ତବରେ , କର୍ଣ୍ଣାଟକରେ କେତେକ କଲେଜରେ ହିଜାବକୁ ନେଇ ଏକ ପ୍ରଦର୍ଶନ ଆରମ୍ଭ ହୋଇଥିଲା, ଯେଉଁ ଥିପାଇଁ ଏକ ବଡ ବିବାଦ ଉପୁଜିଥିଲ। ଅନେକ ସ୍ଥାନ ରେ ପଥର ଫିଙ୍ଗିବା ଘଟଣା ମଧ୍ୟ ଖବର ପ୍ରକାଅ ପାଇଥିଲ। ଏହି ମାମଲା ପୁଣି ଥରେ କୋର୍ଟରେ ଶୁଣାଣି ହେବ। ମୁସଲିମ ଛାତ୍ରୀମାନେ ଦାବି କରୁଛନ୍ତି ଯେ ସେମାନଙ୍କୁ ଶ୍ରେଣୀ ଭିତରେ ହିଜାବ ପିନ୍ଧିବାକୁ ଦିଆଯାଉ। ଛାତ୍ରୀମାନେ କହିଛନ୍ତି ଯେ ଏହା କେବଳ କପଡାଖଣ୍ଡ ନୁହେଁ ପିଲାଦିନରୁ ଆମେ ଏହାକୁ ପିନ୍ଧି ଆସୁଛୁ।ଏଥି ସହିତ ଛାତ୍ରୀମାନେଙ୍କ ଏହି ଆନ୍ଦୋଳନକୁ କଂଗ୍ରେସ ସମର୍ଥନ କରୁଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ସିଦ୍ଧରମୟା ରାହୁଲ ଗାନ୍ଧୀ ଶଶି ଥରୁର ମଧ ଛାତ୍ରୀମାନଙ୍କୁ ସମର୍ଥନ କରିଛନ୍ତି।

# ଜନଧନ ଆକାଉଣ୍ଟକୁ ଆସିଥିବା ୧୫ଲକ୍ଷ ଟଙ୍କାରେ ଘର ତୋଳିଲେ କୃଷକ; ବ୍ୟାଙ୍କ୍ କହୁଛି- ଭୁଲ୍‌ରେ ଆସିଥିଲା, ଟଙ୍କା ଫେରାଅ

**ଔରଙ୍ଗାବାଦ୍(ସଂପର୍କବାର୍ତ୍ତା):-** ଜନଧନ ଆକାଉଣ୍ଟକୁ ଆସିଥିବା ୧୫ଲକ୍ଷ ଟଙ୍କାରେ ଘର ତୋଳିବା ସାରିଥିବା ଜଣେ କୃଷକଙ୍କ ଘରକୁ ଏବେ ବ୍ୟାଙ୍କ୍ କର୍ମଚାରୀମାନେ ଆସି କହୁଛନ୍ତି କି ଭୁଲକ୍ରମେ ତାଙ୍କ ଖାତାରେ ଟଙ୍କା ଜମା ହୋଇଯାଇଥିଲେ। ଫେରାଇ ଦିଅନ୍ତୁ। ପ୍ରାପ୍ତ ସୂଚନା ଅନୁସାରେ ,ମହାରାଷ୍ଟ୍ର ରାଜ୍ୟର ଔରଙ୍ଗାବାଦ ଜିଲ୍ଲା ଅନ୍ତର୍ଗତ ପୈଠକ ଗ୍ରାମର ବାସିନ୍ଦା ଜ୍ଞାନେଶ୍ୱର ଜନାର୍ଦ୍ଦନ ଓଟେଙ୍କ ବ୍ୟାଙ୍କ୍ ଅଫ୍ ବରୋଦାରେ ଥିବା ତାଙ୍କ ଜନଧନ ଆକାଉଣ୍ଟକୁ ୨୦୨୧ଅଗଷ୍ଟ ୧୭ତାରିଖର ୧୫ଲକ୍ଷ ୩୪ଲକ୍ଷ ୩୪ହଜାର ୬୨୪ଟଙ୍କା ଆସିବା ଜାଣି ଚମ୍ଭକୃତ ହୋଇଥିଲେ। ବିସ୍ମିତ ଜ୍ଞାନେଶ୍ୱର କିଛି ମାସ ଅପେକ୍ଷା କଲେ କିନ୍ତୁ ଆକାଉଣ୍ଟର




ଫେରସ୍ତ ନିଆଗଲା ନାହିଁ କି ଏ ସଂକ୍ରାନ୍ତ ରେ କେହି ତାଙ୍କ ସହ କୌଣସି ପ୍ରକାର ଯୋଗାଯୋଗ କଲେ ନାହିଁ।ଏହାପରେ ତାଙ୍କ ମନକୁ ଆସିଲା ଯେ, ତାଙ୍କ ଆକାଉଣ୍ଟକୁ ୧୫ଲକ୍ଷ ଟଙ୍କା ଟ୍ରାନ୍ସଫର କରି ୨୦୧୪ରେ ପ୍ରଧାନମନ୍ତ୍ରୀ ଦେଇଥିବା ପ୍ରତିଶ୍ରୁତି ପୂରଣ କରିଛନ୍ତି। ଆନନ୍ଦରେ ସେ ନୂଆ ଘରଟିଏ ତୋଳିବା ପାଇଁ ୯ଲକ୍ଷ ଟଙ୍କା ଉଠାଇଲେ। ଧନ୍ୟବାଦ ଜ୍ଞାପନ କରି ସେ ପ୍ରଧାନମନ୍ତ୍ରୀଙ୍କୁ ସେ ବାବଦରେ ଚିଠି ଲେଖିଲେ। କିନ୍ତୁ ଅସଲ କଥା ହେଲା ପିମ୍ପଲ୍ ଓ୍ୱାଡି ଗ୍ରାମ ପଂଚାୟତ ପାଇଁ ଉକ୍ତ ଟଙ୍କା ଭୁଲକ୍ରମେ ଜ୍ଞାନେଶ୍ୱରଙ୍କ ଆକାଉଣ୍ଟରେ ଜମା ହୋଇଥିଲା କିଛି ମାସ ପରେ ବ୍ୟାଙ୍କର ଅଭ୍ୟନ୍ତରୀଣ ତଦନ୍ତରୁ ଜଣାପଡିଲା ଯେ, ଭୁଲ୍ ଆକାଉଣ୍ଟରେ ପୈଠ ହୋଇଯାଇଥିଲେ ।ତାଙ୍କ ଆକାଉଣ୍ଟରେ ଥିବା ବାକି ୬ଲକ୍ଷ ଟଙ୍କା ବ୍ୟାଙ୍କ ଫେରାଇ ନେଇଥିଲା କିନ୍ତୁ ଏବେ ବ୍ୟାଙ୍କ ଫେରାଇ ନେଇଥିଲା କିନ୍ତୁ ଏବେ ବ୍ୟାଙ୍କ୍ କର୍ମଚାରୀମାନେ ଜ୍ଞାନେଶ୍ୱରଙ୍କୁ ଅନୁରୋଧ କରି କହୁଛନ୍ତି କି ସେ ନୂଆ ଘର ତିଆରିରେ ବ୍ୟୟ କରିଥିବା ୯ଲକ୍ଷ ଟଙ୍କା ଫେରସ୍ତ ଦିଅନ୍ତୁ।

# ଶିକ୍ଷା ସହାୟକ ପଦ ଲାଗି ଆବେଦନକାରୀଙ୍କୁ ପିଛିଲା ଭାବେ ନିୟମିତ ନିଯୁକ୍ତ ପାଇଁ ନିର୍ଦ୍ଦେଶ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ସର୍ବଶିକ୍ଷା ଅଭିଯାନରେ ଶିକ୍ଷା ସହାୟକ ପଦ ନିଯୁକ୍ତି ପ୍ରସଙ୍ଗରେ ଓଡିଶା ଉଚ୍ଚ ନ୍ୟାୟାଳୟ ଦୁଇ ଜଣିଆ ଖଣ୍ଡପୀଠଙ୍କ ନିର୍ଦ୍ଦେଶନାମାକୁ ବଦାଳଇ ଦେଇଛନ୍ତି ସର୍ବୋଚ୍ଚ ନ୍ୟାୟାଳୟ। ଶିକ୍ଷା ସହାୟକ ପଦରେ ନିଯୁକ୍ତିଲାଗି ବାଲେଶ୍ୱର ଜିଲ୍ଲାରେ ୨୦୦୬ରେ ଆବେଦନ କରିଥିବା ଶକ୍ତିପଦ ମହାପାତ୍ର ନାମକ ଜଣେ ଆବେଦନାକାରୀଙ୍କୁ ପିଛିଲା ଭାବେ ୨୦୦୬ରୁ ନିୟମିତ ନିଯୁକ୍ତି ପ୍ରଦାନ ସହ ସମସ୍ତ ପ୍ରାପ୍ୟ ପ୍ରଦାନ କରିବାକୁ ସର୍ବୋଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଜାରି କରିଛନ୍ତି। ଏଥିସହ ଚାକିରିରେ ତାଙ୍କ ବରିଷ୍ଠତା ବଜାୟ ରହିବ ବୋଲି ବିଚାର ପତି ଅଜୟ ରସ୍ତୋଗୀ ଏବଂ ବିଚାରପତି ଅଭୟ ଏସ ଓକାଙ୍କ ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି। ପୂର୍ବରୁ ଏହି ମାମଲାରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ବିଚାରପତି ଇନ୍ଦ୍ର ମାଲହୋତ୍ରା ଏବଂ ବିଚାରପତି ଅହୟ ରସ୍ତୋଗୀଙ୍କ ଖଣ୍ଡପଠୀ ଦୀର୍ଘ ସମୟ ଧରି କୌଣସୁ ମାମଲା ବିଚାର ହୋଇନପାରି ପଡି ରହିବାଘଟଣାରେ ଆବେଦନକାରୀ ଦଣ୍ଡ ପାଇବା ଅନୁଚିତ ବୋଲି ଟିପ୍ପଣୀ କରିଥିଲେ। ସରକାରୀ ଚାକିରି ଲାଗି ଆବେଦନକାରୀ ଶକ୍ତିପଦ ମହାପାତ୍ରଙ୍କ ବୟସ ୫୧ବର୍ଷ ହୋଇଥିବା ଦର୍ଶାଇ ଓଡିଶା ଉଚ୍ଚ ନ୍ୟାୟାଳୟ ଆବେଦନକାରୀଙ୍କ ଆବେଦନକୁ ଖାରଜ କରିଥିବା ପରିପ୍ରେକ୍ଷୀରେ ସର୍ବୋଚ୍ଚ ନ୍ୟାୟାଳୟ ଏଭଳି ମତ ରଖିଥିଲେ। ମାମଲାର ବିବରଣୀରୁ ପ୍ରକାଶ ଯେ ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅଂଚଳର ଶକ୍ତିପଦ ମହାପାତ୍ର ୨୦୦୬ରେ ଶିକ୍ଷା ସହାୟକ ପଦ ଲାଗି ଆବେଦନ କରିଥିଲେ। ଶକ୍ତିପଦକୁ ୮୭୯ନମ୍ବର ମିଳିଥିବା ବେଳେ ୭୫୬,୭୩୭,୭୩,୭୨୫ନମ୍ବର ରଖିଥିବା ପ୍ରାର୍ଥୀଙ୍କୁ ଚାକିରି ମିଳିଥିଲା ଓଡିଶା ଉଚ୍ଚ ନ୍ୟାୟାଳୟ ପ୍ରଥମେ୨୦୦୮ରେ ତାଙ୍କ ରିଟ ଆବେଦନର ଶୁଣାଣି କରି ବାଲେଶ୍ୱର ଜିଲ୍ଲାପାଳ ଏବାବଦରେ ନିଷ୍ପତି ନେବାକୁ ନିର୍ଦ୍ଦେଶ ଦେଇଥିଲେ। ୨୦୧୩ରେ ଉଚ୍ଚ ନ୍ୟାୟାଳୟଙ୍କ ଜଣିକିଆ ଖଣ୍ଡପୀଠ ଏବଂ ୨୦୧୯ରେଦୁଇ ଜଣିଆ ଖଣ୍ଡପୀଠ ଶକ୍ତିପଦଙ୍କ ଆବେଦନକୁ ଉଚ୍ଚ ନ୍ୟାୟାଳୟର ଦୁଇ ଜଣିଆ ଖଣ୍ଡପଠୀ ଖାରଜ କରିଥିଲେ ସର୍ବୋଚ୍ଚ ନ୍ୟାୟାଳୟରେ ଶକ୍ତିପଦଙ୍କ ତରଫରୁ ଆଇନଜୀବୀ ଦୀପକୁ କୁମାର ଜେନା ମାମଲା ପରିଚାଳନା କରୁଥିଲେ।

## ପ୍ରଥମ ପୃଷ୍ଠାରୁ...

### କଂଗ୍ରେସ...

ସେପ୍ଟେମ୍ବରରେ ଶେଷ ଥର ପାଇଁ ଭଡା ଆଦାୟ ହୋଇଥିଲା। ଏହା ପର ଠାରୁ ମାସିକ ୪୬୧୦ ହିସାବରେ ୭୮ହଜାର ଟଙ୍କା ଭଡା ବାକି ରହିଛି। ସୁଜିତ୍ ପଟେଲ୍ ନାମକ ଜଣେ ସୂଚନା ଅଧିକାରୀଙ୍କ ପ୍ରଶ୍ନରୁ ଏହି ତଥ୍ୟ ଉପଲବ୍ଧ ହୋଇଥିବା ପ୍ରକାଶ କରାଯାଇଛି। ସେହିପରି ଆକବର ରୋଡ୍‌ସ୍ଥିତ କଂଗ୍ରେସ ମୁଖ୍ୟାଳୟର ଭଡା ବାବଦ ୧୨ଲକ୍ଷ ୬୯ ହଜାର ୯୦୨ ଟଙ୍କା ବାକି ରହିଛି। ୨୦୧୨ ଡିସେମ୍ବରରୁ ଏହା ଆଦାୟ ହେଉନାହିଁ। ସୋନିଆଙ୍କ ସଚିବ ଭିନ୍‌ସେନ୍ ଜର୍ଜଙ୍କ ଚାଣକ୍ୟପୁରୀ ସ୍ଥିତ ବାସଭବନର ଭଡା ୨୦୧୩ ଅଗଷ୍ଟରୁ ଆଦାୟ ହୋଇନଥିବା ବେଳେ ବକେୟା ପରିମାଣ ୫ଲକ୍ଷ ୭ହଜାର ୯୧୧ ଟଙ୍କା ରହିଛି। ସୂଚନାଯୋଗ୍ୟ ଯେ, କଂଗ୍ରେସକୁ ନୂଆ କାର୍ଯ୍ୟାଳୟ ପାଇଁ ରୋଜ୍ ଆଭିନ୍ୟୁଠାରେ ୨୦୧୦ ଜୁନ୍‌ରୁ ନୂଆ ଜମି ମିଳିଛି। ସେଠାରେ ୩ ବର୍ଷ ମଧ୍ୟରେ ଘର ତିଆରି କରାଯିବାର ଥିଲେ ମଧ୍ୟ ତାହା ହୋଇପାରିନାହିଁ। ଯାହାଫଳରେ କଂଗ୍ରେସକୁ ଆକବର ରୋଡ୍ କାର୍ଯ୍ୟାଳୟ ଖାଲି କରିବାକୁ ମଧ୍ୟ ନୋଟିସ୍ ହୋଇଛି। ଏହି ଖବର ସମସ୍ତ ପାଠକମାନେ ଜାଣିବା ପରେ କଂଗ୍ରେସକୁ ଭୋଟ ଦେବା ଉଚିତ୍ ହେବ ନାହିଁ ଓ ଭୋଟଗୁଡିକ ପାଣିରେ ପଡିବ ବୋଲି ଅଭିଯୋଗ କରାଯାଉଛି।

### କଟକଣାରେ...

ନିଷ୍ପତ୍ତି ନିଆଯାଇଛି। ବୈଠକରେ ହୋଇଥିବା ନିଷ୍ପତି ଅନୁସାରେ ଶାନ୍ତି ଶୃଙ୍ଖଳାରେ ଜାଗର ଯାତ୍ରା ସଂପନ୍ନ କରାଯିବା ଶ୍ରୀଲିଙ୍ଗରାଜ ମନ୍ଦିର ସେବାୟତଙ୍କ ଉପସ୍ଥିତିରେ ମହାଶିବରାତ୍ରି ପାଇଁ ଏକାଧିକ ନିଷ୍ପତ୍ତି ନିଆଯାଇଛି। ଓଡିଶା ସମେତ ରାଜଧାନୀ ଭୁବନେଶ୍ୱରରେ କରୋନା ଭାଇରସ୍‌ର ଜାଗର ଯାତ୍ରା ସଂପନ୍ନ କରାଯିବ। ଓଡିଶା ସମେତ ରାଜଧାନୀ ଭୁବନେଶ୍ୱରରେ କରୋନା ଭାଇରସର ୩ୟ ଲହର ହ୍ରାସ ପାଇଛି। କରୋନା ସଂକ୍ରମିତଙ୍କ ସଂଖ୍ୟା କମ୍ ହୋଇଥିବାରୁ ଭୁବନେଶ୍ୱରରେ ଆସନ୍ତା ୧୨ତାରିଖ ଠାରୁ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ସମେତ ଅନ୍ୟ ସମେତ ଅନ୍ୟ ଧର୍ମାନୁଷ୍ଠାନ ଖୋଲିବ। ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି। କରୋନା କଟକଣା ନେଇ ଭୁବନେଶ୍ୱରରେ ସମସ୍ତ ଧର୍ମାନୁଷ୍ଠାନଗୁଡିକ ଖୋଲିବା ପାଇଁ ବିଏମ୍‌ଏସ୍ ଆଦେଶନାମା ଜାରି କରିଛି। ଆଦେଶନାମାରେ କୁହାଯାଇଛି ଯେ, ଯେଉଁମାନେ କରୋନା ଟିକାର ଉଭୟ ଡୋଜ୍ ନେଇ ସାରିଥିବେ, ସେମାନେ ଧର୍ମାନୁଷ୍ଠାନ ଭିତରକୁ ପ୍ରବେଶ କରିପାରିବେ। ଚଳିତ ମାସ ୧୨ତାରିଖ ଠାରୁ ଶ୍ରୀଲିଙ୍ଗରାଜ ସମେତ ଭୁବନେଶ୍ୱରରେ ଥିବା ଅନ୍ୟ ମନ୍ଦିର, ମସ୍‌ଜିଦ୍, ଚର୍ଚ୍ଚ,ଗୁରୁଦ୍ୱାର ଓ ଅନ୍ୟ ଧର୍ମାନୁଷ୍ଠାନ ଗୁଡିକ ଖୋଲିବ। ଧର୍ମାନୁଷ୍ଠାନ ଗୁଡିକରେ କୋଭିଡ-୧୯ ଗାଇଡଲାଇନ୍ ପାଳନ କରିବାକୁ ହେବ।

### ଜିଲ୍ଲାପାଳ...

ନିର୍ବାଚିତ ହୋଇଛନ୍ତି। ପ୍ରତି ପଂଚାୟତ ପାଇଁ ଜଣେ ଲେଖା ସେକ୍ଟର ଅଫିସର , ବିଡିଓ ତଥା ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ନିୟୋଜିତ ହୋଇଛନ୍ତି । ଜିଲ୍ଲାରେ ୭୫୦ଟି ସମ୍ବେଦନଶୀଳ ଓ ୨୨୯ ଟି ଅତିସମ୍ବେଦନଶୀଳ ବୁଥ୍ ଚିହ୍ନଟ କରାଯାଇଛି । ଜିଲ୍ଲାରେ ୬୧୫ଟି ବୁଥ୍‌ରେ ମହିଳା ପୋଲିଂ ପାର୍ଟିଙ୍କୁ ନିୟୋଜିତ କରାଯାଇଛି । ୮ଟି ବ୍ଲକରେ ୮ଟି ଡିସ୍‌ପରସାଲ ସେଣ୍ଟର କରାଯାଇଛି । ଷ୍ଟ୍ରଙ୍ଗରୁମ୍ ଓ କାଉଣ୍ଟି ହଲ୍‌ରେ ସିସିଟିଭି ବ୍ୟବସ୍ଥା କରାଯାଇଛି । ସମସ୍ତ ସେନ୍‌ସିଟିଭ୍ ଓ ହାଇପର ସେନ୍‌ସିଟିଭ୍ ବୁଥ୍‌ରେ ଭିଡିଓଗ୍ରାଫି କରାଯିବ । ନିର୍ବାଚନ ଆରମ୍ଭର ୩୬ ଘଣ୍ଟା ପୂର୍ବରୁ ନିର୍ବାଚନ ପ୍ରଚାର ବନ୍ଦ ରହିବ । ସେହିପରି ନିର୍ବାଚନ ଆରମ୍ଭର ୪୮ ଘଣ୍ଟା ପୂର୍ବରୁ ସଂପୃକ୍ତ ଅଞ୍ଚଳରେ ମଦ ଦୋକାନ ବନ୍ଦ ରହିବ । ସମସ୍ତ ବୁଥ୍ ପାଇଁ ଜଣେ ପୋଲିସ ପର୍ସୋନେଲ୍ ନିୟୋଜିତ ହେବେ । ଜିଲ୍ଲାରେ କୋଭିଡ୍-୧୯ କଟକଣା ମାର୍ଗଦର୍ଶିକା ଅନୁଯାୟୀ ନିର୍ବାଚନ ଅନୁଷ୍ଠିତ ହେବ । ଏହି ବୈଠକରେ ସାଧାରଣ ପର୍ଯ୍ୟବେକ୍ଷକ ବିମଳେନ୍ଦୁ ରାୟ ଯୋଗଦେଇ କହିଲେ ସେକ୍ଟର ଅଫିସର ମାନେ ପ୍ରିଜାଇଡିଂ ଅଫିସରମାନଙ୍କୁ ଗାଇଡ୍ କରିବେ । ଜିଲ୍ଲା ପଂଚାୟତ ଅଧିକାରୀ ଚକ୍ରଧର ମାହାଳି କାର୍ଯ୍ୟସୂଚୀ ଅନୁଯାୟୀ ବିଶଦ୍ ଭାବେ ଆଲୋଚନା କରିଥିଲେ । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ, ପାରାଦ୍ୱୀପ କାହ୍ନୁଚରଣ ଧୀର, ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ ଚିନ୍ମୟୀ ବିଶ୍ୱାଳ, ପ୍ରକଳ୍ପ ନିର୍ଦ୍ଦେଶକ ସରୋଜକାନ୍ତ ମହାନ୍ତି, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ଜଗତସିଂହପୁର ଉମେଶ କୁମାର ପଣ୍ଡା, ପାରାଦ୍ୱୀପ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ନିମାଇଁ ଚରଣ ସେଠୀ, ଉପ-ଜିଲ୍ଲାପାଳ ଧର୍ମେନ୍ଦ୍ର ମଲ୍ଲିକ, ଡି.ଏସ୍.ପି, ଡିଆଇବି, ସମସ୍ତ ବ୍ଲକର ବି.ଡି.ଓ, ତହସିଲଦାର, ସମସ୍ତ ଥାନାର ଆଇ.ଆଇ.ସି, ପୋଲିସ ଅଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଶେଷରେ ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିବାଦୀୟ ବିଚାରପତି ପୁଷ୍ପାଙ୍କ ଇସ୍ତଫା

**ମୁମ୍ବଇ(ସଂପର୍କବାର୍ତ୍ତା):-** ଯୌନ ନିର୍ଯାତନା ସମ୍ପର୍କିତ ମାମଲାରେ ବିବାଦୀୟ ରାୟ ଦେଇ ସମାଲୋଚିତ ହୋଇଥିବା ବମ୍ବେ ଉଚ୍ଚ ନ୍ୟାୟାଳୟ ବିଚାରପତି ପୁଷ୍ପା ଗାନେଡିଓାଲା ଚାକିରିରୁ ଇସ୍ତଫା ଦେଇଛନ୍ତି ତାଙ୍କ ଇସ୍ତଫ୍‌ପତ୍ର ଗୁରୁବାର ଗୃହୀତ ହୋଇଥିବା ସୂଚନା ମିଳିଛି। ପୁଷ୍ପା ସମ୍ପ୍ରତି ବମ୍ବେ ଉଚ୍ଚ ନ୍ୟାୟାଳୟର ନାଗପୁର ପୀଠରେ ଅତିରିକ୍ ବିଚାରପତି ଥିବାବେଳେ ବିବାଦୀୟ ରାୟ ଯୋଗୁଁ ସର୍ବୋଚ୍ଚ ନ୍ୟାୟାଳୟ କଲେଜିୟମ ତାଙ୍କ ନିଯୁକ୍ତିକ ସ୍ଥାୟୀ କରି ନ ଥିଲେ କିମ୍ବା



ନିଯୁକ୍ତ ଅବଧ ବୃଦ୍ଧିକରି ନ ଥିଲେ ; ତେଣୁ କାର୍ଯ୍ୟକାଳ ଶେଷ ହେବାର ଦିନକ ପୂର୍ବରୁ ସେ ଇସ୍ତଫା ଦେଇଛନ୍ତି। ମନ୍ଦ ଉଦ୍ଦେଶ୍ୟ ରଖି ଚର୍ମ ସ୍ପର୍ଶ କଲେ ଯାଇ ଏହା ପକ୍ସୋ ଆଇନାନୁ ସାରେ ଯୌନ ଅପରାଧ ପଦବାଚ୍ୟ ହେବ ବୋଲି ଏକ ମାମଲାରେ ପୁଷ୍ପ ରାୟ ଦେଇଥିଲେ। ସେହିପରି ନାବାଳିକାର ହାତକୁ ଧରି ପୁରୁଷ ନିଜ ପ୍ୟାଣ୍ଟ ଜିପ୍ ଖୋଲିଲେ ମଧ୍ୟ ଯୌନ ନିର୍ଯାତନା ନୁହିଁ ବୋଲି ସେ ରାୟ ଦେଇଥିଲେ। ଯାହାକୁ ନେଇ ବିତର୍କ ହୋଇଥିଲା ଏବଂ ସର୍ବୋଚ୍ଚ ନ୍ୟାୟାଳୟ ଏହି ରାୟକୁ ଖାଇଜ କରିଥିଲେ। ୨୦୨୧ଫେବୃଆରୀରେ ସର୍ବୋଚ୍ଚ ନ୍ୟାୟାଳୟ କଲେଜିୟମ ପୁଷ୍ପା ଗୁରୁବାର ଇସ୍ତଫା ସଂକ୍ରାନ୍ତ ନିର୍ଦ୍ଦେଶନାମାକୁ ପ୍ରତ୍ୟାହାର କରିନେବା ସହ ଅତିରିକ୍ତ ବିଚାରପତି ଭାବେ ନିଯୁକ୍ତି ଅବଧି ଗୋଟିଏ ବର୍ଷ ବୃଦ୍ଧି କରିଥିଲେ ଏହି ନିଯୁକ୍ତି କାର୍ଯ୍ୟକାଳ ଶୁକ୍ରବାର ଶେଷ ହେଉଥିବାବେଳେ ପୁଷ୍ପା ଗୁରୁବାର ଇସ୍ତଫା ଦେଇଛନ୍ତି। ଇସ୍ତଫା ଦେଇ ନ ଥିଲେ ଜିଲ୍ଲା ବିଚାରପତି ପାହ୍ୟାକୁ ତାଙ୍କର ପଦାବନତି ଘଟି ଥାଆନ୍ତା। ଭବିଷ୍ୟତରେ ସେ ଏକ ଘରୋଇ ଆଇନ ବ୍ୟବସାୟ ପ୍ରତିଷ୍ଠାନରେ କାର୍ଯ୍ୟ କରିବେ ବୋଲି ସୂଚନା ମିଳିଛି।

# ବିମାନରେ ମହିଳା ଯାତ୍ରୀଙ୍କୁ ଦୁଷ୍କର୍ମ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଆମେରିକାର ନ୍ୟୁ ଜର୍ସିରୁ ଲଣ୍ଡନ ଯାଉଥିବା ବିମାନରେ ମହିଳାଙ୍କୁ ଦୁଷ୍କର୍ମ ଅଭିଯୋଗ। ବିମାନର ବିଜନେସ୍ କ୍ଲାସ୍‌ରେ ପୀଡିତା ଯାତ୍ରା କରୁଥିଲେ। ମହିଳାଙ୍କୁ ଦୁଷ୍କର୍ମ ଅଭିଯୋଗ। ବିମାନର ବିଜନେସ୍ କ୍ଲାସ୍‌ରେ ପୀଡିତା ଯାତ୍ରା କରୁଥିଲେ । ମହିଳାଙ୍କୁ ଦୁଷ୍କର୍ମ କରିଥିବ। ଅଭିଯୁକ୍ତକୁ ବ୍ରିଟେନ୍ ପୋଲିସ ଗିରଫ କରିନେଇଥିଲାତେବେ ଗିରଫ କରିବାର ଅଳ୍ପ ସମୟ ମଧ୍ୟରେ ଛାଡ଼ି ଦେଇଛି। ଦ ସନ୍ ର ରିପୋର୍ଟ ଅନୁସାରେ



ଘଟଣା ସମୟରେ ବିମାନରେ ଅନ୍ୟ ଯାତ୍ରୀମାନେ ଶୋଇଥିଲେ। ପରେ ପୀଡିତ ମହିଳା ୟୁନାଇଟେଡ୍ ଏୟାରଲାଇନ୍ସର ବିମାନର ଷ୍ଟାଫ୍ ଙ୍କ ଆଗରେ ଅଭିଯୋଗ କରିଥିଲେ। ଏହାପରେ ବିମାନର ଷ୍ଟାଫ୍‌ମାନେ ବ୍ରିଟେନ୍ ପୋଲିସକୁ ସୂଚନା ଦେଇଥିଲେ। ଲଣ୍ଡନ ପର୍ଯ୍ୟନ୍ତ ପହଁଚିବାକୁ ବିମାନକୁ ପ୍ରାୟ ୭ଘଣ୍ଟା ସମୟ ଲାଗିଥାଏ। ବ୍ରିଟେନର ହିଥ୍ରୋରେ ବିମାନ ଲ୍ୟାଣ୍ଡ କରିବା ପରେ ପୋଲିସ ଅଧିକାର ବିମାନରେ ପହଁଚିଥିଲେ ଓ ଅଭିଯୁକ୍ତଙ୍କୁ ଗିରଫ କରିନେଇଥିଲେ। ପୀଡିତାଙ୍କୁ ଦୁଷ୍କର୍ମ କାଉନସେଲିଂରେ ନିଆଯାଇଥିଲା ଓ ଅଧିକାରୀମାନେ ବିମାନ ଲ୍ୟାଣ୍ଡ କରିବା ପରେ ପୋଲିସ ଅଧିକାରୀ ବିମାନରେ ପହଁଚିଥିଲେ ଓ ଅଭିଯୁକ୍ତଙ୍କୁ ଗିରଫ କରିନେଇଥିଲେ। ପୀଡିତାଙ୍କୁ ଦୁଷ୍କର୍ମ କାଉନସେଲିଂରେ ନିଆଯାଇଥିଲା ଓ ଅଧିକାରୀମାନେ ବିମାନରେ ଫରେ ନସିକ୍ ପାଂଚ ମଧ କରିଛନ୍ତି। ତେବେ ଏହି ମାମଲାରେ ଗତ ସପ୍ତାହର,ପୀଡିତା ଓ ଅଭିଯୁକ୍ତଙ୍କ ବୟସ ୪୦ବର୍ଷ ବୋଲି କୁହାଯାଉଛି। ରିପୋର୍ଟ ଅନୁସାରେ, ପୀଡିତା ଓ ଅଭିଯୁକ୍ତ ବ୍ରିଟେନର ବୋଲି ଜଣାପଡିଛନ୍ତି। ଅଭିଯୁକ୍ତ ଓ ପୀଡିତା ବିଜନେସ୍ କ୍ଲାସରେ ଥିଲେ କିନ୍ତୁ ଦୁହିଁଙ୍କର ସିଟ୍ ଅଲଗା ଅଲଗା ସ୍ଥାନରେ ଥିଲା ଦୁହେଁ ପୂର୍ବରୁ ପରସ୍ପରକୁ ଜାଣିନଥିଲେ, କିନ୍ତୁ ଘଟଣା ପୂର୍ବରୁ ଲାଉଞ୍ଜ ଏରିଆରେ ପୀଡିତା ଓ ଅଭିଯକ୍ତି ଏକାଠି ମଦ ପିଇଥିଲେ ଓ କଥା ହୋଇଥିଲେ।

RNI Regd No : ODIODI/2016/74122
ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ
ଫେବୃୟାରୀ ୧୪ ରୁ ୨୦, ୨୦୨୨, ଜଗତସିଂହପୁର
February 14 to 20, 2022, Jagatsinghpur
ସଂପର୍କବାର୍ତ୍ତା
SAMPARK BARTA
ODIA WEEKLY
www.samparkabarta.in





# ଆସ ଭୋଟ ଦେବା

ଆସନ୍ତା ୧୬ ତାରିଖରେ ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ପଞ୍ଚାୟତ ନିର୍ବାଚନ ପାଇଁ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ସୂଚନାଥାଉକି ୧୬ ତାରିଖ ପ୍ରଥମ ପର୍ଯ୍ୟାୟରେ ୨୦୨ ଜିଲ୍ଲା ପରିଷଦ ଜୋନର ୧୬୬୯ଟି ପଞ୍ଚାୟତରେ ନିର୍ବାଚନ ହେବ । ୩୦ ଜିଲ୍ଲାର ୭୧ ବ୍ଲକ ଅନ୍ତର୍ଗାତ ୨୦୨ ଜିଲ୍ଲା ପରିଷଦ ଆସନ, ୧୬୬୯ ସରପଞ୍ଚ, ୧୬୬୯ ସମିତିସଭ୍ୟ, ୨୨୩୭୯ ୱାର୍ଡ଼ ମେମ୍ବର ପଦବୀ ପାଇଁ ଭୋଟ ଅନୁଷ୍ଠିତ ହେବ । ଏଥିରେ ମୋଟ ୬୭ ଲକ୍ଷ ୫୧ ହଜାର ୦୬୮ ଜଣ ଭୋଟର ନିଜର ମତ ଦେବେ ।

ଏଥିପାଇଁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ହୋଇଥିବା କୁହାଯାଇଛି । ଏସବୁ ବ୍ୟବସ୍ଥା ଏକ ସୁସ୍ଥ ଓ ହିଂସାକାଣ୍ଡରହିତ ମତଦାନ କରାଇବା ନେଇ ଉଦ୍ଦିଷ୍ଟ । ଏହାସତ୍ତ୍ୱେ ଯଦି ଭୋଟର ମତଦାନ କେନ୍ଦ୍ରକୁ ଆସି ତାଙ୍କ ମତସାବ୍ୟସ୍ତ ନକରିବେ, ତେବେ ସେମାନେ ନିଜ ନିଜକୁ ତାଙ୍କ ମୌଳିକ ଅଧିକାରରୁ ବଞ୍ଚିତ କରୁଛନ୍ତି ବୋଲି ବୁଝିବା ଉଚିତ । କେତେକ ସ୍ଥାନରେ ବିକାଶ ସଠିକ୍ ହୋଇନି ଓ ସରକାର ଏସବୁ ଅଞ୍ଚଳରେ ବିକାଶ ପାଇଁ କିଛି କରିନଥିବା ଅଭିଯୋଗ ଉଠାଇ ସେଠାକାର ମତଦାତା ଭୋଟବର୍ଜନ କରିବାକୁ ନିଷ୍ପତ୍ତି ନେଇଛନ୍ତି । ମାତ୍ର ଏହା ଠିକ୍ ନୁହେଁ । ପ୍ରତ୍ୟେକ ବ୍ୟକ୍ତିଙ୍କୁ ମତଦାନ କରିବାର ଅଧିକାର କେଉଁ ନେତା, ରାଜନୈତିକ ଦଳ କିମ୍ବା ନିର୍ଦ୍ଦିଷ୍ଟ ଏକ ସରକାର ଦେଇନାହାନ୍ତି ବରଂ ଦେଇଛି ଆମ ସମ୍ବିଧାନ ଓ ସଂସଦୀୟ ବିଧିବ୍ୟବସ୍ଥା । କୌଣସି ଦଳ କିଛି କରିନାହାନ୍ତି ବୋଲି ଅଭିମାନ କରି ଭୋଟବର୍ଜନ କରିବା ନିଷ୍ପତ୍ତି ଏକ ଦୁର୍ବଳ



ଏଭଳି ପ୍ରାର୍ଥୀଙ୍କୁ ପରାଜିତ କରିବା ଜନତାଙ୍କ ଦାୟିତ୍ୱ । ଗଣତନ୍ତ୍ରର ପ୍ରକୃତ କ୍ଷମତା ନିଶ୍ଚିତ ରୂପେ ଗଣଙ୍କ ହାତରେ । କିନ୍ତୁ ଏହାର ଉପଯୁକ୍ତ ବ୍ୟବହାର ଅମେ କରୁନଥିବାରୁ ସରକାର ଓ ପ୍ରଶାସନ ବାଟବଣା ହେଉଛନ୍ତି । ଜନପ୍ରତିନିଧି ଜନତାଙ୍କ ଠାରୁ କରଛଡ଼ା ଦେଉଛନ୍ତି । ଯଦି ଜଣେ ସ୍ୱଚ୍ଛ, ନିରପେକ୍ଷ ତଥା ଜନକଲ୍ୟାଣକାରୀ ପ୍ରାର୍ଥୀଙ୍କୁ ବିଜୟୀ କରାଯାଏ, ତେବେ ରାତାରାତି ନହେଲେ ମଧ୍ୟ ଧୀରେ ଧୀରେ ବ୍ୟବସ୍ଥାରେ ପରିବର୍ତ୍ତନ ଆସିପାରନ୍ତା । ବିଡ଼ମ୍ବନାର ବିଷୟ ଯେ, ଆଜି ଓଡ଼ିଶାର ଏଭଳି ସ୍ଥାନ ଓ ଗାଁ ଅଛି ଯେଉଁଠାରେ ସାଧୀନତାର ଦୀର୍ଘ ଢ଼େର ବର୍ଷ ବିତିଯାଇଥିଲେ ମଧ୍ୟ ଲୋକମାନେ ଆଜି ପର୍ଯ୍ୟନ୍ତ ଭୋଟ କ'ଣ, କେଉଁମାନଙ୍କୁ ଦିଆଯାଏ ଓ କାହିଁ ଦିଅନ୍ତି ଏପରି କିଛି ଜାଣି ନାହାନ୍ତି । ଏହି ସନ୍ଦର୍ଭରେ ଗ୍ରୀସର ପ୍ରଖ୍ୟାତ ଦାର୍ଶନିକ ଆରିଷ୍ଟଟଲଙ୍କ ମତକୁ ନିଆଯାଇପାରେ । ସେ ଗଣତନ୍ତ୍ରକୁ ସମାଲୋଚନା କରି କହିଥିଲେ ଯେ, ଗଣତନ୍ତ୍ରର ଫଳ ସ୍ୱାଦିଷ୍ଟ ଯେଉଁଠି ନାଗରିକଙ୍କ ସାକ୍ଷାତକାର ଅଧିକ ଓ ସେମାନେ ସଚେତନ । ଭୋଟ ପାଇଁ ଭୟ ଆଉ ଏକ ଚିନ୍ତାର ବିଷୟ । ଆମ ରାଜ୍ୟର ମାଓପ୍ରବଣ ଜିଲ୍ଲାଗୁଡ଼ିକରେ ଭୋଟ ଗ୍ରହଣ କେନ୍ଦ୍ର ସବୁ ଅତିଶୟ ଉତ୍ତେଜନାପ୍ରବଣ । ପ୍ରାୟ ପ୍ରତ୍ୟେକ ବୁଥରେ ମାଓବାଦୀଙ୍କ ଆକ୍ରମଣ ଭୟ ରହିଛି । ସବୁ ବୁଥରେ ଦୃଢ଼ ନିରାପତ୍ତା ବ୍ୟବସ୍ଥା କରାଗଲେ ମଧ୍ୟ ଭୋଟର ଜୀବନ ବିପନ୍ନ କରିବାକୁ ସାହସ କରନ୍ତି ନାହିଁ । ଏହା ହେବା ସ୍ୱାଭାବିକ । ତେବେ ଅତୀତର ଅଭିଜ୍ଞତା କହୁଛି ଯେ ମାଓବାଦୀ ଧମକ ସତ୍ତ୍ୱେ ଭୋଟର

**ବାଦଲ ଭୂୟାଁ, ଜାମସେଦପୁର, ମୋ- ୭୪୮୮୯୯୮୫୩୨**

ମାନସିକତା । ଅବସ୍ଥାକୁ ସୁଧାରିବାକୁ ଉଦ୍ୟମ ନକରି ଏଥିରୁ ଦୂରେଇ ରହିବାର ଅପପ୍ରୟାସ । ଯଦି ପୂର୍ବଥର ନିର୍ବାଚିତ ପ୍ରତିନିଧି ଅଞ୍ଚଳ ପାଇଁ କିଛି ବି କରିନଥିବା ଜନତା ଉପଲବ୍ଧି କରୁଛନ୍ତି, ତେବେ ଏଥର ଆଉ ଜଣେ ପ୍ରାର୍ଥୀଙ୍କୁ ସମର୍ଥନ ଦେବାରେ ସମସ୍ୟା କେଉଁଠି ? ଯଦି ସବୁ ରାଜନୈତିକ ଦଳଙ୍କ କଥା ଓ କାର୍ଯ୍ୟ ଭିନ୍ନତା ରହୁଛି ଏବଂ ଅତୀତରେ ଦେଇଥିବା ପ୍ରତିଶ୍ରୁତି ପାଳନରେ ବ୍ୟର୍ଥ ରହିଛନ୍ତି, ତେବେ ସାମ୍ନାକୁ ଆସିଥିବା ନୂଆ ମୁହଁକୁ ମଧ୍ୟ ସହଯୋଗ କରାଯାଇପାରେ ।

ଭୋଟଦାନ ହେଉଛି ନାଗରିକର ଏକ ପ୍ରମୁଖ ଅଧିକାର । ବର୍ଷକ ବାରମାସ ନିଜ ଆଦବ୍ କାଇଦାରେ ବଞ୍ଚୁଥିବା ନେତାଏ ତଥା ଜନପ୍ରତିନିଧି ନିର୍ବାଚନ ସମୟରେ କିଭଳି ଭୋଟରଙ୍କୁ କରପତ୍ର ଯୋଡ଼ି ନିବେଦନ କରିଥାନ୍ତି, ତାହା କାହାକୁ ଅଛପା ନାହିଁ । କାରଣ ଏହା ହେଉଛି ନାଗରିକଙ୍କ ପାଇଁ ନିଷ୍ପତ୍ତି ନେବାର ପ୍ରକୃଷ୍ଟ ସମୟ । ଥରେ କ୍ଷମତାକୁ ଆସିଲା ପରେ ଜନପ୍ରତିନିଧି ସେମାନଙ୍କ ଉତ୍ତମ କିମ୍ବା ଅଧମ ପ୍ରଦର୍ଶନ ଦେଖାଇଥାନ୍ତି । କିନ୍ତୁ ଏଥିପାଇଁ କେବଳ ନେତା କିମ୍ବା ରାଜନୈତିକ ଦଳ ଦାୟୀ ନୁହଁନ୍ତି । ଅସଲରେ କହିବାକୁଗଲେ ଆମେ ଜନତା ତଥା ଭୋଟର ହିଁ ଦାୟୀ । ନିର୍ବାଚନ ସମୟରେ ଟଙ୍କା, ଭୋଜି ଓ ମଦ ଦେଇ ଭୋଟ ନେବାକୁ ବିଭିନ୍ନ ଦଳଗୁଡ଼ିକ ପକ୍ଷରୁ ଯେଭଳି ହୀନକୌଶଳ ପ୍ରୟୋଗ କରାଯାଉଛି, ତାହାକୁ ମୁହଁତୋଡ଼ ଜବାବ ବାଲାଟ୍‌ରେ ଦିଆଯିବା ଉଚିତ । ଏବେ ତୃଣମୂଳ ସ୍ତରରେ ତାର ସମୟ ଆସିଛି । ଏଭଳି ନକଲେ ରାଜନେତା ଆଗକୁ ଚେତିବେନି । ଗଣତନ୍ତ୍ରର ମର୍ଯ୍ୟାଦାହାନି ହେବ । ସମାଜସେବା ନାଁରେ ନିଜ ପାଣ୍ଠି ବୃଦ୍ଧି ଓ ବେଆଇନ କାରବାରର ସୁରକ୍ଷା ଲାଗି ଲାଞ୍ଚୁଆ, ଦୁର୍ନୀତିଗ୍ରସ୍ତ, ମିଥ୍ୟାଚାରୀ, ଦାଗୀ, ଚରିତ୍ରହୀନମାନେ ନିର୍ବାଚନ ମଇଦାନକୁ ଆସୁଛନ୍ତି ।

ଅଭୂତପୂର୍ବ ଗଣତାନ୍ତ୍ରିକ ମନୋଭାବ ପ୍ରଦର୍ଶନ କରି ଭୋଟ ଦେବାକୁ ଆସନ୍ତି । ସୁରକ୍ଷା ଓ ନିରାପତ୍ତା ବ୍ୟବସ୍ଥା ଯେତେ ସୁଦୃଢ଼ ହୁଏ ଭୋଟହାର ସେତେ ବଢ଼େ । ଆହୁରି ମଧ୍ୟ ପ୍ରମାଣିତ ହୋଇଛି ଯେ ମାଓବାଦୀ ପ୍ରତି ନିର୍ବାଚନରେ ଭୋଟବର୍ଜନ ନିର୍ଦ୍ଦେଶ ଜାରି କରିବା ସହ ଚରମ ପଦକ୍ଷେପ ସମ୍ପର୍କରେ ଚେତାବନୀ ଦେଇଥାନ୍ତି । ଏହା ସତ୍ତ୍ୱେ ସେମାନଙ୍କ ଧମକର ସେଭଳି ପ୍ରଭାବ ଲୋକଙ୍କ ଉପରେ ପଡ଼େ ନାହିଁ । ଧମକଚମକ ଦେଇ ସେମାନେ ଭୋଟିଂ ପ୍ରକ୍ରିୟାକୁ କେଇବାର ବିଳମ୍ବିତ ବା ସ୍ଥଗିତ ରଖିବାରେ ସିନା ସଫଳ ହୋଇଛନ୍ତି, କିନ୍ତୁ ଏହାକୁ ବନ୍ଦ କରି ପାରିନାହାନ୍ତି । ତେଣୁ ଏଥର ମଧ୍ୟ ଆଶା କରିବା ଯେ, ଲୋକମାନେ ସେମାନଙ୍କ ଗଣତାନ୍ତ୍ରିକ ଉତ୍ତରଦାୟିତ୍ୱ ସୁଚାରୁ ରୂପେ ନିର୍ବାହ କରିବେ । ଗଣତନ୍ତ୍ରକୁ ସୁଦୃଢ଼ କରିବା ମତଦାନ ଅପରିହାର୍ଯ୍ୟ । ଯେତେ ଅଧିକ ମତଦାନ କରାଯିବ, ଗଣତନ୍ତ୍ର ସେତେ ଅଧିକ ବଳିଷ୍ଠ ଓ ଶକ୍ତଶାଳୀ ବୋଲି ବୁଝାପଡ଼ିବ । ଯିଏ କିଏ ବଳଶାଳୀ ବିତ୍ତଶାଳୀ ତାହା ଭୋଟରଟି ନଦେଖି ଯୋଗ୍ୟ ପ୍ରାର୍ଥୀଙ୍କୁ ଚୟନ କରେ, ତେବେ ବ୍ୟବସ୍ଥାରେ ପରିବର୍ତ୍ତନ ଆସିପାରିବ । ପ୍ରାର୍ଥୀଟି ମୋ ପାଇଁ କ'ଣ କରିଛି କିମ୍ବା ଆଗକୁ କରିବାର ପ୍ରତିଶ୍ରୁତି ଦେଇଛି ତାହା ନବିଚାରି ସାମଗ୍ରିକ ଉନ୍ନତିଲାଗି ପ୍ରାର୍ଥୀଟିର କି ଦକ୍ଷତା ରହିଛି ତାକୁ ତର୍ଜମା କରି ମତଦାନ ହୁଏ, ତାହାଲେ ଯାଇ ଦୁର୍ବଳ ହେଉଥିବା ଗଣତନ୍ତ୍ର ଅଧିକ ସୁଦୃଢ଼ ହେବ । ଦାବିପୂରଣ ହୋଇନି ବୋଲି ଜିଦ୍‌ରେ ନିଜର ମତାଧିକାର ସାବ୍ୟସ୍ତରୁ ବିରତ ରହିବା ସମୁଦ୍ରକୁ ଅଭିମାନ କରି ଅଗାଧୁଆ ରହିବା ଭଳି କଥା । ତେଣୁ ସମୟ ଆସିଛି, ନୋଟ ନେଇ ଭୋଟଦେବା ରାଜନୀତିରୁ ଭୋଟର ଭାଇ ଉପରକୁ ଉଠି ଠିକ୍ ପ୍ରାର୍ଥୀଙ୍କୁ ଚୟନ କରନ୍ତୁ ।

# କଟକ ସଦରବ୍ଲକ ପିସି କାରବାର ଏବେ ବି ସକ୍ରିୟ

**କଟକ(ତପନ ମହାନ୍ତି):-** ପଞ୍ଚାୟତ ନିର୍ବାଚନରେ କୌଣସି ସରକାରୀ କର୍ମଚାରୀ ପ୍ରତ୍ୟକ୍ଷ ଭାବେ ଅଂଶଗ୍ରହଣ କରିପାରିବେ ନାହିଁ ବୋଲି ରାଜ୍ୟ ନିର୍ବାଚନ କମିଶନ ନିର୍ଦ୍ଦେଶ ବାରି କରିଛନ୍ତି । ତେବେ କଟକ ଜିଲ୍ଲାର ବିଭିନ୍ନ ବ୍ଲକ୍‌ରେ ଏହି ନିୟମର ଖୋଲାଖୋଲି ଉଲ୍ଲଂଘନ ହେଉଛି । ଏଭଳି ଘଟଣାକୁ ନେଇ ଏବେ ରାଜ୍ୟ ନିର୍ବାଚନ କର୍ମସନଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି । ସାଲେପୁରର ଏକ ସରକାରୀ କାର୍ଯ୍ୟାଳୟର ଦୁଇଜଣ କର୍ମଚାରୀ ଓ ନିଶ୍ଚିତ କୋଇଲିର ଜଣେ ଶିକ୍ଷକ ପ୍ରାର୍ଥୀଙ୍କ ସମର୍ଥନ କରି ପ୍ରଚାରରେ ସାମିଲ୍ ହୋଇଥିବା ନେଇ ଅଭିଯୋଗ ହୋଇଥିଲା । ଏ ନେଇ ରାଜ୍ୟ ନିର୍ବଚନ କମିସନଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ଅଭିଯୋଗ ପାଇବାପରେ ଏ ନେଇ ରାଜ୍ୟ ନିର୍ବାଚନ କମିସନଙ୍କ ପକ୍ଷରୁ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ଠାରୁ ସ୍ପଷ୍ଟୀକରଣ ମଗାଯାଇଛି । ସେହିପରି କଟକ ସଦର ବ୍ଲକରେ ନିର୍ଦ୍ଦିଷ୍ଟ କେତକେ ଅଧିକାରୀ ଖୁଲୁମ୍ ଖୋଲା ପ୍ରଚାର କରୁଥି ଗୁରୁତର ଅଭିଯୋଗ ହେଉଛି । ଏହି ବ୍ଲକରେ ଥିବା ଉଚ୍ଚ ପଦାଧିକାରୀମାନେ କାହାରିକୁ ଖାତିର୍ ନ କରି ନାକ ବୁଡ଼ା ଦୁର୍ନୀତି ଚଳାଇଛନ୍ତି । ଏହି ବ୍ଲକ୍ ଅଧିନରେ ୨୩ଟି ପଞ୍ଚାୟତକୁ ନେଇ ସଦରବ୍ଲକ ଗଠିତ । ଏହି ବ୍ଲକରେ ଗ୍ରାମାଞ୍ଚଳ ରୋଡ଼ ଆଲୋକୀକରଣ ଘଟଣା ହେଉ କିମ୍ବା ଉରାଳୀ ଗ୍ରାମପଞ୍ଚାୟତରେ ଟିକସ ଅର୍ଥ ଆତ୍ମସାତ୍ ଘଟଣା ହେଉ ଏହିସବୁ ବେନିୟମ କାର୍ଯ୍ୟକରି ଲକ୍ଷାଧିକ ଟଙ୍କା ଲୁଟି ନେଲେ ବାରମ୍ବାର ଅଭିଯୋଗ ହେଲାପରେ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ କିଛି ହେଲା ନାହିଁ । ଆଜି ପର୍ଯ୍ୟନ୍ତ ଭ୍ରଷ୍ଟ ଅଧିକାରୀଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ଏବେ ପଞ୍ଚାୟତ ନିର୍ବାଚନରେ ଖୋଲାଖୋଲି ପ୍ରଚାର କରୁଥିଲେ ମଧ୍ୟ କାହାରିଙ୍କୁ ଏମାନଙ୍କ ଭୟ ନାହିଁ । ଭାରତର ଶ୍ରେଷ୍ଠ ଏକ ନମ୍ବର ମୁଖ୍ୟମନ୍ତ୍ରୀ ବଦନାମ କରିବାପାଇଁ ବିରୋଧୀଙ୍କ ଆବଶ୍ୟକ ପଡ଼ିବନି । ଏଇ ଭଳିଆ କିଛି କର୍ମଚାରୀ ଥିଲେ । କଥାରେ ବାଡ଼ ଯଦି କ୍ଷେତ ଖାଏ ଆମେ କହିବା କାହାକୁ । ଏହି ବ୍ଲକ୍‌ରେ ସର୍ବେସର୍ବା ବୋଲାଉଥିବା କର୍ମଚାରୀ ଜଣକ କୁହନ୍ତି ମୁଁ କାହାରିକୁ ଖାତିର କରେ ନାହିଁ । ତେଣୁ ସର୍ବସାଧାରଣରେ ଦାବି ହେଉଛି ଏହି ବ୍ଲକ୍ ଅଧୀନରେ ଥିବା ସମସ୍ତ ଇଞ୍ଜିନିୟର ଏବଂ ବରିଷ୍ଠ ଅଧିକାରୀଙ୍କୁ ଭିଜିଲାନ୍ସ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାପାଇଁ ।

**କୁବେର ଇଞ୍ଜିନିୟରଙ୍କ ବିରୁଦ୍ଧରେ କେବେ ହେବ ଭିଜିଲାନ୍ସ ତଦନ୍ତ**

# ଭିଜିଲାନ୍ସ ଜାଲରେ ସୁନ୍ଦରଗଡର ଏଡିଏମ୍

**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଆଜି ପ୍ରତ୍ୟୁଷରୁ ସୁନ୍ଦରଗଡ ଏଡିଏମ୍ ବିଶ୍ୱଜିତ୍ ମହାପାତ୍ରଙ୍କ ଜଗତ୍‌ସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ଅନ୍ତର୍ଗତ ରେଡୁଆ ଗ୍ରା.ପ.ର ନୂଆଗଡ ସ୍ଥିତ ବାସଭବନରେ ୭ଜଣିଆ ଟିମ ଭିଜିଲାନ୍ସର ଏକ ଟିମ୍ ଚଢାଉ କରିଛନ୍ତି । ଏଥି ସହିତ ଶ୍ୱଶୁର ଘର ତିର୍ତ୍ତୋଲ ଥାନା ମଣିଜଙ୍ଗ ଜରତିରା ଗ୍ରାମର ସୁରେନ୍ଦ୍ର ନାଥ ଅନ୍ୟ ଏକ ୭ଜଣ ଟିମ ଭିଜିଲାନ୍ସ ଟିମ ଚଢାଉ କରିଛନ୍ତି । ଏଡିଏମ୍ ଶ୍ରୀ ମହାପାତ୍ରଙ୍କ ନାମରେ ପୂର୍ବରୁ ବହୁ ଅଭିଯୋଗ ଥିବାରୁ ଭୁବନେଶ୍ୱର ଭିଜିଲାନ୍ସ ଏସ.ପିଙ୍କର ନିର୍ଦ୍ଦେଶକ୍ରମେ ୭ଟି ଭୁବନେଶ୍ୱର ହଂସପାଳ, ସୁନ୍ଦରପଦା, ସୁନ୍ଦରଗଡ ଅଫିସ, ସ୍ଥାନରେ ଏକକାଳୀନ ଚଢାଉ କରାଯାଇଛି । କୋଟି କୋଟି ଟଙ୍କାର ସମ୍ପତ୍ତି ସହିତ ଆପାର୍ଟମେଣ୍ଟ ବହୁ ମହଲା ଘର ଥିବା ଭିଜିଲାନ୍ସ ହାତରେ ଲାଗିଛି ।

**ଜଗତସିଂହପୁରରେ ଚହଲ**



ଡିଏସପି ଶିଶିର କୁମାର ସାହୁଙ୍କ ନେତୃତ୍ୱରେ ଇନସପେକ୍ଟର ଗୀତାଞ୍ଜଳି ବେହେରା, ଏସଆଇ ଶସ୍ମିତା ପାଣିଗ୍ରାହୀ, ଟେକନିକାଲ ଇଂଜିନିୟର ନିରଜ କୁମାର ପଲେଇଙ୍କ ସମେତ ୭ଜଣିଆ ଟିମ ଦୀର୍ଘ ସମୟ ଧରିଏହି ଚଢାଉ କରିଥିଲେ । ଏହି ଚଢଉରେ ତାଙ୍କ ବାସଭବନରୁ ତାଙ୍କ ନାମରେ ଏଲଆଇସି ବଣ୍ଡ୍, ତାଙ୍କ ପତ୍ନୀ ମୋନାଲିସା ନାମରେ ୪ଟି ପ୍ଲଟ୍, ବିଶ୍ୱଜିତ ମହାପାତ୍ରଙ୍କ ନାମରେ ୨ଟି ପ୍ଲଟ୍, ବିଶ୍ୱଜିତ ମହାପାତ୍ର ଓ ତାଙ୍କ ରଂଜିତ ମହାପାତ୍ରଙ୍କ ନାମରେ ୧ଟି ପ୍ଲଟ୍, ବିଶ୍ୱଜିତଙ୍କ ବାପା ଜଗବନ୍ଧୁଙ୍କ ନାମରେ ୧ଟି ପ୍ଲଟ ଥିବା ଭିଜିଲନ୍ସ ଚଢାଉ ସମୟରେ ଭିଜିଲନ୍ସ ହାତରେ ଲାଗିଛି ।

# ସରପଞ୍ଚ ପଦ ପାଇଁ ୮ପ୍ରାର୍ଥୀଙ୍କ ପରୀକ୍ଷା

**କୁତ୍ରା(ସଂପର୍କବାର୍ତ୍ତା):-** ଏକ ନିଆରା ଉଦାହରଣ ସୃଷ୍ଟିକଲେ ସୁନ୍ଦରଗଡ ଜିଲ୍ଲା କୁତ୍ରା ବ୍ଲକ୍‌ର ମାଲୁପଡାର ଗ୍ରାମବାସୀ ବିକାଶ ଓ ଜନସେବା କରିବେ ବୋଲି ଦାବି କରୁଥିବା ସରପଂଚ ପ୍ରାର୍ଥୀମାନଙ୍କୁ ଲୋକେ ଏକ ଲିଖିତ ପରୀକ୍ଷା ଦେଇଥିବା ବେଳେ ସେଥିରୁ ୩ଜଣ ଉତ୍ତୀର୍ଣ୍ଣ ହୋଇଥିବା ବି ଗ୍ରାମବାସୀ ଘୋଷଣା କରିଛନ୍ତି । ସୂଚନା ଅନୁଯାୟୀ କୁତ୍ରା ପଂଚାୟତରେ ସରପଂଚ ପଦ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି ୯ଜଣ ପ୍ରାର୍ଥୀ କୋଭିଡ୍ କଟକଣା ସାମାନ୍ୟ କୋହଳ ହେବାରୁ ପ୍ରାର୍ଥିମାନେ ଘରଘରେ ବୁଲି ପ୍ରଚାର ଚାଳଇଛନ୍ତି । ବିଭିନ୍ନ ଢଙ୍ଗରେ ଲୋକଙ୍କୁ ଆକୃଷ୍ଟ କରିବା ପାଇଁ ସମସ୍ତ ପ୍ରାର୍ଥୀ ଚେଷ୍ଟା କରିବା ସହିତ ବିଭିନ୍ନ ପ୍ରକାର ପ୍ରତିଶ୍ରୁତି ଦେଉଛନ୍ତି । ତେବେ କୁତ୍ରା ବ୍ଲକ୍ ଅନ୍ତର୍ଗତ ମାଲୁପଡାର ସଚେତନ ଭୋଟମାନେ ପ୍ରଚାର ପାଇଁ ଆସିଥିବା ପ୍ରାର୍ଥିମାନଙ୍କ ସହିତ ଗାଁ ବିକାଶ ନେଇ ଆଲେଚନା କରିଥିଲେ । ସେମାନେ ସରପଂଚ ପ୍ରାର୍ଥିମାନଙ୍କ ଏକ ଲିଖତ ପରୀକ୍ଷା ରେ ବସିବାକୁ କହିଥିଲେ । ସେଥିପରେ ପରୀକ୍ଷା ଦେଇଥିବ । ୮ଜଣ ପ୍ରାର୍ଥୀଙ୍କ ଭିତରୁ ୩ଜଣ କୃତକାର୍ଯ୍ୟ ହୋଇଥିବା ଗ୍ରାମବାସୀ କହିଛନ୍ତି ।

ପ୍ରଶ୍ନପତ୍ରରେ ଥିବା ପ୍ରଶ୍ନଗୁଡିକ ହେଲା, ୧) ଆପଣ ସରପଂଚ ପ୍ରାର୍ଥୀ ହେବାର ୫ଗୋଟି ଉଦେଶ୍ୟ କ'ଣ ? ୨) ଆପଣ ଯଦି ସରପଞ୍ଚ ଭାବେ ନିର୍ବାଚିତ ହେବେ ଆଗାମୀ ୫ବର୍ଷ ପାଇଁ କଣ ଲକ୍ଷ୍ୟ ରହିବ ? ୩) ଯଦି ଆପଣ ଲୋକଙ୍କ ସେବା କରିବା ପାଇଁ ଆସିଛନ୍ତି ତାହେଲେ ପୂର୍ବରୁ କରିଥିବା ୫ଗୋଟି ନିଃସ୍ୱାର୍ଥ ସେବା କଣ କଣ ୪) ଏବେ ଯେମିତି ଘରଘର ବୁଲି ଭୋଟ୍ ମାଗୁଛନ୍ତି ନିର୍ବାଚିତ ହେବା ପରେ ସେହିଭଳି ଘର ଘର ବୁଲି ଲୋକଙ୍କ ସମସ୍ୟା ସମାଧାନ କରିବେ କି ? ୫) ଆପଣଙ୍କ ସପର ଗ୍ରାମପଂଚାୟତ କିଭଳି ହେବା ଆବଶ୍ୟକ ? ୬) ଆପଣଙ୍କ ଗ୍ରାମ ପଂଚାୟତରେ କେତୋଟି ଗ୍ରାମ, କେତୋଟି ଓାର୍ଡ କେତେ ଜନସଂଖ୍ୟା ? ୭) ପୂର୍ବରୁ ଥିବା ସରପଂଚଙ୍କ ବିଷୟରେ ବର୍ଣ୍ଣନା ଏହି ପରୀକ୍ଷାରେ ସରପଂଚ ପଦ ପାଇଁ ଛିଡା ଫିରୋଜ ଡୁଙ୍ଗଡୁଙ୍ଗ, ଭବନ କୁଜୁର ଲଳିତା ବରୁଆ ତେବେ ୮ଜଣଙ୍କ ମଧ୍ୟରୁ ଭୁବନ କୁଜୁର ଲଳିତା ବରୁଆ ଓ ଫିରୋଜ ଡୁଙ୍ଗଡୁଙ୍ଗ ପାସ୍ କରିଥିବା ଗ୍ରାମବାସୀ ଘୋଷଣା କରିଥିଲେ ।

**ଉତ୍ତୀର୍ଣ୍ଣ ହେଲେ ୩**



# ରାଜ୍ୟ ପାନୀୟ ନିଗମ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲଫ୍ ପାଣ୍ଠିକୁ ୫ କୋଟି ପ୍ରଦାନ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ରାଜ୍ୟ ପାନୀୟ ନିଗମ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ରିଲିଫ୍ ପାଣ୍ଠିକୁ ୫କୋଟି ଟଙ୍କା ପ୍ରଦାନ କରାଯାଇଛି । ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ରାଜ୍ୟ ପାନୀୟ ନିଗମ ଅଧକ୍ଷ ସୁଶୀଲ ଲୋହାନୀଙ୍କ ଠାରୁ ଏହି ଚେକ୍ ଗ୍ରହଣ କରିଛନ୍ତି ଯେ ୨୦୨୧-୨୨ଆର୍ଥିକ ବର୍ଷରେ ନିଗମ ଜୁନ୍ ମାସରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୫କୋଟି ଟଙ୍କା ମଧ ଦେଇଥିଲା ଚଳିତ ଆର୍ଥିକ ବର୍ଷରେ ଏହି ନିଗମ ଏପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ମୋଟ ୧୦କୋଟି ଟଙ୍କା ପ୍ରଦାନ କରିଛି । ଏହି ଅବସରରେ ଶ୍ରୀ ଲୋହାନି ୨୦୨୦-୨୧ ପାଇଁ ସରକାରଙ୍କୁ ଲାଭାଂଶ ବାବଦକୁ ମୁଖ୍ୟ ଶାସନ ସଚିବଙ୍କୁ ୬.୨୬କୋଟି ଟଙ୍କାର ଏକ ଚେକ୍ ମଧ ପ୍ରଦାନ କରିଛନ୍ତି ।



# ରାଜ୍ୟରେ ଖୋଲିବ ଅଙ୍ଗନବାଡି କେନ୍ଦ୍ର

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ମହାମାରୀ ଯୋଗୁଁ ପ୍ରାୟ ଦୁଇ ବର୍ଷ ଧରି ବନ୍ଦ ରହିଥିବା ଅଙ୍ଗନବାଡି କେନ୍ଦ୍ରକୁପୁଣି ଖୋଲିବା ପାଇଁ ନିଷ୍ପତି ନେଇଛନ୍ତି ରାଜ୍ୟ ସରକାର । ଏ ନେଇ ପ୍ରସ୍ତୁତି ଆରମ୍ଭ ହୋଇଛନ୍ତି । ଜିଲ୍ଲପାଳମାନଙ୍କୁ ଚିଠି ଲେଖିଛି ମହିଳା ଓ ଶିଶୁ ବିକାଶ ବିଭାଗ । ସଂକ୍ରମଣ ହ୍ରାସ ପାଉଥିବାରୁ ଅଙ୍ଗନବାଡି କେନ୍ଦ୍ରକୁ ଖୋଲିବା ପାଇଁ ପ୍ରସ୍ତତି କାର୍ଯ୍ୟ ଶେଷ କରିବାକୁ କୁହାଯାଇଛି । ଅଙ୍ଗନବାଡି କେନ୍ଦ୍ର ଚାଲିଥିବା ଘରର ସ୍ଥିତି ଓ ଅନ୍ୟ ଉପରକରଣକୁ ସଂପୃକ୍ତ ଅଧିକାରୀଙ୍କ ଦ୍ୱାରା ଯାଂଚ କରିବାକୁ ଚିଠିରେ ଉଲ୍ଲେଖ କରାଯାଇଛି । କେନ୍ଦ୍ର ଗୁଡିକ ଯାଂଚ କରି ଆସନ୍ତା ୧୬ତାରିଖ ସୁଦ୍ଧା ପ୍ରସ୍ତୁତି ରିପୋର୍ଟ ପଠାଇବେ ଜିଲ୍ଲାପାଳ । ରିପୋର୍ଟ ପାଇବା ପରେ ଅଙ୍ଗନବାଡି କେନ୍ଦ୍ର ଖୋଲିବା ନେଇ ଚୂଡାନ୍ତ ନିଷ୍ପତି ନିଆଯିବ ।

**ଜିଲ୍ଲପାଳଙ୍କୁ ଚିଠି ଲେଖିଲା ମହିଳା ଓ ଶିଶୁ ବିକାଶ ବିଭାଗ**




# ଜିଲ୍ଲା ଆଇନସେବା ପ୍ରାଧିକରଣ ଦ୍ୱାରା ତ୍ରୁଟିପୂର୍ଣ୍ଣ ବିଲ୍‌ର ପ୍ରାକ ମକୋଦ୍ଦମା ସମାଧାନ

**ଜଗତସିଂହପୁର(ପବିତ୍ର କୁମାର ଦାଶ):-** ଜଗତସିଂହପୁର ଜିଲ୍ଲା ତିର୍ତୋଲ ବ୍ଲକ ଅନ୍ତର୍ଗତ ବ୍ରହ୍ମଣବାଡି ଗ୍ରାମର ମହେନ୍ଦ୍ର ସାହୁଙ୍କ ବିଦ୍ୟୁତ୍ ବିଲ କିଛି ମାସ ହେବ ଅଧିକ ଆସୁଥିଲା । ଏନେଇ ଶ୍ରୀ ସାହୁ ଟାଟା ପାଓାର କର୍‌ପୋରେସନ୍‌ର ବିଭାଗୀୟ ଅଧିକାରୀଙ୍କୁ ଏନେଇ ବାରମ୍ବାର ଅଭିଯୋଗ ଦେବା ପରେ ମଧ୍ୟ କିଛି ସମାଧାନ ହୋଇନଥିଲା । ଏନେଇ ଶ୍ରୀ ସାହୁ ଶେଷ ବିକଳ୍ପ ଭାବେ ଜଗତସିଂହପୁର ଜିଲ୍ଲା ଆଇନସେବା ପ୍ରାଧିକରଣର ଦୃଷ୍ଟି ଆକର୍ଷଣ କରିଥିଲେ । ଜିଲ୍ଲା ଓ ଦୌରାଜଜ୍ ତଥା ପ୍ରାଧିକରଣର ଅଧକ୍ଷ ଅନୁପ କୁମାର ଚନ୍ଦନଙ୍କ ନିର୍ଦ୍ଦେଶ କ୍ରମେ ପ୍ରାଧିକରଣର ସଚିବ ସୁନନ୍ଦା ପାଢ଼ୀ ଦରଖାସ୍ତକୁ ପଞ୍ଜିକରଣ କରି ଟାଟା ପାଓାରର ଉପଖଣ୍ଡ ଅଧିକାରୀ ଓ କନିଷ୍ଠ ଯନ୍ତ୍ରୀଙ୍କୁ ନୋଟିସ୍ ମାଧ୍ୟମରେ ହାଜର କରାଇଥିଲେ ଏବଂ ଆପୋଷ ବୁଝାମଣା ମାଧ୍ୟମରେମାମଲା ସମାଧାନ କରାଇବା ସହ ଶ୍ରୀ ସାହୁଙ୍କ ବର୍ଦ୍ଧିତ ବିଦ୍ୟୁତ ବିଲ୍ ହ୍ରାସ କରାଯାଇଥିଲା ।ଏନେଇ ଶ୍ରୀ ସାହୁ ଉକ୍ତ ପ୍ରାକ୍ ମକୋଦ୍ଦମାରେ ସନ୍ତୋଷ ପ୍ରକାଶ କରିଥିଲେ ।



# 'ଫାଇଭ-ଟି' ସଚିବ ପାଣ୍ଡିଆନ୍ ଓ ପତ୍ନୀଙ୍କ ଶ୍ରୀଜୀଉଙ୍କୁ ଦର୍ଶନ

**ପୁରୀ(ସଂପର୍କବାର୍ତ୍ତା):-** ପୁରୀ ରେ ଫାଇଭ ଟି ସଚିବ ଭି କେ ପାଣ୍ଡିଆନ । ଆଜି ସେ ସପତ୍ନୀକ ପୁରୀ ଆସି ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କୁ ଦର୍ଶନ କରିଛନ୍ତି । ମହାପ୍ରଭଙ୍କ ଆଶୀବାଦ ଭିକ୍ଷା କରିଛନ୍ତି । ସେ ନିୟମିତ ବ୍ୟବଧାନରେ ପୁରୀ ଆସି ମହାପ୍ରଭୁଙ୍କ ଦର୍ଶନ କରୁଛନ୍ତି । ପୂର୍ବରୁ ଗତ ୫ତାରିଖ ମଧ ଫାଇଭ ଟି ସଚିବି ଭିକେ ପାଣ୍ଡିଆନ ପୁରୀ ଆସି ଶ୍ରୀମନ୍ଦିର ପରିକ୍ରମା ମାର୍ଗ ନିର୍ମାଣ କାର୍ଯ୍ୟ ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ ।



# ରାଜ୍ୟସଭାରେ ଦାବି ରଖିଲା ବିଜେଡି

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଓଡିଶା ହାଇକୋର୍ଟର ନାମ ବଦଳାଇବା ପାଇଁ ଆଇନ ପ୍ରଣୟନ କରିବାକୁ ବିଜୁ ଜନତା ଦଳ (ବିଜେଡି) ଦାବି କରିଛି କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ବିଜେଡି ସାଂସଦ ପ୍ରସନ୍ନ ଆଚାର୍ଯ୍ୟ ବୁଧବାର ଦିନ ରାଜ୍ୟସଭାରେ ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇଛନ୍ତି ।ରାଜ୍ୟର ନାମ ପୂର୍ବରୁ ଓଡ଼ିଶା ।ରୁ ଓଡିଶାରେ ପରିବର୍ତ୍ତନ ହୋଇସାରିଛି । ଓଡିଶା ଲୋକଙ୍କ ଭାବାବେଗ ସହିତ ଜଡିତ ଥିବାରୁ ହାଇକୋର୍ଟଙ୍କ ନାଁ ପରିବର୍ତ୍ତନ ଆବଶ୍ୟକ ରହିଛି ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି । ଶ୍ରୀ ଆଚାର୍ଯ୍ୟ କହିଛନ୍ତି ଯେ, ଦୀର୍ଘ ଦିନରୁ ରାଜ୍ୟର ନାମ ଓଡିଶା ରେ ପରିବର୍ତ୍ତିତ ହୋଇଛି ଏବଂ ସମସ୍ତ ରାଜ୍ୟ ସରକାର କାର୍ଯ୍ୟାଳୟ ଏବଂ ପ୍ରତିଷ୍ଠାନଗୁଡିକର ନାମ ସେହି ଅନୁଯାୟୀ ଅନୁସରଣ କରୁଛି ।



ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ
ସଂପର୍କବାର୍ତ୍ତା
ଫେବୃୟାରୀ ୧୪ ରୁ ୨୦, ୨୦୨୨, ଜଗତସିଂହପୁର
February 14 to 20, 2022, Jagatsinghpur


# ସମ୍ପାଦକୀୟ

## ଦାରିଦ୍ର୍ୟରେ ମହାଭାରତର ଭୀମଙ୍କ ଦେହାନ୍ତ

ବଲିଉଡ୍‌ର ବଡ଼ ନିର୍ଦ୍ଦେଶକ ଓ ପ୍ରଯୋଜକ ହେଉଛନ୍ତି ବି.ଆର୍ ଚୋପ୍ରା। ସିନେ ଦୁନିଆରେ ଯେମିତି ନାଁ କମେଇଥିଲେ ତା'ଠାରୁ ଅଧିକ ଖ୍ୟାତିଲାଭ କରିଛନ୍ତି ଟେଲିଭିଜନରେ ମହାଭାରତ ଧାରାବାହିକ ପାଇଁ। ଚୋପ୍ରା ସାହେବ ତ ଆଉ ନାହାଁନ୍ତି ହେଲେ ତାଙ୍କ ସିନେମା ଓ ମହାଭାରତ ସିରିଏଲ୍‌କୁ ଏବେ ବି ମନେ ରଖିଛନ୍ତି ଦର୍ଶକ। ମହାଭାରତ ସିରିଏଲ୍‌ରେ ସେ ଅନେକ ନୂଆ ପୁରୁଣା କଳାକାରଙ୍କୁ ବିଭିନ୍ନ ଚରିତ୍ର ମାଧ୍ୟମରେ ସୁଯୋଗ ଦେଇଥିଲେ। ସମସ୍ତେ ଘରେ ଘରେ ପରିଚିତ ହୋଇଗଲେ। ସେ ଶ୍ରୀକୃଷ୍ଣ ହୁଅନ୍ତୁ କି ଅର୍ଜୁନ ଅବା ଭୀମ ସମସ୍ତେ ଏତେ ଲୋକପ୍ରିୟ ହୋଇଗଲେ ଯେ ଯେଉଁଠିକୁ ଗଲେ ସୁପରଷ୍ଟାର ଭଳି ସାଗତ ପାଉଥିଲେ। ସେହିଭଳି ଜଣେ ଚରିତ୍ର ଥିଲେ ଭୀମ। ତାଙ୍କର ଚେହେରା ଏବ ଅଭିନୟ ପୂରା ଖାପ ଖାଇ ଯାଉଥିଲା ପୁରାଣର ଭୀମଙ୍କ ସହ। ସେହି ଭୀମ ଭୂମିକାରେ ଅଭିନୟ କରିଥିଲେ ପ୍ରବୀନ କୁମାର। ଆଜି ସେ ଆଉ ନାହାଁନ୍ତି। ୭୪ ବର୍ଷ ବୟସରେ ସେ ପରଲୋକ ହୋଇଯାଇଛନ୍ତି। ପ୍ରବୀଣ କୁମାର ଶୋବତି। ସେ ଅନେକ ଦିନ ଧରି ଅସୁସ୍ଥ ଥିଲେ। ଏମିତିକି ଚିକିତ୍ସା କରିବା ପାଇଁ ବି ଅର୍ଥ ସାଜିଥିଲା ବାଧକ। ଦିନେ ତାଙ୍କର ଅଭିନୟରେ ସମସ୍ତଙ୍କ ମନ ଜିଣିଥିବା ପ୍ରବୀଣ ଦାରିଦ୍ର୍ୟର ଅନ୍ଧକାର ଭିତରେ ଚାଲିଗଲେ ଆରପାରିକୁ।

ଏଇ କଳାକାର ଜଣକ ଦିନେ ଥିଲେ ଚାମ୍ପିଅନ୍ ଖେଳାଳି। ଖେଳ ଦୁନିଆରୁ ସ୍ୱର୍ଣ୍ଣ ପଦକ ଜିତିବା ପରେ ଆସିଥିଲେ ସିନେ ଜଗତକୁ। ସେ ଏସିଆନ୍ ଗେମ୍ସରେ ହାମର ଥ୍ରୋ ଓ ସଟ୍‌ପୁଟ୍‌ରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏମିତିକି ତାଙ୍କୁ ଅଲିମ୍ପିକ୍‌ରେ ଖେଳିବାର ମଧ୍ୟ ସୁଯୋଗ ମିଳିଥିଲା। ତେବେ ଭାଗ୍ୟ ତାଙ୍କ ପାଇଁ ଅଲଗା କିଛି ଭାବିଥିଲା। ତେଣୁ ସେ ସିନେ ଦୁନିଆକୁ ଚାଲି ଆସିଥିଲେ। ତେବେ ବଲିଉଡ୍ ଫିଲ୍ମରେ ତାଙ୍କୁ କେବଳ ମିଳିଲା ସାଇଡ୍ ରୋଲ୍। ଗୁଣ୍ଡା ଅବା ଭିଲେନ୍‌ଙ୍କ ଡାହାଣ ହାତ ଭଳି ଚରିତ୍ରରେ ସେ ଅଭିନୟ କଲେ। ହେଲେ ସେହି ସଂଘର୍ଷ ଭିତରେ ତାଙ୍କୁ ମିଳିଥିଲା ମହାଭାରତର ଭୀମ ଚରିତ୍ର। ବର୍ଷ ବର୍ଷ ଧରି ଚାଲିଲା ମହାଭାରତ। ଆଉ ଭୀମ ଚରିତ୍ରରେ ସମସ୍ତଙ୍କ ମନ ଜିଣିନେଲେ ପ୍ରବୀଣ କୁମାର। ସେ ଗଦା ଧରି ବାହାରିଲେ ଲାଗୁଥିଲା ସତରେ ଯେମିତି ଭୀମ ବାହାରିଲେ।


ସମ୍ପାଦକ

ପ୍ରବୀଣ କୁମାରଙ୍କ ଜନ୍ମ ଠିକ୍ ଭାରତ ସାଧୀନତା ପାଇବା ବର୍ଷରେ। ୧୯୪୭ ମସିହା ଡିସେମ୍ବର ୬ ତାରିଖରେ ପଞ୍ଜାବର ଅମୃତସରରେ ସେ ଜନ୍ମ ହୋଇଥିଲେ। ତାଙ୍କ ଉଚ୍ଚତା ହେଉଛି ୬ ଫୁଟ୍ ୭ ଇଞ୍ଚ। ତାଙ୍କ ବିଶାଳ ଶରୀର ଯିଏ ବି ଦେଖେ ସେ ଆଶ୍ଚର୍ଯ୍ୟ ହୋଇ ରହିଯାଏ। କାରଣ ସେ ଦେଖିବାକୁ ଯେମିତି ହଟ୍ଟାକଟ୍ଟା ଥିଲେ ତାଙ୍କର ଖାଇବା ଶୈଳୀ ମଧ୍ୟ ସେମିତି ଥିଲା। ମାତ୍ର ୧୮ ବର୍ଷ ବୟସରୁ ହିଁ ସେ ବଡିବିଲଡର ଭଳି ଦେଖାଯାଉଥିଲେ। ତାଙ୍କ ଶରୀର ଗଠନ ଖୁବ୍ ଆକର୍ଷଣୀୟ ଥିଲା। ଖେଳରେ ତାଙ୍କ ସହ ଟକ୍କର ଦେବା ପାଇଁ କେହି ବି ସମକକ୍ଷ ନଥିଲେ। ଗାଁରେ ସେହି ସମୟରେ ଜିମ ନଥିଲା ଓ ବର୍ତ୍ତମାନ ଭଳି ଜିମ୍‌ରେ ଯେଉଁ ସବୁ ଉପକରଣ ରହୁଛି ତାହା ମଧ୍ୟ ନଥିଲା। ତାଙ୍କ ମାଆ ଘରେ ଯେଉଁ ପେଷା ବା ଚକି ଓ ସିଲ୍‌ପୁଆ ଥିଲା ସେଥିରେ ବ୍ୟାୟାମ କରୁଥିଲେ। ସେଇଥିରେ କରୁଥିଲେ ୱେଟ୍ ଟ୍ରେନିଂ। ଏମିତିକି ସେ ନିଜର ଶରୀର ପାଇଁ ନିଜେ ଟ୍ରେନିଂ କରୁଥିଲେ। ତାଙ୍କୁ ପ୍ରାୟ ୩ ବର୍ଷ ଲାଗିଥିଲା ବଡିବିଲଡିଂ ପାଇଁ ସେତେବେଳେ ଲୋକ ତାଙ୍କୁ ଦେଖି ଚିହ୍ନି ପାରିନଥିଲେ।

ସ୍କୁଲରେ ଯେତେବେଳେ ହେଡ୍‌ମାଷ୍ଟର ପ୍ରବୀଣଙ୍କ ଶକ୍ତି ଦେଖିଥିଲେ ସେ ତାଙ୍କୁ ଖେଳିବା ପାଇଁ ପରାମର୍ଶ ଦେଇଥିଲେ। ଏମିତିକି ପ୍ରେରଣା ଦେଇ ତାଙ୍କୁ ଖେଳିବାକୁ ମଧ୍ୟ ପଠାଉଥିଲେ। ପ୍ରବୀଣ କୁମାର ଅନେକ ପ୍ରତିଯୋଗିତା ଜିତିଲେ। ପରେ ୧୯୬୬ ମସିହାରେ କମନୱେଲ୍‌ଥ ଗେମ୍ସରେ ଡିସ୍କ ଥ୍ରୋ ପାଇଁ ତାଙ୍କର ସିଲେକ୍ସନ ହୋଇଥିଲା। କମନୱେଲ୍‌ଥ ଗେମ୍ସରେ ପଦକ ଜିତି ଦେଶ ପାଇଁ ଗୌରବ ଆଣିଥିଲେ। ୧୯୭୨ ମସିହାରେ ପ୍ରବୀଣ କୁମାର ଜର୍ମାନୀର ମ୍ୟୁନିକ ସହରରେ ଆୟୋଜିତ ହୋଇଥିବା ଅଲମ୍ପିକ୍ସରେ ଭାଗ ନେଇଥିଲେ। ଏଥି ପାଇଁ ତାଙ୍କୁ ଅର୍ଜୁନ ପୁରସ୍କାରରେ ମଧ୍ୟ ସମ୍ମାନିତ କରାଯାଇଥିଲା। ଏହାଛଡା ଏସିଆନ୍ ଗେମ୍‌ରେ ୨ଟି ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ ଏବଂ ଗୋଟିଏ କାଂସ୍ୟ ପଦକ ମଧ୍ୟ ଜିତିଛନ୍ତି ପ୍ରବୀନ କୁମାର।

ତେବେ ସେ ଅଲିମ୍ପିକ୍ସ ଖେଳୁଥିବା ସମୟରେ ତାଙ୍କୁ ଦେଶର ସୀମା ସୁରକ୍ଷା ପାଇଁ ଡେପୁଟି କମାଣ୍ଡାଣ୍ଟ ପଦବିରେ ନିଯୁକ୍ତି ପାଇଥିଲେ। କ୍ରୀଡା ଜଗତରେ ସୁନାମ ଅର୍ଜନ କରିବା ପରେ ସେ ବିଏସ୍ଏଫ୍‌ରେ ମଧ୍ୟ ଚାକିରି ପାଇଥିଲେ। ହେଲେ ସେ ଚାକିରି ଆରମ୍ଭ କରିବା ପୂର୍ବରୁ ହିଁ ତାଙ୍କୁ ସିରିଏଲ୍ କରିବା ପାଇଁ ଚୟନ କରାଯାଇଥିଲା। ପ୍ରବୀଣ କୁମାରଙ୍କ ଜଣେ ସାଙ୍ଗ ତାଙ୍କୁ କହିଥିଲେ ଯେ, ବିଆର୍ ଚୋପ୍ରା ମହାଭାରତ ସିରିଏଲ୍‌ରେ ଭୀମଙ୍କ ଚରିତ୍ର ପାଇଁ ଏକ ବଳଶାଳୀ ପିଲା ଖୋଜିଛନ୍ତି ତେଣୁ ତାଙ୍କ ସହ ସେ ଦେଖା କରିବାକୁ ଚାହୁଁଛନ୍ତି। ତେବେ ଏହାପରେ ବିଆର୍ ଚୋପ୍ରାଙ୍କ ସହ ପ୍ରବୀଣ କୁମାରଙ୍କ ଦେଖା ହୋଇଥିଲା ଓ ସେ ତାଙ୍କୁ ପ୍ରଥମ ଦେଖାରେ ହିଁ ସିଲେକ୍ସନ କରିଦେଇଥିଲେ।

ସେବେଠୁ ହିଁ ତାଙ୍କର ଭାଗ୍ୟ ବଦଳି ଯାଇଥିଲା। ସେ ମହାଭାରତ ଅପେକ୍ଷା ଚାଚା ଚୌଧୁରୀରେ ସାବୁ ଚରିତ୍ର କରିବା ସହ ପାଖାପାଖି ୫୦ ଫିଲ୍ମରେ କାମ କରିଛନ୍ତି। ତେବେ ସେ ୧୦୦ ଟଙ୍କାରେ ଆରମ୍ଭ କରିଥିଲେ ତାଙ୍କର ଅଭିନୟ କ୍ୟାରିୟର। ହେଲେ ତାଙ୍କ ମୃତ୍ୟୁ ପୂର୍ବରୁ ସେ ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଥିଲେ। ଏମିତିକି ସୋସିଆଲ୍ ମିଡିଆରେ ଟ୍ୱିଟ କରି ସହାୟତା ବି କାମନା କରୁଥିଲେ। ହେଲେ ଶେଷରେ ତାଙ୍କୁ ଏଭଳି ଅବସ୍ଥାରେ ଏ ଦୁନିଆରୁ ବିଦାୟ ନେବାକୁ ହେଲା।

ଏବେ "ସଂପର୍କବାର୍ତ୍ତା" ଆପଣଙ୍କ ହାତପାହାନ୍ତାରେ
ପଢିବା ପାଇଁ ଭିଜିଟ୍ କରନ୍ତୁ
www. samparkabarta.in

# ଅଚିନ୍ତନୀୟ ପ୍ରେମ ଇଷ୍ଟଙ୍କ ପ୍ରତି ଶ୍ରେଷ୍ଠ ସମର୍ପଣ




ବିପିନ ବିହାରୀ ରାଉତ
ଶ୍ରୀବିହାର କଲୋନୀ, କଟକ
ଦୂରଭାଷ : ୯୪୩୭୬୬୬୪୫୩

ଆଜି ବିଶ୍ୱ ଭାଲେଣ୍ଟାଇନ ଡେ ତଥାକଥିତ ଭାବେ ବିଭିନ୍ନ ଭାବ, ବିଭିନ୍ନ ଢ଼ଙ୍ଗରେ ଅନୁଷ୍ଠିତ ହେଉଛି। ହେଲେ ଆମେ ସମସ୍ତେ ଭୁଲି ଯାଉଛେ ଯେ ବାସ୍ତବରେ ପ୍ରେମ କ'ଣ ? ପ୍ରେମ କେବଳ ଲିଭିଙ୍ଗ ଟୁଗେଦର ବାହାନା ବା ଦେହଭାବର ଭାବାର୍ଥ ନୁହେଁ। ଏହା ଅତ୍ୟନ୍ତ ପ୍ରାସଙ୍ଗିକ ଓ ମୂଲ୍ୟବୋଧଭିତ୍ତିକ ତଥା ଅନୁପ୍ରେରଣୀୟ। ଯେଉଁ ସାଧନା କରିଲେ ହୃଦୟରେ ପ୍ରେମ ଆସେ ତାହା ହିଁ କରିବା ଉଚିତ। ଆଉ ଯେଉଁଥିରେ କ୍ରୁରତା, କଠୋରତା, ହିଂସା ଆସେ ତାହା ଆପତତଃ ଲାଭଜନକ ହେଲେ ମଧ୍ୟ ତାହା ପାଖକୁ ଯିବାନାହିଁ। ଆମେମାନେ ଯଦି ଏପରି ଶକ୍ତି ଲାଭ କରିଥାଅ ଯାହାଦ୍ୱାରା ଚନ୍ଦ୍ର-ସୂର୍ଯ୍ୟ କକ୍ଷଚ୍ୟୁତ କରିପାରୁ, ପୃଥିବୀ ଭାଙ୍ଗି ଟୁକୁରା ଟୁକୁରା କରିପାରୁ ବା ସମସ୍ତଙ୍କୁ ଐଶ୍ୱର୍ଯ୍ୟଶାଳୀ କରି ଦେଇପାରୁ, କିନ୍ତୁ ଯଦି ହୃଦୟରେ ପ୍ରେମ ନଥାଏ, ତେବେ ଆମର କିଛି ବି ହୋଇନାହିଁ। ଯେ କେହି ପ୍ରେମ ପାଇଁ ଜୀବନ ଦାନ କରେ, ସେ ପ୍ରେମର ଜୀବନ ଲାଭ କରେ। ଯଦି ପ୍ରେମ ଥାଏ, ତେବେ ଅପରକୁ ମୋର ବୋଲି କୁହ କିନ୍ତୁ ସ୍ୱାର୍ଥ ରଖନାହିଁ। ଯିଏ ପ୍ରେମର ଅଧିକାରୀ, ନିଃସନ୍ଦେହ ଚିତ୍ତରେ ତାଙ୍କରି ଅନୁସରଣ କର, ମଙ୍ଗଳର ଅଧିକାରୀ ହେବ ହିଁ ହେବ। ପ୍ରେମକର, କିନ୍ତୁ ଆସକ୍ତ ହୁଅନାହିଁ, ଖୁବ୍ ଭଲପାଅ କିନ୍ତୁ ଦେହଘସା ହୁଅ ନାହିଁ। ଜଗତରେ ମଣିଷ ଯେତେ ଯାହା ଦୁଃଖ ପାଏ ତାହାର ଅଧିକାଂଶ ହିଁ କାମିନୀ-କାଞ୍ଚନ ପ୍ରତି ଆସକ୍ତିରୁ ଆସେ ସେ ଦୁଇଟା ପାଖରୁ ଯେତିକି ଦୂରେଇ ରହିବ ସେତିକି ମଙ୍ଗଳ। କାମିନୀ ଠାରୁ କାମ ବାଦ ଦେଲେ ହିଁ ସେ ମା' ହୋଇପଡ଼ନ୍ତି। ବିଷ ଅମୃତ ହୋଇଗଲା। ଆଉ ମା' କେବଳ ମା' - କାମିନୀ ନୁହେଁ। ପ୍ରତ୍ୟେକଙ୍କର ମା' ହିଁ ଜଗଜ୍ଜନନୀ। ପ୍ରତ୍ୟେକ ଝିଅ ହିଁ ନିଜ ମା'ର ବିଭିନ୍ନ ରୂପ, ଏହିପରି ଭାବିବାକୁ ହୁଏ। ମାତୃଭାବ ହୃଦୟରେ ପ୍ରତିଷ୍ଠିତ ନ ହେଲେ ସ୍ତ୍ରୀ ଲୋକଙ୍କୁ ଛୁଇଁବା ଅନୁଚିତ - ଯେତେ ଦୂରେଇ ରହିପାର ସେତେ ଭଲ; ଏପରିକି ମୁଖ ଦର୍ଶନ ନକରିବା ଆହୁରି ଭଲ। ସୃଷ୍ଟିତତ୍ତ୍ୱ, ଗଣିତବିଦ୍ୟା ଓ ରସାୟନ ଶାସ୍ତ୍ର ଇତ୍ୟାଦିର ଆଲୋଚନାରେ କାମ-ରିପୁର ଦମନ ହୁଏ। ବିଷୟରେ ମନ ସଂଲଗ୍ନ ରହିବାକୁ ଆସକ୍ତି କହନ୍ତି, ଆଉ ସତ୍‌ରେ ସଂଲଗ୍ନ ରହିବାକୁ ଭକ୍ତି କହନ୍ତି। ପ୍ରେମ ଭକ୍ତିର ହିଁ କ୍ରମୋନ୍ନତି। ଭକ୍ତିର ଗାଢ଼ତ୍ୱ ହିଁ ପ୍ରେମ। ଆସକ୍ତି କାମର ପତ୍ନୀ, ଆଉ ଭକ୍ତିର ପ୍ରେମର ଛୋଟ ଭଉଣୀ। ପ୍ରେମ ପରି ଆକର୍ଷଣକାରୀ ବା ଆଉ କିଏ ? ନିଜ ଇଷ୍ଟ ବା ଗୁରୁଙ୍କ ଆଦେଶ ପାଳନ ପରି ଆଉ ମନ୍ତ୍ର କ'ଣ ଅଛି ? ପ୍ରିୟଙ୍କ ପ୍ରତି ଭଲ ପାଇବା ବା ମଙ୍ଗଳବିହୀନ କର୍ମ କେବେ ହେଲେ ପ୍ରେମର ପରିଚାୟକ ନୁହେଁ। ପ୍ରେମକୁ ପ୍ରାର୍ଥନା କର ଆଉ ହିଂସାକୁ ଦୂରରୁ ପରିହାର କର। ସତ୍-ନାମ ମନନ କର, ଆଉ ସତସଙ୍ଗର ଆଶ୍ରୟ ଗ୍ରହଣ କର - ମୁଁ ନିଶ୍ଚୟ କହୁଛି, ତୁମକୁ ଆଉ ତୁମର ଉନ୍ନୟନ ପାଇଁ ଭାବିବାକୁ ହେବନାହିଁ।

ପ୍ରେମ ଈଶ୍ୱରଙ୍କର ଏକ ନୈସର୍ଗିକ, ଚିର ଶାଶ୍ୱତ ଦାନ। ପ୍ରେମାସ୍ପଦଙ୍କ ପାଖରେ ପ୍ରେମିକ ତାର ସର୍ବସ୍ୱକୁ ଅଞ୍ଜଳି ଦେଇଦିଏ। ପ୍ରେମର କୌଣସି ପ୍ରତିଦାନ ନାହିଁ, ଏହା ନିସର୍ତ୍ତ। ଆଜିକାଲିର ବସ୍ତୁବାଦୀ, ଭୋଗବାଦ, ସଂସ୍କୃତି ମୂଲ୍ୟବୋଧ ବିହୀନ ସନ୍ଧୀକ୍ଷଣରେ ପହଞ୍ଚିଥିବା ବେଳେ ଶରୀର ସର୍ବସ୍ୱ ପ୍ରେମକୁ ପ୍ରାଥମିକତା ଦିଆଯାଉଥିବାବେଳେ ନିଃସ୍ୱାର୍ଥ ଓ ଆତ୍ମ ସମର୍ପଣ ଭାବନାଯୁକ୍ତ ପ୍ରେମ କେବଳ ହିଁ ଅଚିନ୍ତନୀୟ ଓ ନିଜ ଗୁରୁ ବା ଇଷ୍ଟଙ୍କ ପ୍ରତି ଶ୍ରେଷ୍ଠ ସମର୍ପଣ। ଦ୍ୱାପରରେ ଶ୍ରୀରାଧାଙ୍କ କୃଷ୍ଣଭକ୍ତି ଓ ସମର୍ପଣର ଯେଉଁ ଶାଶ୍ୱତତା ତାହା ତ୍ରେତୟାରେ ପାଷାଣି ଅହଲ୍ୟାର ଚିରପ୍ରତିକ୍ଷୀତ ମର୍ଯ୍ୟାଦା ପୁରୁଷୋତ୍ତୋମ ଶ୍ରୀରାମଙ୍କ ପ୍ରତି ଯେଉଁ ଭାବନାଯୁକ୍ତ ଥିଲା ତାହାକୁ ଭାବିଲେ ଆଜିର ସମୟରେ ଏହା ନିଶ୍ଚିନ୍ତ ଭାବରେ ଅଚିନ୍ତନୀୟ। ନିଜ ଆରାଧ୍ୟ ପ୍ରିୟ ପରମ ପୁରୁଷ ଇଷ୍ଟଙ୍କ ପ୍ରତି ସତ୍, ଚିତ୍, ଶାଶ୍ୱତ ଭାବନାର ସମର୍ପଣ ଦ୍ୱାରା ହିଁ ଈଶ୍ୱରପ୍ରାପ୍ତି ସମ୍ଭବ। ଆଜି ତଥାକଥିତ ପାଶ୍ଚାତ୍ୟ ସଂସ୍କୃତିର ଭାଲେଣ୍ଟାଇନ୍ ଦିବସର ଅନ୍ତର୍ନିହିତ ତାତ୍ପର୍ଯ୍ୟତା କ'ଣ ? ପ୍ରେମ କ'ଣ କେବଳ ଶାରିରୀକ, ଏହା କ'ଣ କେବଳ ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ନିବିଦ୍ଧ। ଗୁରୁ-ଶିଷ୍ୟ, ଇଷ୍ଟ-ଅନୁଗତ, ମାଲିକ-ନୌକର, ପିତା-ପୁତ୍ର, ସ୍ୱାମୀ-ସ୍ତ୍ରୀ, ଭାଇ-ଭଉଣୀ, ବନ୍ଧୁ-ବନ୍ଧୁ ଭିତରେ ମା'-ପୁତ୍ରଙ୍କ ପ୍ରେମ ଭାବି ଦେଖିଲେ ? ମା'ର ପ୍ରତିଟି ମୁହୂର୍ତ୍ତ ତା ବାତ୍ସଲ୍ୟପ୍ରେମ ପିଲାଙ୍କ ପାଇଁ ହିଁ ପ୍ରତି ନିୟତରେ ଅମୃତଭରା। ଆସନ୍ତୁ ଏପରି ଏକ ଦିନରେ ତଥାକଥିତ ଶାରିରୀକ ପ୍ରେମକୁ ଜଳାଞ୍ଜଳି ଦେଇ ବିଶ୍ୱ ପିତାଙ୍କ ଶାଶ୍ୱତ ପ୍ରେମକୁ ଆବାହନ କରିବା। ଏହା ଭିତରେ ନିମଜ୍ଜିତ ହୋଇ ତାଙ୍କୁ ପାଇବାର ଯେଉଁ ଅମୃତ ଚେତନା ତାହାକୁ ବିଶ୍ୱ କଲ୍ୟାଣ ପାଇଁ ସମର୍ପଣ କରିବା ଏହା ହିଁ ଆଜିର ଦିବସର ଅନୁଚିନ୍ତନ ହେଉ।

# ପ୍ରକୃତ ବନ୍ଧୁ



ଅନୀତା ପଟ୍ଟନାୟକ
ଅବସରପ୍ରାପ୍ତ ପ୍ରାଧ୍ୟାପିକା,
ସିଡିଏ, କଟକ,
ଦୂରଭାଷ : ୯୮୬୧୧୧୮୬୭୩

ଜନ୍ମ ହେଲା ପରର ପାଞ୍ଚବର୍ଷ ପ୍ରାୟ ମୋର କିଛି ହେତୁ ନାହିଁ। ମୋ ମା'କୁହନ୍ତି ମୁଁ କଣ୍ଢେଇ ସହିତ, ତାଙ୍କ ସହିତ ଓ ମୋର ସମସାମୟିକ ପିଲାଙ୍କ ସହିତ ଖେଳିବାକୁ ବହୁତ ଭଲ ପାଉଥିଲି। ମୋର ଦୋରଟି କଥା ମୋ ମାଆ ଓ ଅନ୍ୟମାନଙ୍କୁ ଖୁବ ଭଲ ଲାଗୁଥିଲା। କାଳକ୍ରମେ ମୁଁ କିଶୋର ହେଲି। ମୋର କିଶୋର ଓ କିଶୋରୀ ବନ୍ଧୁମାନେ ଗଢ଼ି ଉଠିଲେ। ଇନ୍ଦ୍ରିୟ ମାନଙ୍କର ଉଦାମତାରେ ମୁଁ ଧରାକୁ ସରା ମଣୁଥିଲି ଓ ଯାହା ପାରୁଥିଲି ତାହା ଭାବି ନ ଚିନ୍ତି କରିଯାଉଥିଲି। କିଛି ଦିନ ପରେ ମୁଁ ଯୌବନରେ ପଦାର୍ପଣ କଲି। ବିବାହ ବନ୍ଧନ ଓ ପିଲାଛୁଆଙ୍କ ଜଞ୍ଜାଳରେ ଛନ୍ଦି ହୋଇଗଲି। ଏ କ୍ଷଣିକ ସୁଖ ମତେ ଖୁବ ଭଲ ଲାଗିଥିଲା। ଅର୍ଥ ପଛରେ ଖୁବ ଧାଇଁ ଥିଲି ଓ ସେଥିରେ ସଫଳତା ମଧ୍ୟ ଲାଭ କରିଥିଲି। ଧୀରେ ଧୀରେ ପ୍ରୌଢ଼ ଅବସ୍ଥାକୁ ଆସିଲି। ସେ ସମୟରେ ମୋର ଆଖପାଖ ହେଉଥିବା ଲୋକ ମାନଙ୍କୁ ମୋର ଅତୀତ ସ୍ମୃତିକୁ ବାଣ୍ଟିବାକୁ ଚେଷ୍ଟା କରୁଥିଲି। କେତେକ ବନ୍ଧୁ ଛଳନାରେ ହିଁ ଭରି ମତେ ପ୍ରଶଂସା କରୁଥିଲେ ମଧ କେତେକ ମୋର ପଛରେ ସମାଲୋଚନା କରୁଥିଲେ ଓ ମୁଁ ବାହାଦୁରୀ ଦେଖେଇ ହେଉଛି ବୋଲି କହିବାକୁ ପଛାଉ ନଥିଲେ। ମୋ ଠାରୁ ଉନ୍ନତ ସ୍ତରରେ ଥିବା (ସାଂସାରିକ କ୍ଷେତ୍ରରେ) ଅନେକ ଉପଦେଶ ମଧ ଦେଲେ ଯଥା ଏପରି କଲେ ସେପରି ହୋଇଥାନ୍ତା। ଜୀବନର ସଫଳ ରୂପାୟନ ମଧମ ହୋଇପାରିଥାନ୍ତି।

ସମୟ ସ୍ରୋତରେ ଧୀରେ ଧୀରେ ବାର୍ଦ୍ଧକ୍ୟ ଅବସ୍ଥାରେ ଉପନୀତ ହେଲି। ଇନ୍ଦ୍ରିୟଗୁଡ଼ିକ ଧୀରେ ଧୀରେ ଶିଥିଳ ହେବାକୁ ଲାଗିଲେ। ଆଖିକୁ ଭଲ ଦୃଶ୍ୟମାନ ହେଲାନାହିଁ। ଅନେକଥର ବଡ଼ ପାଟିରେ କହିବା ପରେ କର୍ଣ୍ଣକୁ ଧୀରେ ଧୀରେ ଶୁଭିବାକୁ ଲାଗିଲା। ଜିହ୍ୱାର ସେପରି କିଛି ସ୍ୱାଦ ରହିଲା ନାହିଁ। ଘ୍ରାଣଶକ୍ତି ମଧ କମିଗଲା। ସ୍ପର୍ଶନେନ୍ଦ୍ରିୟ ଲୋଳିତ ଚର୍ମରେ ପରିଣତ ହେଲା। ସମୁଦ୍ର ଉତ୍ତାଳ ତରଙ୍ଗରେ ମୋର ଜୀବନରେ ଯୋଡ଼ି ହୋଇଥିବା କାଠ ଗୁଡ଼ିକ ଯଥା ବାଲ୍ୟବନ୍ଧୁ, କୈଶରର ସଖା ସଖିଗଣ, ଯୌବନର ସାଥୀ ପତ୍ନୀ ପୁତ୍ରକନ୍ୟା ପୌଢ଼ ଅବସ୍ଥାର ବନ୍ଧୁ ଓ ବୃଦ୍ଧ ଅବସ୍ଥାର ସାଥୀ ସମସ୍ତେ ଧୀରେ ଧୀରେ ପୁଣି ଏକ ଉତ୍ତାଳ ତରଙ୍ଗରେ ମୋ ନିକଟରୁ ଅଲଗା ହୋଇଯାଇଥିଲେ। ମୁଁ ସେପରି କୌଣସି ଜଘନ୍ୟ ଅପରାଧ କରି ନଥିଲେ ମଧ ଗୃହବନ୍ଦୀ ହୋଇଗଲି। ସଂସାରକୁ ମୁଁ କେତେ ପ୍ରକାରରେ ଦେଖିଛି, ସୃଷ୍ଟିକୁ ମୁଁ କେତେ ପ୍ରକାରରେ ଭଲ ପାଇଛି ହେଲେ ବର୍ତ୍ତମାନ ମୁଁ ଏକାନ୍ତ, ଚାରିକାନ୍ଥ ପଥି ଓ ଭୃତ୍ୟର ଅନୁକମ୍ପାରେ ପରିଚାଳିତ। ଗର୍ବ, ଅହଙ୍କାର, ଅହମିକା, କ୍ଷୋଭ, ଅଭିମାନ ପାଇଁ ପାଖରେ କେହି ନାହାଁନ୍ତି।

ଦିନେ ସକାଳୁ ଯେତେବେଳେ ମୁଁ ଭାବିଲି ସତରେ କ'ଣ ମୁଁ ଏକାନ୍ତ ଓ ବନ୍ଧୁ ପରିଜନ ହୀନ। ଏହି ସମୟରେ ମୁଁ ଅନ୍ତର୍ବାଣୀ ଶୁଣି ଆଶ୍ଚର୍ଯ୍ୟ ହେଲି। ଆତ୍ମା କହିଉଠିଲା ଆରେ ମୂଢ଼ ମୁଁ ସଦା ସର୍ବଦା ତୋର ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ତୋର ଅନ୍ତରଙ୍ଗ ବନ୍ଧୁ ହୋଇ ରହିଛି ଓ ରହିବି। ହେଲେ ତୁ ସବୁବେଳେ ତୋର ବାହ୍ୟ ବନ୍ଧୁମାନଙ୍କୁ ପ୍ରାଧାନ୍ୟ ଦେଇ ଆସିଛୁ। ତୋର ସବୁକର୍ମରେ, ସବୁସ୍ଥାନରେ ମୁଁ ଉପସ୍ଥିତ ଥିଲେ ମଧ ମତେ ତୋର ପ୍ରକୃତ ବନ୍ଧୁର ମାନ୍ୟତା ଦେଇନାହୁଁ। ମୁଁ ତୋର ସମସ୍ତ କାର୍ଯ୍ୟରେ ନୀରବଦ୍ରଷ୍ଟା ଥିଲି ଓ ଅଛି ମଧ। ମୋ ଆଡ଼କୁ କେବେ ବି ବନ୍ଧୁତାର ହସ୍ତ ତୁ ପ୍ରସାରିତ କରିନାହୁଁ। ମୋର ନିଃସ୍ୱାର୍ଥପର ପ୍ରେମ ଓ ଭାବକୁ କେବେ ବି ବୁଝିପାରି ନାହୁଁ। ମତେ ତୁ ଉପେକ୍ଷା କରିଛୁ। ଯେପରି କୌଣସି ମନ୍ଦିରକୁ ମନୁଷ୍ୟ ତାର କ୍ଷଣିକ ଆତ୍ମ ଚିନ୍ତନରେ ଯାଏ କିନ୍ତୁ ପରମୁହୂର୍ତ୍ତରେ ଭୁଲିଯାଇଥାଏ। ସେହିପରି ମୋର ଉପଦେଶ, ମୋ ସହିତ ନିବିଡ଼ ବନ୍ଧୁତ୍ୱ ଓ ଚିହ୍ନିବାକୁ କେବେ ବି ପ୍ରୟାସ କରିନାହୁଁ। ମୋ ସହିତ ବନ୍ଧୁତ୍ୱ କରିବାକୁ ହେଲେ ଅର୍ନ୍ତଦୃଷ୍ଟି ବଢ଼ାଇବାକୁ ପଡ଼ିଥାଏ। ବାହ୍ୟ ଦୃଷ୍ଟିଭରା ମୋ ସହିତ ବନ୍ଧୁତ୍ୱ କରିହୁଏ ନାହିଁ। ତୁ କ'ଣ ଭୁଲି ଗଲୁଣି ତୁ ଯେତେବେଳେ ମନ୍ଦିରକୁ ଯାଉ ମନ୍ଦିରରେ ଭଗବାନଙ୍କର ମୂର୍ତ୍ତି ତୋର ବାହ୍ୟଦୃଷ୍ଟିରେ ପ୍ରତୀୟମାନ ହେଉଥିଲେ ମଧ ତୁ ଚକ୍ଷୁକୁ ବନ୍ଦ କରି ଅର୍ନ୍ତଦୃଷ୍ଟିରେ ତାଙ୍କୁ ଦେଖିବାକୁ ଚେଷ୍ଟା କରୁ। ହେ ବନ୍ଧୁ ! ତୁମେ କେବେ ବି ଏକାନ୍ତ ନଥିଲ କି ନାହଁ। ମୁଁ ଏନ୍ତୁଡ଼ିଶାଳର ଅଗ୍ନି ଠାରୁ ଚିତାଗ୍ନି ପର୍ଯ୍ୟନ୍ତ ତୁମ ସାଥିରେ ରହିଛି ଓ ରହିବି ମଧ। ନିଜକୁ ଏକାନ୍ତ ଭାବି ମତେ ଛୋଟ କରିଦିଅ ନାହିଁ କି ମତେ ଉପେକ୍ଷା କରନାହିଁ। ବହୁତ ହୋଇଗଲା ଆମ ମଧ୍ୟରେ ଲୁଚକାଳି ଖେଳ।

# ଦକ୍ଷ



ଉତ୍କଳାନନ୍ଦ ଅଜୟ କୁମାର ବେହେରା
ଅରୁଣୋଦୟ ନଗର, କଟକ,
ଦୂରଭାଷ : ୯୪୩୭୦୩୧୨୫୩

ପାରିବା ପଣିଆଁ ବ୍ୟକ୍ତି ହିଁ ଏହି ଶବ୍ଦର ଅଧିକାରୀ। ତେବେ ସଂସାରରେ ଏତେ ବିଷୟ ଏତେ ବିଦ୍ୟା ଏତେ ବୃତ୍ତି ଅଛି ଏପାଇଁ ଅଲଗା ଅଲଗା 'ଦକ୍ଷ' ପଣିଆଁରେ ଆସିପାରିଥାନ୍ତି। ସବ୍ ଜାନତା ମନୁଷ୍ୟ ବି ପ୍ରକୃତରେ ଦକ୍ଷରେ ଗଣତି ହୋଇ ନପାରନ୍ତି। ସାଧାରଣ ଜ୍ଞାନ ଓ ସୌଦାଗରୀ ଜ୍ଞାନ ପୁଣି ଠକିବା ଟାଳଟୁଳ କରି ସମୟ ଟାଳି ଘଟଣାର ଦକ୍ଷତା ରହିବା ପ୍ରାକରକର ଜ୍ଞାନ ମଧ୍ୟରେ କାର୍ଯ୍ୟ ପ୍ରଣାଳୀର ପ୍ରତ୍ୟକ୍ଷରେ ଦକ୍ଷ ଚିହ୍ନଟ ହୋଇପାରନ୍ତି। ବିଶେଷ ଜ୍ଞାନୀ ଅନୁଭବରୁ ହିଁ ଦକ୍ଷ ପରେ ଅତି ଦକ୍ଷରେ ଆସିପାରିଛି। ମୂଳରୁ ଚୁଳ ସମସ୍ତେ ପ୍ରୟୋଗରେ ବିଭିନ୍ନ ପର୍ଯ୍ୟାୟରେ ଲାଗି ରହିଲେ ଏକ କାର୍ଯ୍ୟ ସାଧିତ ହୋଇପାରେ ନ ହେଲେ ଅଧାପନ୍ତରିଆ ଧନ୍ଦା ହୋଇଯାଏ। ଏକ ବିଦ୍ୟା ଦକ୍ଷମାନେ ସମୟର ମୂଲ୍ୟ ପାଆନ୍ତି। ମାତ୍ର ସମୟ ଏମିତି ହୋଇଗଲାଣି ଦକ୍ଷ ନ ହୋଇ ଦକ୍ଷତାର ଜାଲି ପ୍ରଚାରରେ ଜଣେ ଦକ୍ଷ ପଦବୀ ହାସଲ କରି ବସିଲେଣି। ପୁଣି ଦକ୍ଷ ବି ଅତିଦକ୍ଷ ପାଇଁ ଲାଳାୟିତ ହୋଇ ଅଧିକ ଜ୍ଞାତା ହୋଇ ସୁନାମ ଓ ବଡ଼ ପଦ ଆଶାୟୀ ଦିଗକୁ ଧାଇଁଲେଣି। ଅପାଳକ ରାଇଜରେ ବିଜୁଳି ଲକ୍ଷେ ଟଙ୍କା ପରି ଏବେ ସମସ୍ତେ କନ୍ୟାଟିଏ ହେଉ ବରଟିଏ ଖୋଜିଲା ବେଳେ ଦେଖୁଛନ୍ତି ଜାତକର ପରିଚିତ ଚିଠାରେ ନିଶ୍ଚେ କମ୍ପ୍ୟୁଟର ପାଠର କିଛି ହାସଲ ବର୍ଣ୍ଣନା ଲେଖା ରହିଛି। ପାଠର ପଢ଼ା ଧାରଣା ନଥିବା ବ୍ୟକ୍ତିମାନେ ବରଟି କମ୍ପ୍ୟୁଟର ପଢ଼ିଛି କନ୍ୟାଟି କମ୍ପ୍ୟୁଟର ପଢ଼ିଛି ଧରି ବିବାହ ପାଇଁ ଏକ ଗୌରବ ଉପକ୍ରମ ଭାବୁଛନ୍ତି। ପ୍ରକୃତରେ ପାଠରୁ ପଢ଼ା ଧାରଣା କାରୀ ବିଦ୍ୟାର ଗଭୀରତା ଜାଣିପାରନ୍ତି ମାତ୍ର ବିବାହ କାର୍ଯ୍ୟର ଘଟକ ସଂସ୍ଥା କେମିତି ଏହା ଜାଣିବେ ?

ଇଞ୍ଜେକ୍ସନ ଫୋଡ଼ିବା, ବ୍ଲଡ଼ ପ୍ରେସର ମାପିବା, ନିଶ୍ୱାସରେ ଅକ୍ସିଜେନ ମାପିବା, ଜ୍ୱର ତାପ ମାପିବା ଏପରି କର୍ମ ଡାକ୍ତରଙ୍କ ଏକ କର୍ମ। ମାତ୍ର ଏସବୁ କରିବାଲୋକ କେବେ ଡାକ୍ତର ନୁହଁନ୍ତି କି ଔଷଧ ଦୋକାନୀ କେବେ ରୋଗର ନିଦାନ ଜାଣି ନାହାଁନ୍ତି। କୌଣସି ଫାର୍ମାସିଷ୍ଟଙ୍କ ସାର୍ଟିଫିକେଟରେ ସେ ଦୋକାନ ଚଳାଉଛନ୍ତି ଏପରି ବୁଝିବା ନିହାତି ଦରକାର ଏମାନେ ଦକ୍ଷ କେବେ ନୁହଁନ୍ତି। ଟିଉସନ ଶିକ୍ଷକ ଓ ବିଦ୍ୟାଳୟର ଶିକ୍ଷକ ଦୁଇଜଣ। ସମୟର ମୂଲ୍ୟାୟନ କରି ପେଟ ପୋଷିବା ଧନ୍ଦା ଧରିଛନ୍ତି ମାତ୍ର ବିଦ୍ୟାଳୟ ଶିକ୍ଷକ ଛାତ୍ରଛାତ୍ରୀଙ୍କ ମନସ୍ତତ୍ୱ ଜାଣି, ସିଲାବସ ଅନୁସାରେ ବଛାଇକରା ପାଠକୁ ସାମୁହିକ ଭାବରେ ଏକ ବିଷୟ ଶ୍ରେଣୀରେ ପଢ଼ାଇ ଛାତ୍ରଙ୍କ ମନରେ ବିଷୟ ପ୍ରତି ଆଗ୍ରହ ସୃଷ୍ଟିକରି ଅନେକ ପ୍ରଶ୍ନ ଛାତ୍ରଙ୍କ ମନରେ ଉଦ୍ରେକ କରି ବିଷୟଟିକୁ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଦେଇ ଭବିଷ୍ୟତ ପ୍ରସ୍ତୁତିରେ ରଖାନ୍ତି ଯାହା ଯେଉଁ ପ୍ରକାର ପ୍ରଶ୍ନର ସେମାନେ ଉତ୍ତର ପରେ ଦେଇପାରନ୍ତି। ପାଠ ବିଷୟ ସମସ୍ୟା ପର ଜୀବନରେ ଜୀବନଯାତ୍ରାରେ ବି ସେ ସମସ୍ୟା ଆସିପାରେ ତାହା ସମାଧାନ ତହିଁରେ ଶିକ୍ଷା ପ୍ରକୃତିରେ ଥାଏ। ମାତ୍ର ଟିଉସନ ଶିକ୍ଷକକୁ ପିଲାଙ୍କର ଗୁରୁଜନ କେବଳ ପାଠ୍ୟ ବିଷୟରେ କେମିତି ଅଧିକ ନମ୍ବର ରଖି ପାସ କରି ହେବ ଏହା ହିଁ ତାଗିଦରେ ରଖନ୍ତି। ଯାହା ପ୍ରସଙ୍ଗଭିର୍ତ୍ତିକ ପାଠ ପଢ଼ାର ମାର୍ଗ ତାଲିମ ପ୍ରାପ୍ତ ଶିକ୍ଷକଙ୍କ ଦ୍ୱାରା ହୋଇନଥାଏ ବା ଛାତ୍ରକୁ ଭ୍ରମ ସଂଶୋଧନ କରିବାକୁ ସମୟ ଦିଅନ୍ତି ନାହିଁ। ଏସବୁରୁ ତର୍ଜମା କଲେ ଏକ ବିଷୟରେ ପ୍ରବେଶ ପାଇଁ ଅନୁକରଣ କରି ଶିକ୍ଷିତ ଲୋକ ଅଦକ୍ଷ, ଅଦକ୍ଷ ବହୁଦିନ ଅନୁକରଣ କରି କିଛି ଅନୁଭବ ଓ ପରିସ୍ଥିତି ପଡ଼ି ଅର୍ଦ୍ଧଦକ୍ଷ, ତାପରେ ଦକ୍ଷ ସ୍ତରକୁ ବିଭିନ୍ନ ପରୀକ୍ଷା ଓ ସମସ୍ୟାରେ ପଡ଼ି ଆସିଥାନ୍ତି।

ପାଠପଢ଼ାରେ ଶିକ୍ଷକ, ପାଠପଢ଼ା ଠିକ ଭାବରେ କରୁଛନ୍ତି କି ନାହିଁ ଏ ପାଇଁ ତଦାରଖକୁ ନିରୀକ୍ଷକ ମୁତୟନ ଅଛନ୍ତି। ଏସବୁଥିରେ ଅନୁଭୂତିକୁ ବିଦ୍ୟା ପ୍ରବୀଣ ବ୍ୟକ୍ତିମାନେ ଅତି ଦକ୍ଷରେ ରହିଛନ୍ତି। ଏକ ପରିବାରେ ଏକ ପ୍ରକାର ତରକାରୀ ବହୁଜନ ରୋଷେଇ କଲେ ବି ଏକ ପ୍ରକାର ସ୍ୱାଦବାସ୍ନା କେବେ ହୋଇ ନପାରେ। ତେବେ ଯଦି କେହି ଶ୍ରୀଜଗନ୍ନାଥଙ୍କ ମହାପ୍ରସାଦ ସେବାରେ ନିତ୍ୟଥିବ ତେବେ ସେ ଏପରି ଭାବରେ ବ୍ୟବଧାନ କେବେ ପାଇନପାରେ। ପ୍ରକୃତରେ ଶ୍ରୀମନ୍ଦିରର ସୁପକାର ସେବାୟତମାନେ ମହାଦକ୍ଷ। ଔଷଧ ନିର୍ମାଣ, ରୋଗ ପ୍ରତିରୋଧ ରୋଗ ଆରୋଗ୍ୟ ଉଦ୍ଦେଶ୍ୟରେ ପ୍ରସ୍ତୁତ କରନ୍ତି। ମାତ୍ର ଦକ୍ଷ ରସାୟନବିତ୍ ଡାକ୍ତର ରୋଗୀ ଦେହରେ ଏହା କ'ଣ ପାର୍ଶ୍ୱ ପ୍ରତିକ୍ରିୟା କରିପାରେ ଓ ଏହାପର ରୋଗୀର ପ୍ରାଣ ସଂଶୟ କାଳେ ହୋଇପାରେ ଏହାକୁ ଭଲ ଭାବରେ ତର୍ଜମା କରି ପ୍ରୟୋଗ ଦିଗ ଖୋଜନ୍ତି। ସବୁ ସ୍ତରରେ ଏମିତି ଅଦକ୍ଷ, ଅର୍ଦ୍ଧଦକ୍ଷ, ଦକ୍ଷ, ଅତି ଦକ୍ଷ ଓ ମହାଦକ୍ଷ ସ୍ତର ଅଛି। 'ଦକ୍ଷ' ଏକ ବ୍ୟକ୍ତି ଥିଲେ, ସେ ବହୁ କନ୍ୟାଙ୍କର ଜନ୍ମଦାତା ହେଲେ ସମୁଦ୍ରଙ୍କୁ ଖୁସି କରାଇ କାର୍ଯ୍ୟ ହାସଲ କରିବାରେ ସେ ଅପାରଗ ହେଲେ। ସତୀ ତାଙ୍କର ବଡ଼ ଝିଅ ତାଙ୍କୁ ଓ ତାଙ୍କର ସ୍ୱାମୀ ଶିବଙ୍କୁ ଏକ ମନୋଜ୍ଞ ଯଜ୍ଞ କାର୍ଯ୍ୟକୁ ନିମନ୍ତ୍ରଣ ନକରି, ସାନ ଝିଅ ଜ୍ୱାଇଁଙ୍କୁ ବରଣ ନିମନ୍ତ୍ରଣ କରି ଏପରି ଭୁଲ କଲେ, ଶେଷରେ ଅଘଟଣ ଘଟିଲା ଦକ୍ଷଙ୍କର ମୁଣ୍ଡ ଗଲା। ଛାଗ ମୁଣ୍ଡ ସଂଲଗ୍ନରେ ସେ ସଂସାରରେ ପରିଚିତ ରହିଲେ ଜ୍ୟେଷ୍ଠା କନ୍ୟାଙ୍କୁ ଅକାଳ ଅଗ୍ନୀଦଗ୍ଧରେ ପ୍ରାଣ ହରାଇବାକୁ ପଡ଼ିଲା। ଜ୍ୱାଇଁ ମୃତଦାର ହେଲେ। ସେ ଖାଲି 'ଦକ୍ଷ' ନାମଧାରୀ ନଥିଲେ ପ୍ରଜାପତି ବି ଥିଲେ। ପ୍ରଜାପତି ଅର୍ଥ ଅନେକ ପ୍ରଜାଙ୍କ ପାଳନ କର୍ତ୍ତା। ରାଜା, ପ୍ରଶାସକ ଏମିତି ନାମ ନଥିଲେ ବି ଦକ୍ଷ ପ୍ରଶାସକ ଡାକ ଅଛି, ହେଲେ ସମସ୍ତଙ୍କୁ କେମିତି ତୋଷ କରିହେବ, ଏକଥା ଏକ ସାଧନା ଏହା ସେହି 'ଦକ୍ଷ ପଦବୀ', କର୍ତ୍ତା ହୁଏତ ଜାଣି ପାରୁନଥିବେ। ସର୍ବତୋଷ ହେଉଛି ଦୈବୀ କଳା, ମାନବଙ୍କୁ ମାଧବ ପରି ସେବା କଲେ ସାଧନା ପୂର୍ଣ୍ଣ ହେବ। ସେବା ରହିତ ପରେ ବି ତାଙ୍କୁ ସମସ୍ତେ ସମ୍ମାନ ଜଣାଇବେ ହିଁ ଜଣାଇବେ।

# ଚରିତ୍ର ନଥିଲେ ସବୁ ଅସାର



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର
ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭

ଯୁଗପୁରୁଷୋତ୍ତୋମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ସୁକେନ୍ଦ୍ରିକତା ଏକାନ୍ତ ଆବଶ୍ୟକ । ମନୁଷ୍ୟ ଭାବେ ଦୀକ୍ଷା ନେଲି, ଗୁରୁ ଗ୍ରହଣ କଲି, ସନ୍ନ୍ୟାସ ନେଲି, ବାନପ୍ରସ୍ଥ ନେଲି, ଏଥିରେ ହିଁ ସବୁ ହେଲା, ତାହା କିନ୍ତୁ ନୁହେଁ । କର୍ମ ଭିତର ଦେଇ ଯେତେ ପରିମାଣରେ ସୁନିୟନ୍ତ୍ରିତ ଓ ସୁକେନ୍ଦ୍ରିକ ହୋଇ ଉଠିବ ତୁମର ଚରିତ୍ରର ଦ୍ୟୁତି ସେତେ ପ୍ରକାଶିତ ହେବ । ଥିଲେ ଥାଉ ପଛେ ଗୁଣ ହଜାର, ଚରିତ୍ର ନଥିଲେ ସବୁ ଅସାର । ସାର୍ଥକ ସଙ୍ଗତି ଆବଶ୍ୟକ । ତୁମେ ଯାହା କିଛି କର ନା କାହିଁକି ଗୁରୁ ବା ଇଷ୍ଟଙ୍କ ଠାରେ ସାର୍ଥକ ହେବାକୁ ହେବ । ସବୁବେଳେ ନିଜକୁ ଜିଜ୍ଞାସା କରିବ - ମୋର ଏହି କର୍ମରେ ଗୁରୁଜୀ ବା ଇଷ୍ଟ ଦେବତା ସନ୍ତୁଷ୍ଟ ତ ? ଗୀତାରେ ଭଗବାନ ଶ୍ରୀକୃଷ୍ଣ ଭକ୍ତ ଅର୍ଜୁନଙ୍କୁ କହିଲେ - ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ । ଏହାର ଅର୍ଥ ତୁମର ମନଗଢା ବା ପ୍ରବୃତ୍ତି ଧର୍ମକୁ ଛାଡି ମୋତେ ରକ୍ଷା କରି ଚାଲ, ମୋତେ ପରିପାଳନ କର, ତାହା ହେଲେ ଅହଂ ତ୍ୱାଂ ସର୍ବପାପେଭ୍ୟୋ ମୋକ୍ଷୟିଷ୍ୟାମି ମା ଶୁଚଃ । ଜନୈକ ଭକ୍ତ ପ୍ରଶ୍ନ କଲେ - ସଦ୍‌ଗୁରୁ ଗ୍ରହଣ କଲେ ସେ ଆମ୍ଭମାନଙ୍କୁ ସର୍ବପାପ ଠାରୁ ରକ୍ଷା କରିବାର ନିଶ୍ଚୟତା ଓ ପ୍ରତିଶୃତି ଦେବେ ତ ? ଦୃଢ଼ କଣ୍ଠରେ ଦୟାଲ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପ୍ରକାଶ କଲେ - ଏହି ନିଶ୍ଚୟତା ଓ ପ୍ରତିଶୃତି ସଦ୍‌ଗୁରୁ ଅବଶ୍ୟ ଦେବେ । କିନ୍ତୁ ସେଥିନିମିତ୍ତି ତୁମକୁ ସୁକେନ୍ଦ୍ରିକ ହେବାକୁ ଲାଗିବ । ସକଳ ଗ୍ରହ ଯେପରି ସୂର୍ଯ୍ୟକୁ କେନ୍ଦ୍ର କରି ଚାଲୁଛନ୍ତି ତୁମକୁ ସେହିପରି ଗୁରୁଙ୍କ ଠାରେ କେନ୍ଦ୍ରାୟିତ ହେବାକୁ ପଡିବ । ଭଗବାନ ଶ୍ରୀକୃଷ୍ଣ ସେଥିପାଇଁ ଭକ୍ତ ଅର୍ଜୁନଙ୍କୁ କହିଲେ- ମନ୍ମନା ଭବ ମଦ୍‌ଭକ୍ତୋ ମଦ୍‌ଯାଜୀ ମାଂ ନମସ୍କୁରୁ । ମୋ ପାଇଁ କର୍ମ କର, ଏହି ଲକ୍ଷ୍ୟ ଠିକ୍ ରଖି ଚାଲ । ତୁମର ପ୍ରଭୁଙ୍କୁ ତୁମେ ଅନୁସରଣ କର । ତୁମେ ମଧ୍ୟ ବିଶ୍ୱରୂପ ଦେଖି ପାରିବ । ସ୍ମିତହାସ୍ୟ ସହକାରେ ଦୟାଲ୍ ପ୍ରଭୁ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ଭକ୍ତ ଅର୍ଜୁନ ମଧ୍ୟରେ ଅର୍ଜନ ଅଛି । ଅର୍ଜୁନ ଭଗବାନ କୃଷ୍ଣଙ୍କର କୃପା କର୍ମ ମାଧ୍ୟମରେ ଅର୍ଜନ କରିଥିଲେ । କୌଣସି କିଛି କରିବାକୁ ଯାଇ ଯଦି ଭୁଲ ହୋଇଯାଏ ଭୁଲକୁ ତତ୍‌କ୍ଷଣାତ୍ ସଂଶୋଧନ କରିନିଅ, ସମ୍ପୂର୍ଣ୍ଣ ଭାବରେ ଦୂରୀକରଣ କର । ତାହା ହିଁ ମୋତେ ଆହୁରି ଖୁସି କରି ଉଠାଏ । ତୁମର ସତ୍ ଅଭ୍ୟାସଗୁଡିକ ସଜାଗ ରଖ, Habit ମାନେ Have it। ଜନୈକ ଭକ୍ତ ପ୍ରଶ୍ନ କଲେ ଜୀବନର କଷ୍ଟଗୁଡିକ ଦୂର ହେବା ଆବଶ୍ୟକ । ଦୟାଲ ଶ୍ରୀ ଶ୍ରୀ ଠାକୁର ପ୍ରତ୍ୟାୟାତ୍ମକ ଭଙ୍ଗୀରେ କହି ଉଠିଲେ - କଷ୍ଟ ଭିତର ଦେଇ ଆମ୍ଭେମାନେ ପ୍ରସ୍ତୁତ ହେଉ । କଷ୍ଟ ଓ ବାଧାକୁ ଅତିକ୍ରମ କରି ଯେତେବେଳେ ଚାଲୁ ସେତେ ପରିମାଣରେ ଆମ୍ଭମାନଙ୍କର ବୋଧ ବୃଦ୍ଧି ପାଏ । ଅସତ୍‌କୁ ଆମେ ଜାଣିବୁ । କିନ୍ତୁ ଅସତ୍ ଯେପରି ଆମ୍ଭମାନଙ୍କୁ ପ୍ରଭାବିତ କରି ନ ପାରେ ତାର ଚେଷ୍ଟା କରିବୁ । ଏହିପରି ଭାବରେ ଆମର ବୋଧ ଓ ବ୍ୟକ୍ତିତ୍ୱ ନିୟନ୍ତ୍ରିତ ହେବ । ଏହି ଭାବରେ ଆମ୍ଭେମାନେ ପ୍ରଜ୍ଞାର ଅଧିକାରୀ ହୋଇ ଉଠିବୁ । ଯେକୌଣସି କର୍ମ ପଥରେ ବାଧା କଷ୍ଟ ଆସେ, ସେଗୁଡିକୁ ଅତିକ୍ରମ ନ କଲେ ସିଦ୍ଧିଲାଭ ହୁଏ ନାହିଁ । ଭଗବାନ୍ ଶ୍ରୀକୃଷ୍ଣ ଭଗବଦ ଗୀତାରେ କହିଛନ୍ତି - ଯେ ଯଥା ମାଂ ପ୍ରପଦ୍ୟନ୍ତେ ତାଂ ତଥୈବ ଭଜାମ୍ୟହଂ, ମମ ବର୍ତ୍ତାନୁବର୍ତ୍ତନ୍ତେ ମନୁଷ୍ୟାଃ ପାର୍ଥ ସର୍ବଶଃ । ପୁଣି ସନ୍ଥକବି ତୁଳସୀ ଦାସ କହିଛନ୍ତି - ତୁମ ଯେଇସା ରାମକୋ, ତୁମ୍‌କୋ ତେଇସା ରାମ, ଡ଼ାଇନେଯାଓ ତୋ ଡ଼ାଇନ, ବାମେ ଯାଓ ତୋ ବାମ । ଜନୈକ ଭଦ୍ରବ୍ୟକ୍ତି ପ୍ରଶ୍ନ କଲେ - ଯେ ଯେପରି ଭଜନା କରେ ସେହିପରି ଫଳ ପାଏ । ତାହାହେଲେ ରାବଣ ମଧ ସାଧନା କରି ଫଳ ପାଇଥିଲା । କିନ୍ତୁ ସମସ୍ତ ଦେବତା ଏକ ସଙ୍ଗରେ ରାବଣର ବିରୋଧୀ ହୋଇ ଉଠିଲେ କାହିଁକି ? ଯାହାଫଳରେ ରାବଣ ମୃତ୍ୟୁ ଲାଭ କଲା । ଏହି ପ୍ରସଙ୍ଗରେ କୁଳମାଲିକ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପ୍ରକାଶ କଲେ- ମୁଁ ଯଦି ତୁମ ଉପରେ ହିଂସା କରେ ତାହା ଅସତ୍ । ଅସତ୍ ଯିଏ ସେ ମୋର ଅସ୍ତିତ୍ୱକୁ ଧ୍ୱଂସ କରେ । ଆଉ ଅସ୍ତିତ୍ୱକୁ ଯେ ରକ୍ଷା କରେ ସେ ସତ୍ । କିନ୍ତୁ ରାବଣ ଯେ ଭଗବାନ ରାମଙ୍କର ସହଧର୍ମିଣୀ ମାତା ଜାନକୀଙ୍କୁ ଟାଣି ନେଲା, ଅନ୍ୟର ରାଜ୍ୟ ଦଖଲ କଲା, ଏହା କ'ଣ ସତ୍ ଭାବର ଲକ୍ଷଣ । ଏହିସବୁ କରି ସେ ଭଗବାନଙ୍କର ଉପାସନା କରୁଥିଲା । ଏହାର ଅର୍ଥ ସେ ତାର ଅନ୍ତରସ୍ଥ ଭଗବାନଙ୍କୁ ବଞ୍ଚନା କରୁଥିଲା, ତାର ଉଦ୍ଦେଶ୍ୟ ଥିଲା ଭଗବାନ ରାମଚନ୍ଦ୍ରଙ୍କୁ ବଞ୍ଚନା କରିବା । ଧରାଯାଉ ସତ୍ତା ଚାହୁଁଛି ଚାରିଟା ରସଗୋଲା ଖାଇବ । କିନ୍ତୁ ମୁଁ ଯଦି ଅଧା କିଲୋ ରସଗୋଲା ଖାଏ ତାହାହେଲେ ସତ୍ତା ତାହା ଗ୍ରହଣ କରିବ ନାହିଁ । ଏହିସବୁ ପ୍ରବୃତ୍ତିର କ୍ଷୁଧା ନିମିତ୍ତ ମନୁଷ୍ୟ କରେ । ଆଉ ମୁଁ ଯଦି ଭଗବାନ ଶ୍ରୀରାମଙ୍କୁ ଭଲ ପାଏ ତାହାହେଲେ ମୋର ଚଳନ-ଚରିତ୍ର ଭଗବାନ ଶ୍ରୀରାମଙ୍କ ଭଳି ହୋଇ ଉଠିବ । ଜଣେ ସତୀ ସ୍ତ୍ରୀର ଯେପରି ହୁଏ । ଶତ୍ରୁତା ଭଲ ନୁହେଁ, ଶତ୍ରୁତାର ନିରସନ ହେଲେ ହିଁ ଭଲ ହୁଏ । ଭକ୍ତ ଭଦ୍ରଲୋକ ପୁଣି ପ୍ରଶ୍ନ କଲେ ଜଣେ କେହି ଦୀକ୍ଷା ନେଲେ ଅନ୍ୟମାନେ ତାଙ୍କୁ ନିନ୍ଦା କରନ୍ତି, ଉପହାସ କରନ୍ତି । ଏହାକୁ ସହ୍ୟ କରିବାର ଶକ୍ତି ସେହି ଦୀକ୍ଷିତ ଭାଇଙ୍କର ଥିବା ଆବଶ୍ୟକ । ଏହି ପ୍ରସଙ୍ଗରେ ଶ୍ରୀ ଶ୍ରୀ ଠାକୁର କହିଲେ- ଏଗୁଡିକ ଭାବିବାର ଜିନିଷ ନୁହେଁ । ଲୋକମାନେ ନିନ୍ଦା କରିପାରନ୍ତି । ଆମ୍ଭେମାନେ ତ ପୁରୁଷ ଲୋକ, ଲୋକମାନେ ଭକ୍ତ ମୀରାବାଇଙ୍କର ମଧ ନିନ୍ଦା କରିଛନ୍ତି । କବୀର ସାହେବଙ୍କୁ ମଧ ଅନେକ ନିନ୍ଦା କରନ୍ତି । ନିନ୍ଦା କଲେ ମଧ ସେମାନେ ପ୍ରଭୁଙ୍କର ମହିମାକୁ ହିଁ ପ୍ରଚାର କରନ୍ତି । ସେଣ୍ଟ ଜନ୍ ଥିଲେ । ସେ ପ୍ରଭୁ ଯୀଶୁଙ୍କ ପାଖରେ ଖାଲି ବସି ରହୁଥିଲେ । ଲୋକମାନେ ତାଙ୍କୁ କହୁଥିଲେ - ତୁମେ କେବଳ ବସି ରହିଛ କାହିଁକି ? ପ୍ରଭୁ ଯୀଶୁଙ୍କୁ ସହିତ କଥାବାର୍ତ୍ତା କରୁନ । ସେ କହିଲେ - ମୁଁ ମୂର୍ତ୍ତ ପ୍ରେମ ଦେଖୁଛି । ଭକ୍ତର ଭାବିବା ଉଚିତ - ପ୍ରଭୁ, ମୁଁ ତୁମକୁ ଭଲ ପାଏ । କର୍ମରେ ମଧ ସେହି ଭଲ ପାଇବା ପ୍ରକାଶ ପାଉ, ଚଳନ ମଧ ସେହିପରି ହେଉ, ଯେପରି ଥିଏଟରରେ ଆଚରଣ କରନ୍ତି । ଏହି ଧର୍ମର ଆଚରଣ କରୁ କରୁ ମନ ଭିତରେ ଧର୍ମ ଭାବ ଜାଗ୍ରତ ହୁଏ । ଏହା ଲୋକ ଦେଖାଣିଆ ହେଲେ ମଧ ଭଲ । ଶ୍ରୀ ଶ୍ରୀ ଠାକୁର ଅନୁକୂଳନ୍ଦ୍ର ଦୟାପରବଶ ହୋଇ କହି ଚାଲିଛନ୍ତି- ବୈଷ୍ଣବ ଶାସ୍ତ୍ରରେ ଏକ ଗଳ୍ପ ଅଛି । ଜଣେ ବ୍ୟାଧ ପକ୍ଷୀ ମାରୁଥିଲା, ପକ୍ଷୀମାନଙ୍କୁ ଖୁବ୍ କଷ୍ଟ ଦେଇ ମାରୁଥିଲା, ଦୂରରୁ ବାଣ ମାରୁଥିଲା । ହୁଏତ କିଛି ପକ୍ଷୀ ମଧ ବାଣରେ ନ ମରି ଉଡି ଯାଉଥିଲେ । ଦିନେ ସେହି ସ୍ଥାନରେ ବ୍ୟାଧ ଦେଖିଲା ଜଣେ ସାଧୁ ମହାରାଜ ରାମ-ରାମ ଜପ କରି ପୋଖରୀରେ ଗାଧୋଇ ଆସି ସେହି ଗଛ ପାଖରେ ବସି ଧ୍ୟାନରେ ନିମଗ୍ନ ହେଲେ । ସେତେବେଳେ ତାର ଦେହରେ ପକ୍ଷୀମାନେ ଆସି ବସିବାକୁ ଲାଗିଲେ । ବ୍ୟାଧ ଭାବିଲା ଏହା ତ ଖୁବ୍ ମଜା । ମୁଁ ମଧ ଯଦି ଏଇଠାରେ ଗାଧୋଇ ଧ୍ୟାନରେ ବସେ ଓ ପକ୍ଷୀମାନେ ଯଦି ମୋ ଦେହରେ ବସନ୍ତି ତାହାହେଲେ ସେମାନଙ୍କୁ ସୁବିଧାରେ ଧରିବି, ମାରିବି ଓ ଖାଇବି । ତାପରେ ସାଧୁ ଚାଲିଗଲାରୁ ବ୍ୟାଧ ଜଣକ ରାମ-ରାମ ଜପ କରି ପୋଖରୀରେ ଗାଧୋଇ ତିଳକ ଓ ଚନ୍ଦନ ଲଗାଇ ଧ୍ୟାନରେ ବସିଲା । ଠିକ୍ ସେହିପରି ଭାବରେ ପକ୍ଷୀମାନେ ମଧ ଉଡି ଆସି ବ୍ୟାଧ ଦେହରେ ବସିଲେ । ସେତେବେଳେ ସେ ବ୍ୟାଧର ବିବେକର ଉଦୟ ହେଲା, ବ୍ୟାଧ ଭାବିଲା - ଏତିକିରେ ଏତେ ଫଳ । ମୁଁ ଯଦି ସତ୍ୟକାର ସାଧୁ ହୋଇପାରିବି ତାହାହେଲେ କେତେ କ'ଣ ପାଇବି । ଶ୍ରୀ ଶ୍ରୀ ଠାକୁର ଭାବଗମ୍ଭୀର ସ୍ୱରରେ କହୁଛନ୍ତି - ମୁଁ ଯେତେବେଳେ ଛୋଟ ଥିଲି ସେତେବେଳେ କଲିକତାର ଷ୍ଟାର ଥିଏଟରର ନାଟକ ଦେଖିବାକୁ ଯାଉଥିଲି । ଭଲ ଭଲ ନାଟକ ହେଲେ ମଧ୍ୟେ ମଧ୍ୟେ ଯାଉଥିଲି । ଯେଉଁମାନେ ଭଲ ଅଭିନୟ କରୁଥିଲେ ସେମାନେ ଖାଦ୍ୟ ପେୟରେ ନିଷ୍ଠା ସହକାରେ ନିରାମିଷ ଖାଉଥିଲେ ଓ ଚାଲୁଥିଲେ ମଧ ସେହିପରି ଭାବରେ । ଜଣେ ଖୁବ୍ ଭଲ ଅଭିନୟ କରୁଥିଲେ, ଗିରୀଶ ଘୋଷଙ୍କର ରଚିତ ବୁଦ୍ଧଦେବ ନାଟକରେ ସେ ଖୁବ୍ ଭଲ ଅଭିନୟ କରୁଥିଲେ । ଏହି ଅଭିନୟ କରୁ କରୁ ତାର ଦିନେ ବିବେକ ଉଦୟ ହେଲା । ସେ ଆଉ ଘରକୁ ନ ଯାଇ ସନ୍ନ୍ୟାସ ବ୍ରତ ଗ୍ରହଣ କଲା । ସେଥିପାଇଁ କୁହାଯାଇଛି ଧର୍ମର ଅଭିନୟ ମଧ ଭଲ । କିନ୍ତୁ ଧର୍ମର ଭାବାଳୁତା ଭଲ ନୁହେଁ । ଏଥିରେ ମନୁଷ୍ୟ ଧପ୍ପାବାଜ୍ ହୋଇ ଉଠେ । କର୍ମ ଭିତର ଦେଇ ମନୁଷ୍ୟ ବୃଦ୍ଧି ପାଏ, କିନ୍ତୁ କେବଳ ବସି ବସି ତତ୍ତ୍ୱ ଆଲୋଚନା କଲେ ମନୁଷ୍ୟର ବୃଦ୍ଧି ହଏ ନାହିଁ । ସେଥପାଇଁ ଶ୍ରୀ ଶ୍ରୀ ଠାକୁର କହିଲେ - କର୍ମ ନାହିଁ ଚିନ୍ତାସତ୍, ଖସଡା ପଥରେ ନରକ ପଥ ।

# ଜଗତସିଂହପୁର ଅଳକାଶ୍ରମର ଭିତ୍ତିପ୍ରସ୍ତର ଓ ଶତବାର୍ଷିକ ଉତ୍ସବ

**ଜଗତସିଂହପୁର(ଅକ୍ଷୟ କୁମାର ବେହେରା):-** ଗତ ଶ୍ରୀପଂଚମୀ ପବିତ୍ର ତିଥି ପୂର୍ବାହ୍ନରେ ଜଗତସିଂହପୁର ପୌରପରିଷଦ ଅନ୍ତର୍ଗତ ଚାଟ୍ରା ଗ୍ରାମ ସ୍ଥିତ ଅଳକା ନଦୀ କୂଳରେ ଐତିହ୍ୟ ସମ୍ପନ୍ନ ମହାନ ସଂଗ୍ରାମୀକ୍ଷେତ୍ର "ଅଳକାଶ୍ରମ"ର ପୁନରଉଦ୍ଧାର ନିମନ୍ତେ ଭିତି ପ୍ରସ୍ତର ସ୍ଥାପନ ଓ ଅଳକାଶ୍ରମର ଶତବାର୍ଷିକ ସମାରୋହ ଅନୁଷ୍ଠିତ ହୋଇ ଯାଇଛି। ଏହି ଅବସରରେ ମୁଖ୍ୟ ଅତୀଥି ଭାବେ ଉତ୍କଳ ମଣି ଗୋପବନ୍ଧୁ ଦାସଙ୍କ ନାତି ଧୀରେନ୍ଦ୍ର ନାଥ ଦାସ ଯୋଗଦେଇ ଆନୁଷ୍ଠାନିକ ଭାବେ ଅଳକାଶ୍ରମର ଭତିପ୍ରସ୍ତର ସ୍ଥାପନ କରିଥିଲେ। ପ୍ରାରମ୍ଭରେ ପବିତ୍ର ଶ୍ରୀପଂଚମୀ ତିଥିରେ ମା' ସରସ୍ୱତୀଙ୍କୁ ପୂଜାର୍ଚ୍ଚନା କରାଯାଇ ଅଳକାଶ୍ରମ ନିର୍ମାଣ ନିମନ୍ତେ ଭୂମି ପୂଜନ କାର୍ଯ୍ୟକ୍ରମ ଓ ଗାନ୍ଧୀଜୀଙ୍କ ପ୍ରୀୟ ଭଜନ ଗାନ କରା ଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ନିମନ୍ତ୍ରୀତ ଅତିଥି ଓ ଟ୍ରଷ୍ଟୀର ସଦସ୍ୟମାନେ ଯୋଗ ଦେଇଥିଲେ। ଶତବାର୍ଷିକ ସମାରୋହ ପାଳନ ଅବସରରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଶ୍ରୀ ଦାସ ଯୋଗ ଦେଇ, ଗାନ୍ଧିଜୀଙ୍କ ଆଗମନ ପୂର୍ବରୁ ସରଳା ଦେବୀଙ୍କ ସଂଗଠନ ଶକ୍ତି ଓ ଭାଗୀରଥି ମହାପାତ୍ରଙ୍କ ଦୂର ଦୃଷ୍ଟି ଯୋଗୁ ନିଜ ଜାଗାରେ ଅର୍ଥାତ୍ ଜଗତସିଂହପୁରର ଚାଟ୍ରା ଗ୍ରାମ ଅଳକା ନଦୀ କୂଳରେ ଥିବା ଆମ୍ଭ ତୋଟାରେ ୧୯୨୧ ମସିହା ଶ୍ରୀପଂଚମୀ ତିଥିରେ






ଅଳକାଶ୍ରମ ଗଢି ଉଠିଥିଲା। ହେଲେ ଅଧୁନା ସେହି ଆଶ୍ରମ ଲୀନ ହୋଇ ଯାଇଥିଲେ ମଧ୍ୟ ଏହାର ଐତିହ୍ୟ ସାରା ଭାରତରେ ଉଜ୍ଜିବିତ ହୋଇ ରହିଛି। ତେଣୁ ଆଗାମୀ ପିଡିକୁ ଦିଗ୍‌ଦର୍ଶନ ଦେବା ପାଇଁ ସେହି ସ୍ଥାନରେ ଆଶ୍ରମର ପ୍ରତିଷ୍ଠାତା ଭାଗୀରଥି ମହାପାତ୍ରଙ୍କ ଦାୟଦ ତଥା ପୌତ୍ର ଲକ୍ଷ୍ମୀ ପ୍ରକାଶ ମହାପାତ୍ର ଓ ତାଙ୍କ ଧର୍ମପତ୍ନୀ କବିତା ମହାପାତ୍ର ଅଳକା ଆଶ୍ରମ ଟ୍ରଷ୍ଟ ଗଠନକରି ଆଶ୍ରମର ଭିତିପ୍ରସ୍ଥର ସ୍ଥାପନ ସହିତ ଶତବାର୍ଷିକ ଉତ୍ସବ ପାଳନ ଅବସରରେ ଟ୍ରଷ୍ଟି ଓ ଜନସାଧାରଣଙ୍କୁ କୃତଜ୍ଞାତା ଜଣାଇ ଥିଲେ। ଏଥି ସହିତ ସମସ୍ତ କର୍ମକର୍ତାଙ୍କ ସହଯୋଗରେ ଆସନ୍ତା ୨୦୨୩ ମସିହା ଶ୍ରୀପଂଚମି ଦିନ ଏହି ଆଶ୍ରମ ଲୋକାର୍ପିତ କରାଯାଇ ଓଡିଶାର ସାବରମତୀ ଭାବରେଏହାର କାର୍ଯ୍ୟ ଶୈଳି ସୁଦୁର ପ୍ରଶାରୀ ହେବା ସହିତ ଏକ ପବିତ୍ର ଆଶ୍ରମ ମଧ୍ୟରେ ପରିଗଣିତ ହେବ ବୋଲି ପ୍ରକାଶ କରିଥିଲେ। ଅଳକା ଆଶ୍ରମର ପରିଚାଳନା ଟ୍ରଷ୍ଟି ତଥା ବରିଷ୍ଠ ସାମ୍ବାଦିକ ଜ୍ଞାନ ରଞ୍ଜନ ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ମୁଖ୍ୟ ବକ୍ତା ଭାବେ ଖ୍ୟାତନାମା ଐତିହାସିକ ପ୍ରଫେସର ଡ. ନିହାର ରଞ୍ଜନ ପଟ୍ଟନାୟକ ଯୋଗଦେଇ ଅଳକାଶ୍ରମର ପ୍ରତିଷ୍ଠା ଓ ଉଦ୍ଦେଶ୍ୟ ସମ୍ପର୍କରେ ବିଶଦ ଭାବରେ ବର୍ଣ୍ଣନା କରିଥିଲେ। ସମ୍ମାନିତ ଅତିଥି ଭାବେ, କଟକର ସାରଳା ସାହିତ୍ୟ ସଂସଦର ପ୍ରତିଷ୍ଠାତା ଡ.ଇଂ ପ୍ରଭାକର ସ୍ୱାଇଁ, ସର୍ବୋଦୟ ନେତ୍ରୀ ବିରଜା ଦେବୀ, ସର୍ବୋଦୟ ସେବା ସଂଘର ସମ୍ପାଦକ ଗୌରାଙ୍ଗ ମହାପାତ୍ର, ସାଧିନତା ସଂଗ୍ରାମୀ ଦାୟଦ ବିବେକାନନ୍ଦ ପାଣିଗ୍ରାହୀ, ବିଶିଷ୍ଟ ଗାନ୍ଧୀବାଦୀ ବିଶ୍ୱଜୀତ୍ ରାୟ, ଚିଶିଷ୍ଟ ଶିକ୍ଷାବିତ ଗୌରାଙ୍ଗ ଚରଣ ହୋତା, ସମାଜସେବୀ ବିନାୟକ ପଟ୍ଟନାୟକ, ସରୋଜ ନାୟକ, ବରିଷ୍ଠ ଆଇନଜୀବୀ ଗୋରାଚାନ୍ଦ କାନୁନଗୋ, ଆଶ୍ରମର ପରିବାର ସଦସ୍ୟ ବିମଳେନ୍ଦୁ ମହାପାତ୍ର ପ୍ରମୁଖ ଯୋଗ ଦେଇ ଅଳକାଶ୍ରମର ଅଭିଜ୍ଞତା ସମ୍ପର୍କରେ ନିଜସ୍ୱ ମତ ରଖିବା ସହିତ ସମସ୍ତ ଜନ ସାଧାରଣଙ୍କ ସହଯୋଗରେ ଅଳକାଶ୍ରମ ଉଦ୍‌ଜୀବୀତ କରାଯିବ ବୋଲି ମତ ରଖିଥିଲେ। ଏହି ଅବସରରେ ନିମନ୍ତ୍ରୀ ଅତିଥି ଭେବେ ବିଶିଷ୍ଟ ସାଧୀନତା ସଂଗ୍ରାମୀ ଭଦ୍ରକର ବ୍ରଜ କିଶୋର ରାଉତ, ଜଗତସିଂହପୁରର ଭାଗୀରଥି ସ୍ୱାଇଁ , କେନ୍ଦ୍ରାପଡା ଜିଲ୍ଲାର ବିମ୍ବାଧର ମୁଦୁଲି ଯୋଗ ଦେଇଥିଲେ ଅଳକାଶ୍ରମ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଟ୍ରଷ୍ଟ ପକ୍ଷରୁ ସାହିତ୍ୟ ଓ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୫ଜଣ ପ୍ରତିଭା ଗୌରାଙ୍ଗ ଚରଣ ହୋତା, ଡ. ଚାଇନା ପ୍ରଧାନ, ସୌଭାଗିନୀ ରାୟ, ସୌଦାମିନୀ ରାଉତ୍ ଓ ବିଜୟଲକ୍ଷ୍ମୀ ମହାପାତ୍ରଙ୍କ ସହିତ ବିଭିନ୍ନ ବିଦ୍ୟାଳୟର ୨୦ଜଣ ଛାତ୍ର ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରା ଯାଇଥିଲା। ଏହି କାର୍ଯ୍ୟକ୍ରମରେ ମାନ୍ୟଗନ୍ୟ ବ୍ୟକ୍ତିଙ୍କ ମଧ୍ୟରେ ରାଧାକାନ୍ତ ମିଶ୍ର, ଆଶୁତୋଷ ବେହେରା, ରବି ମହାନ୍ତି, ସୌରଭ ମଲ୍ଲିକ, ବିଜୟ କୁମାର ପଣ୍ଡା, ଶିକ୍ଷାବିତ୍ ଅରୁଣ କୁମାର ମହାରଣା ଏବଂ ବିଭିନ୍ନ ଅଂଚଳରୁ ବହୁ ବୃଦ୍ଧିଜୀବୀ ଯୋଗ ଦେଇଥିଲେ। ସଭା ପ୍ରାରମ୍ଭରେ **ପରିଚାଳନା କମିଟିର ସଂଯୋଜକ ନିରଂଜନ ବାରିକ** ଅତିଥି ମାନଙ୍କ ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ, ଅନ୍ୟତମ ସଦସ୍ୟ ଗୋବିନ୍ଦ ଓଝା ଧନ୍ୟବାଦ ଅର୍ପଣ କରିଥିଲେ।

### ନୂଆବଜାର ତାଳଦଣ୍ଡା କେନାଲ

## ସର୍ବଖିଆ ଇଞ୍ଜିନିୟର ସାଙ୍ଗକୁ ଠିକାଦାର ଲୁଟି ନେଲେ

## ହିନସ୍ତା ହୋଇ ମରୁଛନ୍ତି ସାଧାରଣ ଜନତା

**କଟକ(ତପନ ମହାନ୍ତି):-** କଟକ ନୂଆବଜାର କେନାଲ ପାର୍ଶ୍ୱ ରାସ୍ତାର ଶୋଚନୀୟ ଅବସ୍ଥାକୁ ନେଇ ସ୍ଥାନୀୟ ବାସିନ୍ଦାଙ୍କ ସମେତ ଯାତାୟତ କରୁଥିବା ବ୍ୟକ୍ତି ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବିଶେଷ କରି ରହୁଛନ୍ତି। ରାସ୍ତାରୁ ଅବସ୍ଥାତ ଏତେ ଦୟନୀୟ ଯେ ଏଥିପ୍ରତି କାହାରି ଦୃଷ୍ଟି ନାହିଁ। ଯାହାଫଳରେ ଅଞ୍ଚଳବାସୀଙ୍କ ମଧରେ ଘୋର ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନାଯୋଗ୍ୟ ଯେ, ନୂଆବଜାର ତାଳଦଣ୍ଡା କେନାଲ ପାର୍ଶ୍ୱ ଦେଇ ଯାଇଥିବା ରାସ୍ତାଟି ଏକ ପ୍ରମୁଖ ରାସ୍ତା ହୋଇଥିବାବେଳେ ଦୈନିକ ଶତାଧିକ ଲୋକ ପରମହଂସକୁ ସଂଯୋଗ କରୁଥିବା ବେଳେ ଅନେକ ବ୍ୟକ୍ତି ଉକ୍ତ ରାସ୍ତା ଦେଇ ଜଗତସିଂହପୁର ଏବଂ ପାରାଦ୍ୱୀପ ଆଦି ସ୍ଥାନକୁ ଯାତାୟତ କରନ୍ତି। ଗତ କିଛିଦିନ ତଳେ ଏହି ରାସ୍ତାକୁ ମରାମତି ନକରି ୩ ଲକ୍ଷ ଟଙ୍କା ଠିକାଦାର ଏବଂ ସାଉଥ ଲାରିପ୍ରେସନ ଇଞ୍ଜିନିୟର ଲୁଟି ନେଇଥିଲେ ବୋଲି ଅଭିଯୋଗ ହୁଏ। ରାସ୍ତାରୁ ପିଚୁ ଉଠିବାପରେ ରାସ୍ତାରେ ବ୍ୟବହୃତ ମହରମ ଏବଂ ବଜୁରୀ ଏବେ ଯେଉଁଭଳି ଅବସ୍ଥା ସୃଷ୍ଟି କରିଛି ସେଥିପାଇଁ ପ୍ରାୟ ସମୟରେ ଉକ୍ତ ରାସ୍ତରେ ଲୋକେ ଛୋଟବଡ଼ ଦୁର୍ଘଟଣାର ଶିକାର ହେଉଛନ୍ତି ବୋଲି ସ୍ଥାନୀୟ ଜନସାଧାରଣ ଅଭିଯୋଗ କରିଛନ୍ତି। ରାସ୍ତାରେ ହୋଇଥିବା ନିମ୍ନମାନର କାର୍ଯ୍ୟରେ ଦୁର୍ନିତି ହୋଇଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ପିଚୁ ଉଠିବା ପରେ ସାଉଥ ଲରିଗ୍ରେସନ ପକ୍ଷରୁ ୩ ଲକ୍ଷ ଟଙ୍କା ସାଙ୍କସନ କରାଯାଇ ଠିକାଦାରକୁ କାମ ଦିଆଯାଇଥିଲା କିନ୍ତୁ ଠିକାଦାର, ବିଭାଗୀୟ ଇଂଞ୍ଜିନିୟର ସଲାସୁତୁରା ହୋଇ ମହରମ ଛିଞ୍ଚି ଦେଇ ଲକ୍ଷ ଟଙ୍କା ଲୁଟି ନେଇଥିଲେ। ଯାହାଫଳରେ ୩ ଲକ୍ଷ ଟଙ୍କାର କାମ ୩ ମାସ ଗଲାନି। ଯେଉଁଥିପାଇଁ ବିଶେଷକରି ତିନିଘରିଆ ଛକଠାରୁ ମଣ୍ଡଗଜଗୁର ରେଲଷ୍ଟେସନ ପର୍ଯ୍ୟନ୍ତ ଅତି କଦର୍ଯ୍ୟ ଅବସ୍ଥାରେ ରହିଛି। ରାସ୍ତାର ଏଭଳି ଅବସ୍ଥାକୁ ନେଇ ସ୍ଥାନୀୟ ବାସିନ୍ଦାଙ୍କ ମଧରେ ଅସନ୍ତୋଷ ପ୍ରକାଶ ପାଉଥିବାବେଳେ ତୁରନ୍ତ ଜିଲ୍ଲା ପ୍ରଶାସନ ଏବଂ ଭିଜିଲାନ୍ସ ବିଭାଗ ଦ୍ୱାରା ତଦନ୍ତ କରିବାକୁ ଦାବି ହେଉଛି।

## ବିଧାୟକ ପ୍ରଶାନ୍ତଙ୍କ ଅଳସୁଧାରେ ନିର୍ବାଚନ ପ୍ରଚାର

**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଜଗତସିଂହପୁର ନିର୍ବାଚନ ମଣ୍ଡଳୀର ଚାରିନମ୍ବର ଜୋନ୍‌ର ଅଳସୁଧା ଫଂଚାୟତର ବିଭିନ୍ନ ୱାର୍ଡ ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ବାଇକ ଶୋଭା ଯାତ୍ରାରେ ଚାରିନମ୍ବର ଜୋନର ଜିଲ୍ଲା ପରିଷଦ ପ୍ରାଥୀ ବିବେକାନନ୍ଦ ବେହେରା, ଅଳସୁଧା ଫଂଚାୟତର ସରପଞ୍ଚ ପ୍ରାର୍ଥିନୀ ଲକ୍ଷ୍ମୀପ୍ରିୟା ପାଳ ଓ ସମିତି ସଭ୍ୟ ପାର୍ଥୀ ରତିରଞ୍ଜନ ବେହେରାଙ୍କ ସପକ୍ଷରେ ବାଇକ ଶୋଭାଯାତ୍ରାରେ ପ୍ରଚାର ଜୋରଦାର କରିଥିଲେ। ବିଧାୟକ ଶ୍ରୀଯୁକ୍ତ ମୁଦୁଲି ନବୀନ ପଟ୍ଟନାୟକ ଙ୍କ ଜନକଲ୍ୟାଣ ଯୋଜନା ର ସଫଳତା ନେଇ ଉପସ୍ଥିତ ଭୋଟର ମାନଙ୍କୁ ଅବଗତ କରିବା ସହିତଅଳସୁଧା ପଞ୍ଚାୟତ ର ସର୍ବାଙ୍ଗୀନ ବିକାଶ ଧାରାକୁ ଆଗେଇ ନେବାକୁ ଚାରିନମ୍ବର ଜୋନ ର ଜିଲାପରିଷଦ ପାର୍ଥୀ ବିବେକାନନ୍ଦ ବେହେରା ,ସରପଞ୍ଚ ପ୍ରାର୍ଥିନୀ ଲକ୍ଷ୍ମୀପ୍ରିୟା ପାଳ ଓ ସମିତି ସଭ୍ୟ ପ୍ରାଥୀ ରତିରଞ୍ଜନ ବେହେରା ଙ୍କୁ ବିପୁଳ ସଂଖ୍ୟାରେ ଭୋଟଦେଇ ଜୟଯୁକ୍ତ କରିବାକୁ ନିବେଦନ କରିଥିଲେ।ଏହି ବାଇକ ଶୋଭାଯାତ୍ରା ରେ ଅଳସୁଧା ଫଂଚାୟତ ର ବହୁ କର୍ମୀ ଯୋଗଦେଇ ଜିଲାପରିଷଦ, ସରପଞ୍ଚ, ସମିତି ସଭ୍ୟ ପାର୍ଥୀ ଙ୍କୁ ଭୋଟ ଦେବାପାଇଁ ନିବେଦନ କରିଥିଲେ।



## ୩୫ ନଂ ୱାର୍ଡ଼ର ଭିନ୍ନ ଏକ ଦରଦୀ ମଣିଷ ପବିତ୍ର କୁମାର ଭୂୟାଁ

**କଟକ (ତପନ ମହାନ୍ତି) –** ବର୍ତ୍ତମାନ ଚୌଦ୍ୱାର କଟକର ପ୍ରାକ୍ତନ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ଦୃଢ଼ ସମର୍ଥକ ଭାବେ ଉଭା ହୋଇଛନ୍ତି କର୍ପୋରେଟର ଶ୍ରୀପବିତ୍ର କୁମାର ଭୂୟାଁ(ବାବୁଲି) କଟକ ମହାନଗର ୩୫ନଂ ୱାର୍ଡ଼ର ଏକ ପରିଚୟ ବ୍ୟକ୍ତି ଯାହାର ଦୀର୍ଘଦିନର ରାଜନୈତିକ ପରିଚୟ ୱାର୍ଡ଼ ସମେତ କଟକ ସହରରେ ଖ୍ୟାତି ସମ୍ପୂର୍ଣ୍ଣ ବ୍ୟକ୍ତି ଭାବରେ ସ୍ୱତନ୍ତ୍ର ପରିଚୟ ସେ ଜଣେ ସମାଜସେବୀ ତାଙ୍କର କାର୍ଯ୍ୟକାଳ ସମୟରେ ରୋଗି ସେବାଠାରୁ ଆରମ୍ଭ କରି ରକ୍ତଦାନ, ଶବଦାହ ତା' ସହିତ ଅନେକ ଗରିବ କନ୍ୟାଙ୍କୁ ବିବାହ କରାଇବାରେ ସାହାଯ୍ୟ ସହଯୋଗପାଇଁ ଅବଦାନ ରହିଛି। ବର୍ତ୍ତମାନ ପୌରନିର୍ବାଚନ ଦୀର୍ଘଦିନ ବ୍ୟବଧାନ ପରେ କଟକ ମହାନଗର ନିଗମ ସିଏମ୍‌ସିରେ ହେବାକୁ ଯାଉଅଛି। ସେଥିପାଇଁ ୩୫ନଂ ୱାର୍ଡ଼ରେ ନିର୍ବାଚନ ଉଷ୍ମତା ଆରମ୍ଭ ହୋଇଗଲାଣି। ଶ୍ରୀ ପବିତ୍ର ଭୂୟାଁ ଓ ତାଙ୍କର ଧର୍ମପତ୍ନୀ ଶ୍ରୀମତୀ ଦିପାଳିବାଳା ଭୂୟାଁ ନିର୍ବାଚନୀ ମଇଦାନରେ ଅବତୀର୍ଣ୍ଣ ହେବାପାଇଁ ଅଣ୍ଟା ଭିଡ଼ିସାରିଛନ୍ତି। ଗତ ୨୦୧୪ କଟକ ମହାନଗର ନିର୍ବାଚନରେ ଦୀପାଳି ବାଳା ଭୂୟାଁଙ୍କୁ କଂଗ୍ରେସ ଦଳ ପ୍ରତ୍ୟାଖ୍ୟାନ କରି ପ୍ରତ୍ୟକ୍ଷଭାବରେ ନିର୍ବାଚନ ଲଢ଼ିବାପାଇଁ ଟିକେଟ୍ ଦେଇ ନ ଥିଲେ ଶ୍ରୀ ପବିତ୍ର ଭୂୟାଁ ୩୫ନଂ ୱାର୍ଡ଼ର ୱାର୍ଡ଼ବାସୀଙ୍କ ପରାମର୍ଶ ନିର୍ଦ୍ଦେଶ କ୍ରମେ ନିଜର ଧର୍ମପତ୍ନୀ ଶ୍ରୀମତୀ ଦିପାଳୀ ଭୂୟାଁଙ୍କୁ ୱାର୍ଡ଼ରେ ସ୍ୱାଧୀନ ପ୍ରାର୍ଥିନୀ ଭାବରେ ଅବତୀର୍ଣ୍ଣ କରାଇ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦି ବିଜେଡ଼ି ପ୍ରାର୍ଥିନୀ ଶ୍ରୀମତି ଦିପ୍ତିରେଖା ସାହୁଙ୍କଠାରୁ ବହୁ ଭୋଟ ବ୍ୟବଧାନରେ ବିଜୟୀ ହେବାପରେ ୱାର୍ଡ଼ ପ୍ରତ୍ୟେକ ଘରଦ୍ୱାର ସାହି ବସ୍ତିକୁ ପତିପତ୍ନୀ ଦୁହେଁ ନିଜର ରାଜନୈତିକ ଦୃଷ୍ଟିକୋଣରୁ କେଉଁ ଦଳରେ ସାମିଲ ହେବେ ସେଥିପାଇଁ ସମସ୍ତଙ୍କର ସାକ୍ଷର ଗ୍ରହଣ କରୁଥିଲେ। ସେହି ସମୟରେ ବାରବାଟୀ ବିଧାୟକ ଶ୍ରୀଯୁକ୍ତ ଦେବାଶିଷ ସାମନ୍ତରାୟ ଓ ଚୌଦ୍ୱାର-କଟକ ବିଧାୟକ ଶ୍ରୀଯୁକ୍ତ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କର ସହଯୋଗରେ ବିଜୁଜନତା ଦଳରେ ସାମିଲ ହୋଇ ଉକ୍ତ ଦିନଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ବିଜୁ ଜନତା ଦଳର ସମସ୍ତ କାର୍ଯ୍ୟରେ ପତି ପତ୍ନୀ ନିଜକୁ ସାମିଲ କରିବାସହିତ ୱାର୍ଡ଼ରେ ସମସ୍ତଙ୍କୁ ସାମିଲ କରାଇ ବିଜେଡ଼ିର ଦୋଳକୁ ଶକ୍ତ କରାଇବାରେ ଅବଦାନ ଅତୁଳନୀୟ ଶ୍ରୀ ଭୂୟାଁ ୨୦୦୯ରେ କଂଗ୍ରେସ ଦଳରୁ କର୍ପୋରେଟର ପ୍ରାର୍ଥୀ ହୋଇ ବିଜୟୀ ହେବାପରେ ସେହିଦିନଠାରୁ ୱାର୍ଡ଼ର ବିଭିନ୍ନ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରନ୍ତି। ପ୍ରାତଃ ୫ ଘଣ୍ଟିକା ସମୟରୁ ଉଠି ପରିମଳ ସଫା କରିବା ସହି




ତ ୱାର୍ଡ଼ର ମୌଳିକ କାର୍ଯ୍ୟରେ ନିଜକୁ ସାମିଲ କରନ୍ତି। ବିଧବା, ବାର୍ଦ୍ଧକ୍ୟ, ଓ ବିକଳାଙ୍ଗ ଭତ୍ତା, ରାସନକାର୍ଡ଼, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡ଼, ନିର୍ମାଣ ଶ୍ରମିକ କାର୍ଡ଼, ଆଧାର କାର୍ଡ଼ ବେକାର ଯୁବକ ଯୁବତୀଙ୍କୁ ଆତ୍ମ ନିଯୁକ୍ତି କରାଇବାରେ ପ୍ରତ୍ୟକ୍ଷ ଭାବରେ ସାହାଯ୍ୟ, ଭେଣ୍ଡିଙ୍ଗ ଜୋନ୍, ରାସ୍ତା, ନାଳ, ପାର୍କିଂ, ଷ୍ଟ୍ରିଟ୍ ଲାଇଟ୍, ଫାଇଲିନ, ତିତିଲି, ହୁଡୁହୁଡୁ, ୟ୍ୟାସ୍ ପରି ପ୍ରତ୍ୟେକ ବର୍ଷ ବାହ୍ୟ ସମୟରେ ଲୋକଙ୍କ ସହିତ ଜଡ଼ିତ ରହି ସାହାଯ୍ୟର ହାତ ବଢ଼ାଇଥାନ୍ତି ବର୍ତ୍ତମାନ ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡ଼ିକାଲରେ ସଂପ୍ରସାରଣ ପାଇଁ ୱାର୍ଡ଼ର ଜୟ ମଙ୍ଗଳା, ବାଲିସାହି କେନାଲ କୂଳ ଫିଶୋରୀ କମ୍ପାନୀ, ବେହେରା କଲୋନୀ, ବୋଷ କଲୋନୀ ଓ ନଦୀକୂଳ ସାହିର ପ୍ରାୟ ୫୦୦ରୁ ଉର୍ଦ୍ଧ୍ୱ ଅସ୍ଥାୟୀ ଘରକୁ ଜାଗା ଦବାରେ ସାମିଲ କରି ଜଗତପୁର ନିପୁରଠାରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଅର୍ଥ ଓ ପ୍ରାକ୍ତନ ବିଧାୟକ ଶ୍ରୀଯୁକ୍ତ ପ୍ରଭାତ ବିଶ୍ୱାଳଙ୍କର ସହଯୋଗରେ ଥଇଥାନ କରାଇବାରେ ଶ୍ରୀ ଭୂୟାଁଙ୍କର ଅବଦାନ ରହିଅଛି। କରୋନା ସମୟରେ ୱାର୍ଡ଼ର ଲୋକଙ୍କ ସହିତ ସାମିଲ ହୋଇଥିଲେ। ଗତ ନିର୍ବାଚନ ବିଜୟ ପରେ ଚୌଦ୍ୱାର-କଟକର ପୂର୍ବତନ ବିଧାୟକ ଡଃ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କୁ ନିଜର ପରାମର୍ଶଦାତା ମାର୍ଗଦର୍ଶିକାଭାବେ ଗ୍ରହଣ କରି ରାଜନୀତିରେ ପ୍ରତ୍ୟେକ କାର୍ଯ୍ୟ ୱାର୍ଡ଼ବାସୀଙ୍କଠାରେ କରି ଚାଲିଛନ୍ତି। ଦୀର୍ଘ ୮ ବର୍ଷରେ ବିଜୁ ଜନତାଦଳର ୱାର୍ଡ଼ରେ ସଭା ସମିତିଠାରୁ ଆରମ୍ଭ କରି ମାସ୍କ, ସାନିଟାଇଜର ବଣ୍ଟନ କରିବା ସହ ଦଳ ଯେତେବେଳେ ଯେଉଁ କାର୍ଯ୍ୟ ଦେଇଛି ତାହାକୁ ପତିପତ୍ନୀ ଦୁହେଁ ସୁଚାରୁରୂପେ ତୁଲାଇ ଆସିଛନ୍ତି ବୋଲି ଶ୍ରୀ ଭୂୟାଁଙ୍କ ପତ୍ନୀକୁ ପ୍ରାକ୍ତନ ବିଧାୟକ ସୁପାରିଶ କ୍ରମେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଶ୍ରୀମତି ଦୀପାଳିବାଳା ଭୂୟାଁଙ୍କୁ କଟକ ଜିଲ୍ଲା ବିଜୁ ମହିଳା ଜନତା ଦଳର ସଂପାଦିକ ଭାବେ ଚୟନ କରିଛନ୍ତି।

ଆସନ୍ତା ପୌର ନିର୍ବାଚନରେ ୩୫ନଂ ୱାର୍ଡ଼ରୁ ଶ୍ରୀପବିତ୍ର ଭୂୟାଁ କିମ୍ବା ତାଙ୍କ ପତ୍ନୀ ଶ୍ରୀମତୀ ଦିପାଳୀବାଳା ଭୂୟାଁ କପୋରଟେର ପ୍ରାର୍ଥୀଭାବେ ପ୍ରତି ଦ୍ୱନ୍ଦ୍ୱିତା କରିବାପାଇଁ ୱାର୍ଡ଼ବାସୀ ଚାହାନ୍ତି। ତାଙ୍କ ସହିତ ୱାର୍ଡ଼ର ମହିଳା ସମିତି, ଯୁବକ, ଛାତ୍ର ଓ ବେହେରା ସାହିରେ ଶହଶହ ସମର୍ଥନ ଅଛନ୍ତି। ଗତ ୩ ଗୋଟି ସିଏମ୍‌ସି ନିର୍ବାଚନରେ ନିଜର ଗଡ଼ ରକ୍ଷା କରିଛନ୍ତି ଆଗାମୀ ଦିନରେ ବିଜୁ ଜନତା ଦଳରୁ ପତି, ପତ୍ନୀଙ୍କର ମଧରୁ ଯାହାକୁ ପ୍ରାର୍ଥୀ କରାଯାଏ ତା'ହେଲେ ନିଶ୍ଚୟ ବିଜୟୀ ହେବେ ବୋଲି ୱାର୍ଡ଼ ବାସୀଙ୍କ ସମେତ ଜନସାଧାରଣ ମତ ପ୍ରକାଶ କରିଛନ୍ତି।

# ସର୍ବଦଳୀୟ ବୈଠକ ଡାକିଲେ ନିର୍ବାଚନ କମିଶନ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ରାଜ୍ୟର ୪୮ଟି ମୁନିସିପାଲିଟି, ୫୯ଟି ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ୩ଟି ମହାନଗର ନିଗମରେ ହେବାକୁ ଥିବା ନିର୍ବାଚନ ପାଇଁ ଆଜି ରାଜ୍ୟ ନିର୍ବାଚନ କମିଶନ ଏକ ସର୍ବଦଳୀୟ ବୈଠକ ଡାକିଛନ୍ତି। ଏ ସମସ୍ତ ପୌରାଞ୍ଚଳଗୁଡିକର ସୀମା ନିର୍ଦ୍ଧାରଣ କାର୍ଯ୍ୟ ଓ ପଦବୀ ସଂରକ୍ଷଣ ବ୍ୟବସ୍ଥା ଇତ୍ୟାଦି କାର୍ଯ୍ୟ ଜାନୁଆରୀ ୩୧ ତାରିଖ ସୁଦ୍ଧା ଶେଷ ହୋଇଥିବା ରାଜ୍ୟ ନିର୍ବାଚନ କମିଶନର ଆଦିତ୍ୟ ପ୍ରସାଦ ପାଢୀ ସର୍ବଦଳୀୟ ବୈଠକରେ ରାଜନୈତିକ ଦଳମାନଙ୍କୁ ଅବଗତ କରାଇଛନ୍ତି। ନଗର ଉନ୍ନୟନ ବିଭାଗ ଦ୍ୱାରା ମଧ ପଦବୀ ସଂରକ୍ଷଣ ତାଲିକା ବିଜ୍ଞପ୍ତି ପୂର୍ବରୁ ପ୍ରକାଶ ପାଇସାରିଛି ବୋଲି ନିର୍ବାଚନ କମିଶନ ପ୍ରକାଶ କରିଛନ୍ତି। ପୌର ନିର୍ବାଚନରେ ଇଲେକ୍ଟ୍ରୋନିକ୍ସ ଭୋଟିଂ ମେସିନ୍ ଇଭିଏମ୍‌ର ବ୍ୟବହାର ହେବ ବୋଲି ନିର୍ବାଚନ କମିଶନ ସର୍ବଦଳୀୟ ବୈଠକରେ ସୂଚନା ଦେଇଛନ୍ତି।






ପରେ ପରେ ସମସ୍ତ ରାଜନୈତିକ ଦଳର ଉପସ୍ଥିତ କର୍ମକର୍ତ୍ତାମାନେ ଆଗାମୀ ପୌର ନିର୍ବାଚନ ସଂପର୍କରେ ସେମାନଙ୍କର ମତାମତ ବୈଠକରେ ଉପସ୍ଥାପନା କରିଥିଲେ। ଏହି ସର୍ବଦଳୀୟ ବୈଠକରେ ଭାରତୀୟ ଜାତୀୟ କଂଗ୍ରେସର ଶିବାନନ୍ଦ ରାୟ, ଭାରତୀୟ ଜନତା ପାର୍ଟିର ଦିଲ୍ଲୀପ କୁମାର ମଲ୍ଲିକ, ବିଜୁ ଜନତା ଦଳର ସୁଲତା ଦେଓ, ରପବ୍ଲିକାନ୍ ପାର୍ଟିର ରମେଶ ରଥ, ସିପିଆଇର ରମେଶ ପାଢୀ, ସିପିଆଇ(ଏମ୍)ର ଦୁଷ୍ମନ୍ତ ଦାସ, କଳିଙ୍ଗ ସେନାର ହେମନ୍ତ ରଥ, ସମାଜବାଦୀ ପାର୍ଟିର ସୁଦର୍ଶନ ପ୍ରଧାନ, ସିପିଆଇର ରାଧାକାନ୍ତ ସେଠୀ,

### ପୌର ନିର୍ବାଚନ ପ୍ରସ୍ତୁତି

ଫରୱାର୍ଡ ବ୍ଲକ୍‌ର ଜ୍ୟୋତିରଞ୍ଜନ ମହାପାତ୍ର, ବହୁଜନ ସମାଜବାଦୀ ପାର୍ଟି ଓ ସୁପ୍ରିମ୍ ପାର୍ଟି ଅଫ୍ ଇଣ୍ଡିଆର କର୍ମକର୍ତ୍ତାମାନେ ବୈଠକରେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧରେ ନିର୍ବାଚନ ଆୟୋଗର ସଚିବ ରବୀନ୍ଦ୍ରନାଥ ସାହୁ, ଉପସଚିବ ଆଜାଦ୍‌ହିନ୍ଦ୍ ପାଣିଗ୍ରାହୀ ଓ ନିର୍ବାଚନ ଆୟୋଗର ଆଇନ୍ ଅଧିକାରୀ ମାଧୁରୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲା ଆଇନସେବା ପ୍ରାଧିକରଣ ଓ ୟୁନିସେଫ୍ ତରଫରୁ ସ୍ୱାସ୍ଥ୍ୟରକ୍ଷା ସରଞ୍ଜାମ ବଣ୍ଟନ

**ଜଗତସିଂହପୁର(ପବିତ୍ର କୁମାର ଦାଶ):-** ଜଗତସିଂହପୁର ଜିଲ୍ଲା ଆଇନସେବା ପ୍ରାଧିକରଣ ଓ ୟୁନିସେଫ୍ ର ମିଳିତ ଆନୁକୂଲ୍ୟରେ ଜଗତସିଂହପୁର ହାଟବଜାର ସ୍ଥିତ ଶିଶୁ ଆଶ୍ରମ ଏବଂ ପାରାଦ୍ୱିପ ସ୍ଥିତ ଶ୍ରୀ ଲୋକନାଥ ଶିକ୍ଷା ଆଶ୍ରମରେ ଶିଶୁ ଅନ୍ତେବାସୀ ଏବଂ ଆଶ୍ରମର ସମସ୍ତ କର୍ମକର୍ତ୍ତା ମାନଙ୍କୁ ସ୍ୱାସ୍ଥ୍ୟ ରକ୍ଷା ସାହ ସରଞ୍ଜାମ ବଣ୍ଟନ କରାଯିବା ସହ କରୋନାସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ କରାଯାଇଛିଜିଲ୍ଲା ଦୌରାଜଜ୍ ତଥା ପ୍ରାଧିକରଣର ଅଧକ୍ଷ ଅନୁପ କୁମାର ଚନ୍ଦନଙ୍କ ନିର୍ଦ୍ଦେଶ କ୍ରମେ ପ୍ରାଧିକରଣର ସଚିବ ସୁନନ୍ଦା ପାଢିଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ କାହ୍ନୁଚରଣ ରାଉତ,ସୁରକ୍ଷା ଅଧିକାରୀ ଜଗଦିଶ୍ ସାହୁ,ଆଶ୍ରମ ସୁପରିଡେଣ୍ଟ ଅଂଜନେୟ ଆର୍ଯ୍ୟ,ଦିଲ୍ଲିପ କୁମାର ଗୋଛାୟତ,ପ୍ରାଧିକରଣ ର କର୍ମଚାରୀ ପି.ଅଂଶୁମାନ ,ସୁକାନ୍ତକୁମାର ବେହେରା ଏବଂ ଆଶ୍ରମର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ବୃନ୍ଦ ଉପସ୍ଥିତ ଥିଲେ। ସଚିବ ଶ୍ରୀମତୀ ପାଢୀ କରୋନା ମହାମାରୀ ର ଲକ୍ଷଣ ତୁଣ୍ଡି ବାନ୍ଧିବା ସାମାଜିକ ଦୁରତା,ନିୟମିତ ହାତ ଧୋଇବା ଦ୍ୱାରା କରୋନା ମହାମାରୀ ଠାରୁ ଦୁରେଇ ରହିପାରିବା ବୋଲି ଆଲୋକପାତ କରିବା ସହ ଆଶ୍ରମ ଦ୍ୱୟର ଭିତ୍ତିଭୂମୀ ,ସଛତା,ଶିଶୁ ମାନଙ୍କୁ ଦିଆଯାଉଥିବା ପୃଷ୍ଟିକର ଆହାର ଉପରେ ତଦାରଖ କରିଥିଲେ। ୟୁନିସେଫ ଦ୍ୱାରା ପ୍ରସ୍ତୁତ ଉକ୍ତ ସ୍ୱାସ୍ଥ୍ୟରକ୍ଷା ସାଜ ସଂରଜାମରେ ପ୍ରାୟ ୧୦ପ୍ରକାର ସ୍ୱଚ୍ଛତା ସମ୍ବନ୍ଧୀୟ ଦ୍ରବ୍ୟ ରହିବା ସହ ପ୍ରାୟ ୧୮୦ଟି ସ୍ୱାସ୍ଥ୍ୟରକ୍ଷା ସରଞ୍ଜାମ କିଟ୍ ଆଶ୍ରମରେ ବଣ୍ଟନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମ ସାମାଦୂରତା ଅବଲମ୍ବନ କରିବା ସହ କୋଭିଡ୍ କଟକଣା ମାନି ପାଳନ କରାଯାଇଥିଲା।

## ଭୁବନେଶ୍ୱର ୧-ନଂ ମାର୍କେଟ୍ ହଟିବ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ସ୍ଥାନାନ୍ତରେ ହେବ ଭୁବନେଶ୍ୱର ୟୁନିଟ୍-୧ ପରିବା ହୋଲସେଲ ମାର୍କେଟ। ଭୁବନେଶ୍ୱର ଉପକଣ୍ଠ ଭଗବାନପୁରକୁ ସ୍ଥାନାନ୍ତର କରାଯିବା ନେଇ ସୂଚନା ମିଳିଛି। ପରିବା ହାଟ ସ୍ଥାନାନ୍ତର ପାଇଁ ଭଗବାନପୁରରେ ୧୦ଏକର ଜାଗା ଚିହ୍ନଟ କରାଯାଇଛି। ହୋଲସେଲ ଲାଗି ସେଠାରେ ସବୁପ୍ରକାର ସୁବିଧା ସୁଯୋଗ,ଭିତ୍ତିଭୂମି ରହିବ। ସହର ମଧରେ ଗହଳି କମାଇବା ସହ ଟ୍ରାଫିକ ସମସ୍ୟା ଦୂର ପାଇଁ ପଦକ୍ଷେପ ନିଆଯାଇଛି। ପ୍ରାରମ୍ଭିକ ବୈଠକରେ ନିଷ୍ପତ୍ତି ନେଇ ବିଏମସି ଅତିରିକ୍ତ କମିଶନର ସୂଚନା ଦେଇଛନ୍ତି। ୧୯୫୭ମସିହାରୁ ୟୁନିଟ୍ ୧ର ୪ ଏକର ଜାଗାରୁ ବସି ଆସୁଥିଲା ପରିବା ହାଟ। ଏବେ ୪୯ଜଣ ପରିବା ହୋଲସେଲ ବ୍ୟବସାୟୀ ଅଛନ୍ତି। ଫଳରେ ପ୍ରତିଦିନ ୨୦୦ଟ୍ରକ୍ ଆସି ଲାଗିଥାଏ। ଯାହାଫଳରେ ସ୍ଥାନ ଅଭାବରୁ ଗହଳି ହୋଇଥାଏ। ତେବେ ଏହି ସ୍ଥାନ ସ୍ଥାନାନ୍ତରଣ ପାଇଁ ୨୦୦୭ରୁଦାବି ହୋଇ ଆସୁଥିଲା ତେବେ ବର୍ତ୍ତମାନ ଏହି ନିଷ୍ପତି ପରେ ଏହା ସ୍ୱାଗତଯୋଗ୍ୟ କହିଛନ୍ତି ପରିବା ଦୋକାନୀ।



# ସ୍ୱର୍ଗତ ପବିତ୍ର ମୋହନ ପ୍ରଧାନଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ



**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଓଡ଼ିଶାର ବିଶିଷ୍ଟ ସଂଗ୍ରାମୀ ତଥା ଓଡ଼ିଶାର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସ୍ୱର୍ଗତ ପବିତ୍ର ମୋହନ ପ୍ରଧାନଙ୍କ ୧୪୪ତମ ଜୟନ୍ତୀ ଅବସରରେ ସୂଚନା ଓ ଲୋକସଂପର୍କ ବିଭାଗ ତରଫରୁ ବିଭାଗୀୟ ସମ୍ମିଳନୀ କକ୍ଷରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଏହି ଅବସରରେ କୋଭିଡ୍ ମାର୍ଗଦର୍ଶିକାର ଅନୁପାଳନପୂର୍ବକ ବିଭାଗୀୟ ଅଧିକାରୀମାନଙ୍କ ଦ୍ୱାରା ସ୍ୱର୍ଗତ ପବିତ୍ର ମୋହନ ପ୍ରଧାନଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଛି।

ଓଡ଼ିଶାର ପ୍ରାକ୍‌ସ୍ୱାଧୀନତା କାଳରେ ରାଜତନ୍ତ୍ର ବିରୋଧୀ ତଥା ପ୍ରଜା ଆନ୍ଦୋଳନର ପ୍ରବକ୍ତା ଥିଲେ ସ୍ୱର୍ଗତ ପବିତ୍ର ମୋହନ ପ୍ରଧାନ। ସେ ନିଜର ଅପୂର୍ବ ତ୍ୟାଗ, ସାହସିକତା ଓ ନିଷ୍ଠା ବଳରେ ଜନସାଧାରଣଙ୍କ ପାଖରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ତାଳଚେରରେ ଜନ୍ମିତ ତଥା ପ୍ରଜା ଆନ୍ଦୋଳନର ପ୍ରବକ୍ତା ସ୍ୱର୍ଗତ ପବିତ୍ର ମୋହନ ପ୍ରଧାନ ଗଡଜାତ ମିଶ୍ରଣ ପରେ ସକ୍ରିୟ ରାଜନୀତିରେ ଯୋଗଦେଇ ବିଭିନ୍ନ ସମୟରେ ମନ୍ତ୍ରୀପଦରେ ଅଧିଷ୍ଠିତ ହେବା ସହ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ହୋଇଥିଲେ। ଜଣେ ସାଲିସବିହୀନ, ମୂଲ୍ୟବୋଧସଂପନ୍ନ ରାଜନେତା ଭାବେ ସେ ଅତ୍ୟନ୍ତ ଲୋକପ୍ରିୟ ଥିଲେ। ନିଜର ଆଦର୍ଶ, ତ୍ୟାଗ, ସଂଗ୍ରାମୀ କାର୍ଯ୍ୟକଳାପ, ସାହିତ୍ୟସାଧନା, ବହୁବିଧ ସମାଜସେବା ନିମନ୍ତେ ସବୁଠାରେ ପ୍ରଶଂସିତ ପବିତ୍ର ମୋହନ ସର୍ବଦା ଅହଙ୍କାର, ତୋଷାମଦ ଓ ମିଥ୍ୟାଚାରରୁ ଦୂରରେ ରହିଥିଲେ। ଜଣେ ସରଳ, ଆଦର୍ଶବାଦୀ ଜନନେତା ଭାବେ ସେ ଆମର ଚିର ନମସ୍ୟ।

ସୂଚନା ଓ ଲୋକସଂପର୍କ ବିଭାଗ ତରଫରୁ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ବିଭାଗୀୟ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ, ନିର୍ଦ୍ଦେଶକ(ବୈଷୟିକ) ନିରଞ୍ଜନ ସେଠୀ, ଉତ୍କଳ ପ୍ରସଙ୍ଗ ଏବଂ ଓଡ଼ିଶା ରିଭ୍ୟୁର ସଂପାଦକ ଡ.ଲେନିନ୍ ମହାନ୍ତି, ଅତିରିକ୍ତ ସୁରେନ୍ଦ୍ରନାଥ ପରିଡା ଉପସ୍ଥିତ ରହି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁଗ୍ମ ସଚିବ, ଯୁଗ୍ମ ନିର୍ଦ୍ଦେଶକ, ଉପନିର୍ଦ୍ଦେଶକ ଏବଂ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ବିଶାଖାପଟ୍ଟନମ୍ ହେବ ରାଜଧାନୀ !

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଆନ୍ଧ୍ରପ୍ରଦେଶର ରାଜଧାନୀ ହେବ ବିଶାଖାପଟ୍ଟନମ। ଏ ନେଇ ପ୍ରସ୍ତୁତି ଆରମ୍ଭ କରି ଦେଇଛନ୍ତି ମୁଖ୍ୟମନ୍ତ୍ରୀ ଜଗନ ମୋହନ ରେଡ୍ଡୀ ଗୁଡି ପଡଓ୍ୱା ଅର୍ଥାତ ତେଲୁଗୁ ନୂତନ ବର୍ଷ ସିଏମଏଓର ସୂତ୍ର ଅନୁଯାୟୀ, ମୁଖ୍ୟମନ୍ତ୍ରୀ ଜଗାନ ମୋହନ ରେଡ୍ଡୀ ତିନୋଟି ରାଜଧାନୀ ବଦଳରେ ରାଜ୍ୟର ଏକମାତ୍ର ରାଜଧାନୀ ଭାବେ ବିଶାଖାପଟ୍ଟନମ ସହରକୁ ଚୟନ କରିଛନ୍ତି। ଏହାକୁ ନେଇ ଜଗନ ତେଲୁଗୁ ଫିଲ୍ମ ଉଦ୍ୟୋଗର ପ୍ରତିନିଧିଙ୍କ ସହ ଆଲୋଚନା କରିଥିଲେ। ଆଲୋଚନାରୁ ଏହି ସଙ୍କେତ ମିଳିଛି ଯେ,



ନିକଟ ଭବିଷ୍ୟତରେ କୌଣସି ସମୟରେ ମୁଖ୍ୟମନ୍ତ୍ରୀ ଜଗନ ବିଶାଖାପାଟ୍ଟନମକୁ ଆନ୍ଧ୍ରପ୍ରଦେଶ ର ଫିଲ୍ମ ଉଦ୍ୟୋଗର ପ୍ରତିନିଧିଙ୍କ ସହ ଆଲୋଚନା କରିଥିଲେ। ଆଲୋଚନାରୁ ଏହି ସଙ୍କେତ ମିଳିଛି ଯେ ନିକଟ ଭବିଷ୍ୟତରେ କୌଣସି ସମୟରେ ମୁଖ୍ୟମନ୍ତ୍ରୀ ଜଗନ ବିଶାଖାପାଟ୍ଟନମକୁ ଆନ୍ଧ୍ରପ୍ରଦେଶର ରାଜଧାନୀ ଭାବେ ଘୋଷଣା କରି ପାରନ୍ତି। ଏପ୍ରିଲ ୨ ରେ ତେଲୁଗୁ ନର୍ବ ପରେ ମୁଖ୍ୟମନ୍ତ୍ରୀ ଏହାର ଘୋଷଣା କରିବାକୁ ଯୋଜନା କରିଛନ୍ତି। ଟାଇମ୍ସ ଅଫ ଇଣ୍ଡିଆର ରିପୋର୍ଟ ଅନୁଯାୟୀ ,ଜଗନ ଏହାର ପର୍ଯ୍ୟାପ୍ତ ସଙ୍କେତ ଦେଇସାରିଛନ୍ତି ଯେ, ବିଶାଖାପଟ୍ଟନମ ହେଉଛି ଏକ ମାତ୍ର ସହର ଯାହାର ରାଜଧାନୀ ହୋଇ ପାରିବା ବିଶାଖପଟ୍ଟନମ ହେଉଛି ଏକ ମାତ୍ର ସହର ଯାହା ରାଜଧାନୀ ହୋଇ ପାରିବା ବିଶାଖାପଟ୍ଟନମ ହିଁ ହାଇଦ୍ରାବାଦ ଏବଂ ଚେନ୍ନାଇ ପରି ସହର ସହିତ ପ୍ରତିଯୋଗିତା କରି ପାରିବ। କାରଣ ଫିଲ୍ମ ଉଦ୍ୟୋଗ ମଧ୍ୟ ଏହି ସହରରେ ଅବସ୍ଥିତ ।ତେଣୁ ଜଗନ ରାଜଧାନୀ ଭାବେ ବିଶାଖାପଟ୍ଟନମକୁ ପ୍ରାଥମିକତା ହେଇଛନ୍ତି। ଜଗନ କହିଛନ୍ତି ଏହି ସହର ଆଗାମୀ ୧୦ରୁ ୨୦ ବର୍ଷରେ ଦେଶର ଏକ ପ୍ରମୁଖ ସହରରେ ପରିଣତ ହେବ। କାରଣ ସବୁ ବର୍ଗର ଲୋକେ ସହର ଅଭିମୁଖେ ଆସୁଛନ୍ତି।

# ୧୨ମାସ ହେଲା ବୃଦ୍ଧାଙ୍କୁ ମିଳୁନି ଭତ୍ତା ରାସନ ସାମଗ୍ରୀ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଦାରିଦ୍ର ସୀମାରେଖା ତଳେ ରହୁଥିବା ଗରିବ ଲୋକଙ୍କୁ ଖାଦ୍ୟ ଦେବାକୁ ୫କେଜି ରାଶନ ଯୋଗାଇ ଦେଉଛନ୍ତି। ସେହିପରି ବାର୍ଦ୍ଧକ୍ୟ ସମୟ ଅବା ବିଧବା ମହିଳାଙ୍କୁ ସହାୟ ପାଇଁ ସରକାର ଭତ୍ତା ଯୋଜନା କରିଛନ୍ତି ମାତ୍ର ଯାହାର ବିପରୀତ ଦେଖିବାକୁ ମିଳିଛି ଓଡକପା ଗାଁର ୮୩ବର୍ଷିୟା ଆଦିବାସୀ ମହିଳା ସୁଶୀଳା ପ୍ରଧାନଙ୍କ କ୍ଷେତ୍ରରେ ସେ ୧୨ମାସ ହେଲା ଭତ୍ତା କି ରାଶନ ନ ପାଇ କଷ୍ଟରେ ଦିନ କାଟୁଛନ୍ତି। ନୟାଗଡ ଜିଲ୍ଲା ନୂଆ ଗାଁ ବ୍ଲକ ବେରୁହଁଠାରୁ ବାରି ପଂଚାୟାତ ଓଡକପା ଗାଁଠାରୁ ସୁଶୀଳା୧୫ବର୍ଷ ପୂର୍ବେ ସ୍ୱାମୀଙ୍କ ଦେହାନ୍ତ ପରେ




ଏକମାତ୍ର ପୁଅ ଭରସାରେ ଚଳି ଆସୁଛନ୍ତି। ବିଧବା ହେବା ପରେ ସରକାରଙ୍କ ଭତ୍ତା ଯୋଜନାରେ ସାମିଲ ହୋଇ ପ୍ରତି ମାସରେ ଶହେ ଟଙ୍କା ପାଉଥିଲେ। କିନ୍ତୁ ବର୍ତ୍ତମାନ ସେହି ଭତ୍ତା ବୃଦ୍ଧି ହୋଇ ଏବେ ୭୦୦ଟଙ୍କାରେ ପହଂଚିଲା ପରଘରେ ମୂଲ ଲାଗି ମାକୁ ମୁଠେ ଖାଇବାକୁ ଦେଉଥିବା ପୁଅ କରୋନା ମହାମାରୀ ସମୟରେ ଜୀବିକା ହରାଇ ବସିଲା ଫଳରେ ପରିବାର ଚଳାଇବା କଷ୍ଟକର ହୋଇପଡିଲା ଲୋକମାନେ ଜୀବିକା ହରାଇଥିବା ଯୋଗୁ ପରିବାର ପ୍ରତିପୋଷଣ ପାଇଁ ସରକାର ଅଗ୍ରିମ ଭତ୍ତା ଦେଉଛନ୍ତି। ୨୦୨୧ଏପ୍ରଲଠାରୁ ସୁଶୀଳାଙ୍କୁ ଆଦୌ ଭତ୍ତା ଦିଆଯୋଗ ନାହିଁ ବୋଲି ଅଭିଯୋଗ କରିଛନ୍ତି। ପଂଚାୟତରୁ ଭତ୍ତା ଆଣିବାକୁ ଅକ୍ଷମ ବ୍ୟକ୍ତିମାନଙ୍କ ଘରେ ଭତ୍ତା ଟଙ୍କା ପହଂଚିଇବ। ଜଙ୍ଗଲ ମଧ୍ୟରେ ଅପନ୍ତରିଆ ଗ୍ରାମରୁ ଚାଲି ଚାଲି ପଚାୟତକୁ ଆସି ନ ପାରିବାରୁ ଭତ୍ତା ପାଇବାରୁ ବୃଦ୍ଧା ବଂଚତ୍ତ ହୋଇଗଲେ। ସେହି ପରି ଡିସେମ୍ବର ୨୦୨୦ରୁ ସୁଶୀଳାକୁ ରାଶନ ସାମଗ୍ରୀ ମଧ୍ୟ ଦିଆଯାଇ ନ ଥିବା ଅଭିଯୋଗ କରିଛନ୍ତି। ସୁଶୀଳା ଭତ୍ତା ନ ପାଇବା ବାବଦରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରଘୁନାଥ ସାହୁଙ୍କୁ ପଚାରିବାରେ ବୃଦ୍ଧାଙ୍କ ଘରେ ଭତ୍ତା ଟଙ୍କା ଶୀଘ୍ର ପହଂଚାଇବା ପାଇଁ ବେରୁହଁଠାବାରି ପଂଚାୟତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇ ଥିଲେ। ସେହିପରି ରାଶନ ନ ପାଇବା ବ୍ଲକ ଯୋଗାଣ ନିରୀକ୍ଷକ ଶ୍ରୀହର୍ଷଙ୍କୁ ପଚାରିବାରେ ତାଙ୍କ ରାଶନ କାର୍ଡ ଠିକ୍ ଅଛି। ତେଣୁ ରାଶନ ସାମଗ୍ରୀ ପାଇବା ପାଇଁ ବୃଦ୍ଧା ହକ୍‌ଦାର ବୋଲି ସେ କହିଛନ୍ତି।

# ଦି'ବ୍ରେନ୍‌ରେ ସ୍ୱର ସାମ୍ରାଜ୍ଞୀ ଲତାଜୀଙ୍କୁ ଶ୍ରଦ୍ଧାଞ୍ଜଳି



**ବାଦାମବାଡି(ସଂପର୍କବାର୍ତ୍ତା):-** କଟକ ପୁରୀଘାଟ ରୋଡ଼ସ୍ଥିତ ସ୍ୱାସ୍ଥ୍ୟ ସମାଜ ସେବକ ସଂଗଠନ ଦି'ବ୍ରେନର ସଂଯୋଜନାରେ ଅନୁଷ୍ଠାନର ମ୍ୟାନେଜିଂ ଟ୍ରଷ୍ଟି ତଥା ଯୁବ ମାନସିକ ରୋଗ ବିଶେଷଜ୍ଞ ସମାଜ ସେବକ ଡାକ୍ତର ସମ୍ରାଟ କରଙ୍କ ପୌରହିତ୍ୟରେ ଭାରତର କୋକିଳ କଣ୍ଠି ସ୍ୱର ସରସ୍ୱତୀ ଲତା ମଙ୍ଗେସକରଙ୍କ ପାଇଁ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ଖ୍ୟାତନାମା ମାନସିକ ରୋଗ ବିଶେଷଜ୍ଞ ପ୍ରଫେସର ଡାକ୍ତର ଗୋପାଳ ଚନ୍ଦ୍ର କର, ସୁଲେଖିକା ଡକ୍ଟର ଗାୟତ୍ରୀ ଦେବୀ, ଇଞ୍ଜିନିୟର ନୀଳାମ୍ବର ମିଶ୍ର, ସମାଜ ସେବିକା ଶାନ୍ତିଲତା ମିଶ୍ର, ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ଡାକ୍ତର ଶୁଭଶ୍ରୀ ମିଶ୍ର, ଆଇନଜୀବୀ ସମ୍ବିତ କର, ନିରଞ୍ଜନ ଡ଼ାଳୁଆ, ରାଧାମୋହନ ସାହୁ ପ୍ରମୁଖ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିବାବେଳେ ଡାକ୍ତର ସମ୍ରାଟ କର ସବୁ ସମୟରେ ଲତାଜୀଙ୍କ ସ୍ୱର ଭାରତର ଜାତୀୟତା, ସମାଜ ସେବା ଓ ଯୁବପିଢ଼ୀଙ୍କ ପାଇଁ ଉତ୍ସାହର କଣ୍ଠ ଶ୍ରୋତର ଗଙ୍ଗା ଥିଲାବୋଲି ମତବ୍ୟକ୍ତ କରିବା ସହ ପ୍ରତିବର୍ଷ ଦି'ବ୍ରେନ ଆନୁକୂଲ୍ୟରେ ଲତାଜୀଙ୍କ ସ୍ମୃତି ପାଇଁ ଏକ ମହିଳା ସ୍ୱାସ୍ଥ୍ୟ ସେବା ଶିବିର ଓ ପ୍ରତିଭା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଘୋଷଣା କରିଥିଲେ। କାର୍ଯ୍ୟକ୍ରମରେ ରଶ୍ମି ରଞ୍ଜନ ମହାପାତ୍ର, ଡୁମ୍ବିଭଦ୍ର, ବ୍ରଜ ବେହେରା, ସୁକାନ୍ତି ଲେଙ୍କା, ବେଣୁଧର ବେହେରା, ବିକ୍ରମ ମଲ୍ଲିକ, ଅତସ ସିଲ୍, ମନୋଲିସା ସ୍ୱାଇଁ, ସତ୍ୟବ୍ରତ କର, ବଳରାମ ପ୍ରଧାନ, ବାବୁଲା ପ୍ରଧାନ, ରଶ୍ମି ରଞ୍ଜନ ମହାପାତ୍ର, ବାସୁଦେବ ସାହୁ, ଭିକାରୀ ରାଉତ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

# ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଟାର୍ଗେଟ୍ କଲେ ପ୍ରିୟଙ୍କା ଗାନ୍ଧୀ କହିଲେ ଆପଣ କ'ଣ ଚାହୁଁଛନ୍ତି ତାଙ୍କୁ କେହି ସାହାଯ୍ୟ ନ କରନ୍ତୁ





**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** କରୋନାର ଦ୍ୱିତୀୟ ଲହର ସମୟରେ ରାଲି କରିବା ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ କଂଗ୍ରେସର ସାଧାରଣ ସମ୍ପାଦକ ପ୍ରିର୍ୟଙ୍କା ଗାନ୍ଧୀ ଟାର୍ଗେଟ ୍ କରିଛନ୍ତି ବାସ୍ତବରେ ସଂସଦରେ ବିରୋଧୀଙ୍କୁ ଟାର୍ଗେଟ କରି ସୋମବାର ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର କହିଛନ୍ତି ଯେ କରୋନାର ଦ୍ୱିତୀୟ ଲହର ସମୟରେ କଂଗ୍ରେସ ମୁମ୍ବାଇର ଶ୍ରମିକମାନଙ୍କୁ ଏବଂ ଆମ୍ ଆଦମୀ ପାର୍ଟି ଦିଲ୍ଲୀରେ ଶ୍ରମିକ୍‌ଙ୍କୁ ମାଗଣାରେ ଟିକେଟ ଦେଉଥିଲା ଏହି କାରଣର ଉତ୍ତରପ୍ରଦେଶ , ପଞ୍ଜାବ ଉତ୍ତରାଖଣ୍ଡରେ କରୋନା ମାମଲାରେ ଅତି ଶୀଘ୍ର ବୃଦ୍ଧି ପାଇଲା ପ୍ରଧାନମନ୍ତ୍ରୀ ମୋଦୀଙ୍କ ଏହି ବିବୃତ୍ତି ଉପରେ ଟାର୍ଗେଟ୍ କରିପ୍ରିୟଙ୍କା ଗାନ୍ଧି କହିଛନ୍ତି ଯେ ଏମାନେ ସେହି ଲୋକ ଥିଲେ ଯାହାକୁ ପ୍ରଧାନମନ୍ତ୍ରୀ ଏକୁଟିଆ ଛାଡିଦେଇଥିଲେ। ଏହି ଲୋକମାନେ ପାଦରେ ଚାଲି ଚାଲି ଘରକୁ ଫେରୁ ଥିଲେ। ଏହି ଲୋକମାନଙ୍କୁ ସାହାଯ୍ୟ ନ କରାଯାଉ ବୋଲି ପ୍ରଧାନମନ୍ତ୍ରୀ ଚାହିଁ ଥିଲେ କି ? ସର୍ବଶେଷରେ, ମୋଦୀ ଜୀ କଣ ଚାହୁଁଥିଲେ ସେ କଣ ଚାହିଁଛନ୍ତି ? ପ୍ରିୟଙ୍କା ଗାନ୍ଧୀ ଆହୁରି କହିଛନ୍ତି, ପ୍ରଧାନମନ୍ତ୍ରୀ କରିଥିବା ବଡ ସମାବେଶ ବିଷୟରେ କଣ ? ଅପ୍ରେଲ ୨୦୨୧ରେ ପ୍ରଧାନମନ୍ତ୍ରୀ ପଶ୍ଚିମବଙ୍ଗର ଆସାନସୋଲରେ ଏକ ରାଲି କରିଥିଲେ ।ଯେଉଁଠାରେ ସେ କହିଥିଲେ ଯେ ଏତେ ସଂଖ୍ୟକ ଲୋକଙ୍କୁ ଦେଖି ମୁଁ ଖୁସି ମୁଁ ଯୁଆଡେ ଦେଖୁଛି ଖାଲି ଲୋକମାନଙ୍କୁ ଦେଖୁଛି। ଏହି ରାଲି ଏକ ସମୟରେ ହୋଇଥିଲା ଯେତେବେଳେ ଭାରତରେ ପ୍ରତିଦିନ ଦୁଇ ଲକ୍ଷରର ଅଧିକ କରୋନା ମାମଲା ରୁଜୁ ହେଉଥିଲା ପ୍ରିୟଙ୍କା ଗାନ୍ଧୀଙ୍କ ବ୍ୟତୀତ ଦିଲ୍ଲୀର ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିଓାଲ ମଧ୍ୟ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଉପରେ ଘୋର ଆକ୍ରମଣ କରିଛନ୍ତି। କେଜ୍ରିଓାଲ ଟ୍ୱିଟ କରି ଲେଖିଛନ୍ତି , ପ୍ରଧାନମନ୍ତ୍ରୀଙ୍କ ଏହି ବିବୃତ୍ତ ସମ୍ପୂର୍ଣ୍ଣ ମିଥ୍ୟା ଦେଶ ଆଶା କରୁଛି ଯେ ଯେଉଁମାନେ ନିଜର ପ୍ରିୟଜନଙ୍କୁ ହରାଇଛନ୍ତି ସେମାନଙ୍କ ପ୍ରତି ପ୍ରଧାନମନ୍ତ୍ରୀ ସମ୍ବେଦନଶୀଳହେବେ। ଲୋକଙ୍କ ଦୁଃଖ ଉପରେ ରାଜନୀତି କରିବା ପ୍ରଧାନମନ୍ତ୍ରୀଙ୍କୁ ଶୋଭା ଦେଉନାହିଁ। ସୂଚନାଯୋଗ୍ୟଯେ ପ୍ରଧାନମନ୍ତ୍ରୀ ଲୋକସଭାରେ କହିଥିଲେ ଯେ ସେତେବେଳେ ଦିଲ୍ଲୀରେ ଏପରି ସରକାର ଥିଲା, ସରକାର ଜିପ ଉପରେ ମାଇକ ବାନ୍ଧି ବସ୍ତିରେ ବୁଲି ବୁଲି କହିଥିଲେ, ସଙ୍କଟ ବଡ ସମସ୍ତେ ଘରକୁ ପଳାଅ ଦିଲ୍ଲୀରୁ ଯିବା ପାଇଁ ବସ୍ ଦେଲା ଅଧା ବାଟରେ ଛାଡିଦେଲା ଶ୍ରମିକମାନଙ୍କ ପାଇଁ ଅନେକ ସମସ୍ୟା ସୃଷ୍ଟି କଲା ଏହି କାରଣରୁ ୟୁପି, ଉତ୍ତରାଖଣ୍ଡରେ ପଞ୍ଜାବ ଭଳି ରାଜ୍ୟ ଯେଉଁଠାରେ କରୋନା ର ତୀବ୍ରତା ସେଠାରେ କରୋନା ସଂକ୍ରମଣ ତୀବ୍ର ହୋଇଥିଲା।

# ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ ଡଃ ରାଧାନାଥ ରଥ




**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଜଗତସିଂହପୁର ସାରସ୍ୱତ ପରିଷଦ ପକ୍ଷରୁ ଆଜି ପଦ୍ମଭୂଷଣ ଡଃ ରାଧାନାଥ ରଥଙ୍କ ୨୪ତମ ଶ୍ରାଦ୍ଧବାର୍ଷିକୀ କଲେଜ ଛକ ଠାରେ ଥିବା ଗାୟତ୍ରୀ ଏଜୁକେଶନ କେନ୍ଦ୍ର ପରିସରରେ ପାଳିତ ହୋଇଯାଇଛି । ଏହି ଅବସରରେ ଅତିଥିମାନେ ଡଃ ରାଧାନାଥଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ । ଅନୁଷ୍ଠିତ ସଭାରେ ଅଧକ୍ଷତା କରି ପରିଷଦର ସଭାପତି ଅଧାପକ ହିମାଂଶୁ ଆଚାର୍ଯ୍ୟ ତାଙ୍କ ବକ୍ତବ୍ୟରେ ସ୍ୱର୍ଗତ ରାଧାନାଥ ରଥ ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ ବୋଲି କହିବା ସହ ଏକାଧାରରେ ସେ ସାମ୍ବାଦିକ, ସମ୍ପାଦକ,ସାହିତ୍ୟିକ,ଜନନାୟକ ଓ ସର୍ବୋପରି ଅନନ୍ୟ ଜନସେବକ ଥିଲେ ବୋଲି କହିଥିଲେ । ଅନ୍ୟତମ ଅଲୋଚିକା ଭାବେ ଗାୟତ୍ରୀ ଏଜୁକେଶନ କେନ୍ଦ୍ରର ନିର୍ଦ୍ଦେଶିକା ଶାଶ୍ୱତୀ ଶୁଭଦର୍ଶିନୀ ତାଙ୍କ ବକ୍ତବ୍ୟରେ ରାଧାନାଥ ରଥ ସାମାଜର ସମ୍ପାଦକ ଓ ରାଷ୍ଟ୍ରୀୟ ଅଧକ୍ଷ ଭାବେ ଅଶେଷ ଜନହିତକର କାର୍ଯ୍ୟ କରିଯାଇଛନ୍ତି ବୋଲି ମତ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପରିଷଦର ସଦସ୍ୟ ବିଜୟ କୁମାର ପ୍ରଧାନ,କେନ୍ଦ୍ର ସଂଯୋଜକ ସମ୍ବିତ୍ କୁମାର ଦାସ, ଅଭିଷେକ ବେହେରା ଓ ଲୋପାମୁଦ୍ରା ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ପଦ୍ମଭୂଷଣ ଡଃ ରାଧାନାଥ ରଥଙ୍କ ଘଟଣାବହୁଳ ଜୀବନୀ ଉପରେ ଆଲୋକପାତ କରିଥିଲେ। ଏହି ସ୍ମୃତିଚାରଣ ସଭାରେ ପ୍ରଦ୍ୟୁମ୍ନ କୁମାର ସାହୁ, ପ୍ରତାପ କୁମାର ବେହେରା, ଧନେଶ୍ୱର ବେହେରା ପ୍ରକାଶ କୁମାର ସ୍ୱାଇଁ, ଅଶୋକ କୁମାର ବେହେରା ସହାୟତା କରିଥିଲେ। ଶେଷରେ ଇଷାନୀ ମୋନାଲିସା ଧନ୍ୟବାଦ ଅର୍ପଣ କରିଥିଲେ ।

# ମହାଶିବରାତ୍ରୀରେ ଭୁଲରେ ବି ଶିବଲିଙ୍ଗ ଉପରେ ଅର୍ପଣ କରନ୍ତୁ ନାହିଁ ଏହି ସବୁ ସାମଗ୍ରୀ ଜାଣନ୍ତୁ କଣ ରହିଛି ପୂଜାବିଧି

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ହିନ୍ଦୁ ଧର୍ମରେ ମହା ଶିବରାତ୍ରୀରେ ବିଶେଷ ମହତ୍ୱ ରହିଛି। ଏମିତିରେ ବି ପ୍ରତ୍ୟେକ ମାସର ଚତୁର୍ଦ୍ଦଶୀ ତିଥୀ ଭଗବାନ ଶିବଙ୍କୁ ଉତ୍ସର୍ଗ କରାଯାଇଥାଏ। କିନ୍ତୁ ଫାଲଗୁନ୍ ମାସର ମହାଶିବଙ୍କୁ ଉତ୍ସର୍ଗ କରାଯାଇଥାଏ। କିନ୍ତୁ ଫାଇଗୁନ୍ ମାସରେ ମହାଶିବରାତ୍ରୀ ଦିନ ଶିବଙ୍କର ବିଶେଷ ଉପାସନା କରାଯାଇଥାଏ। ଏହି ମହାଶିବରାତ୍ରୀ ୧ମାର୍ଚ୍ଚରେ ପାଳନ କରାଯିବ। ଏହି ଦନି ରୁଦ୍ରାଭିଷେକ କରିବା ଦ୍ୱାରା ମନସ୍କାମନା ପୂରଣ ହୁଏ। ଏଥିସହ ଶିବଲିଙ୍ଗ ଉପରେ ବିଶେଷ ଜିନିଷ ପ୍ରଦାନ କଲେ। ବହୁରୋଗ ଦୂର ହୋଇଥାଏ। ଏଭଳି



ପରିସ୍ଥିତିରେ ମହାଶିବରାତ୍ରୀରେ ଶିବଲିଙ୍ଗ ଉପରେ ବିଶେଷ ଜିନିଷ ପ୍ରଦାନ କଲେ। ବହୁ ରୋଗ ବହୁ ରୋଗ ଦୂର ହୋଇଥାଏ। ଏଭଳି ପରିସ୍ଥିତିରେ ମହାଶିବରାତ୍ରୀରେ ଶିବଲିଙ୍ଗ ଉପରେ କେଉଁ ଜିନିଷ ଦିଆଯିବା ଉଚିତ ନୁହେଁ ତାହା ମଧ୍ୟ ବାରଣ କରାଯିବ ଉଚିତ୍। ମହାଶିବରାତ୍ରୀ ଦିନ ଶିବଲିଙ୍ଗରେ ତୁଳସୀ ପତ୍ର ଦିଆଯିବା ଉଚିତ୍ ନୁହେଁ। ଏଥିସହ ଏହି ଦିନ ଶିବଲିଙ୍ଗରେ ଷ୍ଟେରିସାଇଜଡ୍ କିମ୍ବା କେତକୀ ଫୁଲ ଅର୍ପଣ କରିବା ଉଚିତ୍ ନୁହେଁ। ଏହା ବ୍ୟତୀତ ଭଙ୍ଗୀ ଚାଉଳ ଶିବଲିଙ୍ଗ ଉପରେ ଦିଆଯିବା ଉଚିତ୍ ନୁହେଁ। ଆହୁରି ମଧ୍ୟ, କଟା-ଫଟା କିମ୍ବା ଛିଣ୍ଡା ବେଲ ପତ୍ର ଶିବଲିଙ୍ଗ ଉପରେ ଦିଆଯିବା ଉଚିତ୍ ନୁହେଁ। ଶିବଲିଙ୍ଗରେ କୁମ୍ଭୁମ୍ ତିକ୍ ପ୍ରୟୋଗ କରିବା ଏକ ନିଷେଧ ବୋଲି ବିବେଚନା କରାଯାଏ। ତେବେ ଦେବୀ ପାର୍ବତୀ ଏବଂ ଭଗବାନ ଗଣେଶଙ୍କ ମୂର୍ତ୍ତିଗୁଡିକରେ କୁମ୍ଭୁମ୍ ଟିକ୍ ପ୍ରୟୋଗ କରିପାରିବେ। ଶାସ୍ତ୍ର ଅନୁଯାୟୀ, ସର୍ବପ୍ରଥମେ ଶିବଲିଙ୍ଗ ଉପରେ ପଂଚାମୃତ ପ୍ରଦାନ କରାଯିବା ଉଚିତ୍। କ୍ଷୀର, ଗଙ୍ଗାଜଳ, କେସର ମହୁ ଏବଂ ପାଣି ମିଶ୍ରଣ କରି ପଂଚମୃତ କରାଯାଇଥାଏ। ଯେଉଁମାନେ ମହାଶିବ ରାତ୍ରୀରେ ଚାରି ପ୍ରହର ପୂଜା କରନ୍ତି । ସେମାନେ ପ୍ରଥମ ପ୍ରହରରେ ପାଣି, ଦ୍ୱିତୀୟ ପ୍ରହରରେ କଦଳୀ,ତୃତୀୟ ପ୍ରହରରେ ଘି ଏବଂଚତୁର୍ଥ ପ୍ରହରରେ ମହୁ ସହିତ ଅଭିଷେକ କରିବା ଉଚିତ୍।

# ଏହି ୮ଜଣଙ୍କ ଘରେ କେବେବି ଭୋଜନ କରିବା ଉଚିତ୍ ନୁହେଁ !

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଗରୁଡା ପୁରାଣ ଅନୁସାରେ ପ୍ରତ୍ୟେକ ମନୁଷ୍ୟ ନିଜର କର୍ମ ଅନୁସାରେ ଭଲ ଓ ଖରାପ ଫଳ ପାଇଥାନ୍ତି। ଯେଉଁ ମନୁଷ୍ୟ ଖରାପ କର୍ମ କରଥାନ୍ତି, ତାଙ୍କୁ ମୃତ୍ୟୁ ପରେ ଯମ ଦଣ୍ଡ ଭୋଗିବାକୁ ପଡିଥାଏ। ଏହା ସହିତ ମନୁଷ୍ୟ ଭଲ କର୍ମ କରିଥାନ୍ତି, ତାଙ୍କୁ ସ୍ୱର୍ଗପୁରରେ ସ୍ଥାନ ମିଳିଥାଏ। ତେଣୁ ଆମେ ଅଜାଣତରେ ମଧ୍ୟ ପାପର ଭାଗୀଦାର ହେବାକୁ ପଡିଥାଏ। ଆସନ୍ତୁ ସେହି ବିଷୟରେ ବିସ୍ତାର ରୂପରେ ଜାଣିବା

୧-ଗରୁଡ ପୁରାଣ ଅନୁସାରେ ଯେଉଁ ବ୍ୟକ୍ତ ଚୋରି କରିଥାଆନ୍ତି ତାଙ୍କ ଘରେ କେବେବି ଭୋଜିନ କରିବା ଉଚିତ ନୁହେଁ ।ଉଚିତ ନୁହେଁ। କାରଣ ଚୋରି ହୋଇଥିବା ଟଙ୍କାରେ ଭୋଜନ କଲେ ଅଶୁଭ ହୋଇଥାଏ ଏବଂ ପାପର ଭାଗୀଦାର ହେବାକୁ ପଡିଥାଏ।

୨-ଯେଉଁ ବ୍ୟକ୍ତି ସୁଧ ଲଗାଇ ଲୋକଙ୍କ ହୋଇଥାଏ ଠାରୁ ଟଙ୍କା ଲୁଣନ କରିଥାନ୍ତି,ତାଙ୍କ ଘରେ ମଧ୍ୟ କେବେବି ଭୋଜନ କରିବା ଉଚିତ ନୁହେଁ। ତେଣୁ କେବେବି ଅନ୍ୟମାନଙ୍କର ପରିସ୍ଥିତିର ଫାଇଦା ଉଠାଇବା ଉଚିତ ନୁହେଁ। ନଚେତ ପରମୁହୂର୍ତ୍ତରେ ଏହାର ପରିମାଣ ଭୟଙ୍କର ସାବ୍ୟସ୍ତ ହେବ।

୩-ଯେଉଁ ଲୋକଙ୍କ ଘରେ କୌଣସି ପରିବାର ସଦସ୍ୟ ରୋଗରେ ପୀଡିତ ଥିବେ, ସେହି ଘରେ କଦାପି ଭୋଜନ କରିବା ଉଚିତ ନୁହେଁ। କାରଣ ସେହି ଘରେ ଆପଣ ଭୋଜନ କଲେ ରୋଗର ଶିକାର ହୋଇ ପାରନ୍ତି ତେଣୁ ଏଭଳି କରନ୍ତୁ ନାହିଁ।




୪-ଗରୁଡ ପୁରାଣ ଅନୁସାରେ ଯେଉଁ ବ୍ୟକ୍ତି ଅଧିକ କ୍ରୋଧୀ ସ୍ୱଭାବରେ ହୋଇଥିବେ, ତାଙ୍କ ଘରେ ଭୋଜନ କଲେ ସେହି କ୍ରୋଧୀ ସ୍ୱଭାବରେ ପ୍ରଭାବ ପଡିଥାଏ।

୫-ଗରୁଡ ପୁରାଣ ଅନୁସାରେ କିନ୍ନର ମାନଙ୍କର ଘରେ କେବେବି ଭୋଜନି କରିବା ଉଚିତ ନୁହେଁ। କାରଣ ସେମାନେ ଦାନ ଧର୍ମରେ ଅର୍ଥ ଅର୍ଜନ କରିଥାନ୍ତି। କିଛି ଲୋକେ ତାଙ୍କୁ ସ୍ୱଚ୍ଛ ମନରେ ଦାନ ଦେଇଥାନ୍ତି ତ ଆଉକିଛି ଲୋକେ ଖରାପ ମନରେ ଦାନ ଦେଇଥାନ୍ତି। ତେଣୁ ତାଙ୍କ ଘରେ ଭୋଜନ କରିବା ଉଚିତ ନୁହେଁ।

୬-ଯେଉଁ ବ୍ୟକ୍ତି ଅଧିକ ନିର୍ଦ୍ଦୟୀ ହୋଇଥାନ୍ତି ବା ସେ କାହା ଉପରେ ଦୟା ଭାବନା ପ୍ରକାଶ କରନ୍ତି ନାହେଁ। କାରଣ ନିଶା କରିବା ପାପ ଲୋକ ସର୍ବଦା ନିଜର ସୁଖ ପାଇଁ ଅନ୍ୟ ମାନଙ୍କୁ ନଷ୍ଟ ଦେଇଥାନ୍ତି। ତେଣୁ ଏମାନଙ୍କ ଘରେ ଭୋଜନ କଲେ ବ୍ୟକ୍ତି ପାପର ଭାଗୀଦାର ହୋଇଯାଏ।

୭-ଯେଉଁ ବ୍ୟକ୍ତି ନିଶା ଦ୍ରବ୍ୟ ବିକ୍ରି କରୁଥିବେ, ଟଙ୍କା ଘରେ ମଧ୍ୟ କେବେବି ଭୋଜିନ କରିବା ନୁହେଁ। କାରଣ ନିଶା କରିବା ପାପ ଅଟେ ଏବଂ ଏଭଳି ଲୋକେ ନିଶା ଜିନିଷ ବ୍ରିକି କରି ଲୋକଙ୍କର ଜୀବନକୁ ନଷ୍ଟ କରି ଦେଇଥାନ୍ତି।

୮-ଗରୁଡ ପୁରାଣ ଅନୁସାରେ ଯେଉଁ ସ୍ତ୍ରୀ ନିଜ ଘରକୁ ପର ଅନ୍ୟ ପୁରୁଷ ସହିତ ସମ୍ପର୍କ ରଖିଥାଏ, ସେଭଳି ଘରେ ଭୋଜନ କରିବା କଦାପି ଉଚିତ ନୁହେଁ। କାରଣ ଏଭଳି ଘରେ ଭୋଜନ କଲେ, ବ୍ୟକ୍ତି ପାପର ଭାଗୀଦାର ହୋଇଥାଏ।

# ଆଇରେଡ୍‌ର ଶୁଭାରମ୍ଭ କଲେ ଜଗତସିଂହପୁର ଜିଲ୍ଲାପାଳ ପାରୁଲ୍ ପଟୱାରୀ

**ଜଗତସିଂହପୁର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଏନ୍.ଆଇ.ସି ଭିଡିଓ କନ୍‌ଫରେନ୍‌ସିଂ ରୁମ୍‌ରେ ଜିଲ୍ଲାପାଳ ପାରୁଲ୍ ପଟାୱରୀ ଇଣ୍ଟିଗ୍ରେଟେଡ୍ ରୋଡ୍ ଆକ୍ସିଡେଣ୍ଟ ଡାଟାବେସ୍ ଯୋଜନାର ଶୁଭାରମ୍ଭ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଉମେଶ କୁମାର ପଣ୍ଡା,ଆଂଚଳିକ ପରିବହନ ବିଭାଗର ଜୁନିୟର ଏମ୍.ଭି.ଆଇ ପଂଚାନନ ବେହେରା,ଥାନା ଅଧିକାରୀ,ଜିଲ୍ଲା ସୂଚନା ଓ ପ୍ରଯୁକ୍ତି ଅଧିକାରୀ ଜ୍ୟୋତି ପ୍ରକାଶ ବେହେରା,ଡି.ଆର୍.ଏମ୍ ଦେବାଶିଷ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲାରେ ସଡକ ଦୁର୍ଘଟଣାରେ ଆହତ ଓ ମୃତ୍ୟୁ ଜନିତ ସଂଖ୍ୟା ହ୍ରାସ କରିବା ସହ ଏହି ଯୋଜନାରେ ଦୁର୍ଘଟଣାର ବିଭିନ୍ନ କାରଣ ଓ ତାହାର ପ୍ରତିକାର ପାଇଁ ପଦକ୍ଷେପ ଗ୍ରହଣ ନିମନ୍ତେ ନିଷ୍ପତି ଗ୍ରହଣ କରାଯାଇଛି । ବିଭିନ୍ନ ପ୍ରକାର କାରଣ ଯୋଗୁ ସଡକ ଦୁର୍ଘଟଣା ହୋଇଥାଏ । ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ଓ ରାଜ୍ୟ ସରକାର ଆଇରେଡ୍ ଯୋଜନା ଆରମ୍ଭ କରିଛନ୍ତି । ସାରା ଦେଶର ସଡକ ଦୁର୍ଘଟଣା ସଂପର୍କୀୟ ତଥ୍ୟ ସଂଗ୍ରହ କରାଯାଇ ଡାଟାବେସ୍ ଉନ୍ନତିକରଣ କରାଯିବ । ଏହି ଡାଟାକୁ ବିଶ୍ଳେଷଣ କରାଯାଇ ଦୁର୍ଘଟଣା ପ୍ରବଣ ଅଂଚଳ ଓ ଦୁର୍ଘଟଣାର କାରଣ ଚିହ୍ନଟ କରାଯିବ । ଏହି ଯୋଜନାରେ ଜିଲ୍ଲାର ପୋଲିସ,ଆଂଚଳିକ ପରିବହନ, ସ୍ୱାସ୍ଥ୍ୟ ଓ ପି,ଡବ୍ଲ୍ୟୁ.ଡି ବିଭାଗ ଗୁଡିକୁ ଅନ୍ତର୍ଭୁକ୍ତ କରାଯାଇଛି । ଦୁର୍ଘଟଣା କେଉଁଠାରେ ଓ କିପରି ହେଲା,ଦୁର୍ଘଟଣା ସ୍ପଟ୍ ଚିହ୍ନଟ କରିବା,ଦୁର୍ଘଟଣା ଆହତ କିମ୍ବା ମୃତ ବ୍ୟକ୍ତିଙ୍କୁ କିପରି ଯଥାଶୀଘ୍ର ସାହାଯ୍ୟ କରାଯାଇ ପାରିବ ସେ ନେଇ ଏହି ବିଭାଗ ଗୁଡିକ କାର୍ଯ୍ୟ କରିବେ । ଦୁର୍ଘଟଣା ଗ୍ରସ୍ତ ବ୍ୟକ୍ତିଙ୍କୁ ଓ ଦୁର୍ଘଟଣା ଘଟାଇଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇ ପାରିବ । ତୃତୀୟ ପର୍ଯ୍ୟାୟରେ ଜଗତସିଂହପୁର ଜିଲ୍ଲା ସମେତ ୧୫ଟି ଜିଲ୍ଲାରେ ଆଜି ଏହି ଆଇରେଡ୍ ପ୍ରକଳ୍ପ ଶୁଭାରମ୍ଭ ହୋଇଛି । ଜଗତସିଂହପୁର ଜିଲ୍ଲା ପାଇଁ ନିଯୁକ୍ତି ପାଇଥିବା ଡି.ଆର୍.ଏମ୍ ଦେବାଶିଷ ନାୟକ ଜିଲ୍ଲା ସୂଚନା ଓ ପ୍ରଯୁକ୍ତି ଅଧିକାରୀ ଜ୍ୟୋତି ପ୍ରକାଶ ବେହେରାଙ୍କ ତତ୍ତ୍ୱାବଧାନରେ ଜିଲ୍ଲାର ୧୩ଟି ପୋଲିସ ଷ୍ଟେସନ,ଆଂଚଳିକ ପରିବହନ,ପୂର୍ତ୍ତ ,ଗ୍ରାମ୍ୟ ଉନ୍ନୟନ ଓ ଜାତୀୟ ରାଜପଥ ବିଭାଗୀୟ କର୍ମକର୍ତ୍ତାଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଛନ୍ତି ।



# ବିଜେଡ଼ି ଗଡ଼ ଭାଙ୍ଗିବାକୁ କଂଗ୍ରେସ ସଭାପତି ମାନସ ଚୌଧୁରୀ ନିଜ ଗାଁକୁ ଗଲେ

**କଟକ(ତପନ ମହାନ୍ତି):-** କଟକ ସଦର ନିର୍ବାଚନ ମଣ୍ଡଳୀର ୬ ନମ୍ବର ଜୋନ୍ ହେଉଛି ବିଜେଡ଼ିର ଗଡ଼ । ଗତ ନିର୍ବାଚନଗୁଡ଼ିକରେ ଦଳ ଏଠାରେ ବିଜୟୀ ହେବା ସହ ନିଜର ସଙ୍ଗଠନକୁ ମଜଭୂତ କରିଚାଲିଛନ୍ତି । ତେବେ ଏଥର ନୁଆମୁହଁକୁ ନେଇ ଏବେ ୪୨ ମୌଜା ରାଜନୀତି ସରଗରମ । ମଇଦାନରେ ୪ଜଣ ପ୍ରାର୍ଥୀ ଥିଲେ ହେଁ ବିଜେଡ଼ି ବିଜେପି-କଂଗ୍ରେସକୁ ନେଇ ତ୍ରିମୁଖୀ ଲଢ଼େଇ ଦିଗରେ ଅଛି ନିର୍ବାଚନୀ ବାତାବରଣ । ଏହି ଜୋନ୍ ଏଥର ବିଜେଡ଼ିର ଗଡ଼ ହୋଇରହିବ ନା ଭାଙ୍ଗିବ, ତାହା ହିଁ ସବୁଠୁ ବଡ଼ ପ୍ରଶ୍ନ ।

୪୨ ମୌଜାର ୬ଟି ଯାକ ପଞ୍ଚାୟତ କୂଳସରିଦୁଆଁ, ଜଳପଡ଼ା, ବେଣ୍ଟକାର, ଝାରଜଗ, ଦଧିବାମନପୁର ଓ ବ୍ରହ୍ମପୁରକୁ ନେଇ ଗଠିତ ୬ ନମ୍ବର ଜୋନ୍ । ମୋଟ ଭୋଟର ସଂଖ୍ୟା ୩୩ ହଜାର ୬୬୦ । ଆସନ୍ତା ୧୬ ତାରିଖରେ ପ୍ରଥମ ପର୍ଯ୍ୟାୟରେ ଏଠି ଭୋଟଗ୍ରହଣ ହେବ । ସେହି ଦୃଷ୍ଟିରୁ ଦେଖିବାକୁ ଗଲେ ପ୍ରଚାରପାଇଁ ହାତରେ ଆଉ ମାତ୍ର ୪ଦିନ । ତେଣୁ ପ୍ରାଚୀର ଅଭିଯାନ ଏବେ ଜୋରଦାର ହେବାରେ ଲାଗିଛି । ଏହି ଜୋନ୍‌ଟି ଏଥର ମହିଳାଙ୍କପାଇଁ ସଂରକ୍ଷିତ ଅଛି । ମଇଦାନରେ କଂଗ୍ରେସରୁ ସୋନାଲିକା ଦୀକ୍ଷିତ, ବିଜେଡ଼ିରୁ ସସ୍ମିତା ମାହାର୍ଥୀ, ବିଜେପିରୁ ମଧୁସ୍ମିତା ସାସମଲ ପ୍ରାର୍ଥୀ ହୋଇଥିବାବେଳେ ସବିତାରାଣୀ ଦାସ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢୁଛନ୍ତି । ବିଜେଡ଼ି ପ୍ରାର୍ଥୀ ସସ୍ମିତା ପୂର୍ବରୁ ଦଧିବାମନପୁର ପଞ୍ଚାୟତର ସରପଞ୍ଚ (୨୦୧୨-୨୦୧୭) ଥିଲେ । ତାଙ୍କ ସ୍ୱାମୀ ଅଜୟ ଦଳେଇ ବିଜେଡ଼ିର ପୁରୁଣା କର୍ମୀ ଭାବେ ପରିଚିତ । ମୁଖ୍ୟମନ୍ତ୍ରୀଙ୍କ ଲୋକପ୍ରିୟତା, ରାଜ୍ୟ ସରକାରଙ୍କ କଲ୍ୟାଣମୂଳକ କାମକୁ ଆଧାର କରି ଭୋଟ୍ ମାଗୁଛନ୍ତି ସସ୍ମିତା । ଏହି ଜୋନ୍ ଦୀର୍ଘ ବର୍ଷରୁ ବିଜେଡ଼ି ଗଡ଼ ପାଲଟି ଯାଇଥିବାର ଏଥର ବି ବିଜୟ ନେଇ ଦଳ ଦମୋକ୍ତି ବାଡୁଛି । ହେଲେ ଦଳପାଇଁ ଅସନ୍ତୁଷ୍ଟ ଅଡୁଆ ସୃଷ୍ଟି କରିଛନ୍ତି । ବିଭିନ୍ନ ପଞ୍ଚାୟତରେ ବିଜେଡ଼ିର ଏକାଧିକ ପ୍ରାର୍ଥୀ ସରପଞ୍ଚ ଓ ସମିତିସଭ୍ୟ ପଦ ପାଇଁ ଲଢୁଥିବାରୁ ଏହାର ପ୍ରଭାବ ଜିଲ୍ଲା ପରିଷଦ ନିର୍ବାଚନରେ ପଡ଼ିବ ବୋଲି ଆଶଙ୍କା କରାଯାଉଛି । ଅନ୍ୟପକ୍ଷରେ ୨୦୧୭ ନିର୍ବାଚନରେ ଏଠାରେ କଡ଼ା ଟକ୍କର ଦେଇଥିଲା ବିଜେପି । ବିଜେପିର ଜିଲ୍ଲା ପରିଷଦ ପ୍ରାର୍ଥୀ ସରୋଜ ସାସମଲ ଅଳ୍ପ ବ୍ୟବଧାନରେ ହାରିଥିଲେ । ଏଥର ସରୋଜଙ୍କ ପତ୍ନୀ ମଧୁସ୍ମିତା ବିଜେପିରୁ ପ୍ରାର୍ଥୀ ହୋଇଛନ୍ତି । ତେଣୁ ଗତ ନିର୍ବାଚନର ଅଭିଜ୍ଞତା ତାଙ୍କୁ ସହାୟତା ହେବ ବୋଲି ଆଶା କରାଯାଉଛି । ହେଲେ ବିଜେପିର ଚିନ୍ତା ବଢ଼ାଇପାରନ୍ତି ସ୍ୱାଧୀନ ପ୍ରାର୍ଥୀ ସବିତରାଣୀ । ବିଜେପିର ଗୋଟିଏ ଗୋଷ୍ଠୀ ସବିତାରାଣୀଙ୍କ ପଛରେ ଥିବା କୁହାଯାଉଛି । ସବିତାରାଣୀ ମଧ ବିଜୟ ନେଇ ଆଶାବ୍ୟକ୍ତ କରିଛନ୍ତି ।

ଅନ୍ୟପକ୍ଷରେ ନାମାଙ୍କନ ଦାଖଲ ପୂର୍ବରୁ ଆଦୌ ରେସ୍‌ରେ ଲାଗୁନଥିବା କଂଗ୍ରେସ କିଛି ମାତ୍ରରେ ଶକ୍ତିଶାଳୀ ହୋଇଛି । ରାଜନୀତିରେ ସମ୍ପୂର୍ଣ୍ଣ ନୂଆ ତଥା ଉଚ୍ଚଶିକ୍ଷିତା କାରଣରୁ କଂଗ୍ରେସ ପ୍ରାର୍ଥୀ ସୋନାଲିନା ଭୋଟରମାନଙ୍କୁ ପ୍ରଭାବିତ କରିପାରୁଥିବା ଶୁଣିବାକୁ ମିଳିଛି । ସୋନାଲିନଙ୍କୁ ନେଇ ଆଶା ଓ ସୁଯୋଗ ସୃଷ୍ଟି ହୋଇଥିବାରୁ ଦଳୀୟକର୍ମୀଙ୍କ ଭିତରେ ଉତ୍ସାହ ମଧ ବଢ଼ିଛି । ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଫଳତାକୁ ପ୍ରସଙ୍ଗ କରି ସୋନାଲିକା ଲୋକଙ୍କ ନିକଟକୁ ଯାଉଛନ୍ତି । ସେହିପରି କଟକ ଜିଲ୍ଲା କଂଗ୍ରେସ ସଭାପତି ମାନସ ଚୌଧୁରୀଙ୍କ ଗାଁ ୪୨ ମୌଜା ଅଞ୍ଚଳରେ ହୋଇଥିବାରୁ ସେ ଏଥର ନିର୍ବାଚନରେ ପୁରା ଦମ୍ ଲଗାଇ ଦେଇଛନ୍ତି । ପୂର୍ବ ନିର୍ବାଚନକୁ ଦେଖିଲେ ଏହା ସ୍ପଷ୍ଟ ଯେ ୬ ନମ୍ବର ଜେନ୍‌ରେ ମୁଖ୍ୟତଃ ବିଜେଡ଼ି-ବିଜେପି ଭିତରେ ଦ୍ୱିମୁଖୀ ଲଢ଼େଇ ଦେଖିବାକୁ ମିଳେ । ହେଲେ ଏଥର ଚିତ୍ର ବଦଳିଛି । ଫଳରେ ଦୀର୍ଘ ବର୍ଷ ପରେ ୪ ମୌଜା ଜିଲ୍ଲା ପରିଷଦ ଜେନରେ ତ୍ରିମୁଖୀ ଲଢ଼େଇ ସ୍ଥିତି ଉପୁଜିଛି ।

# ଏଠି ଦଳିୟ ଗୋଷ୍ଠୀ କନ୍ଦଳ ପ୍ରବଳ ତଥାପି ଦଳ ସପକ୍ଷରେ ଭୋଟ

**କଟକ(ତପନ ମହାନ୍ତି):-** ଚୌଦ୍ୱାର ଥାନା ଅନ୍ତର୍ଗତ କୟଳପଡ଼ା ପଞ୍ଚାୟତରେ ବିଜେଡ଼ିରେ ଦୁଇଜଣ ଅସନ୍ତୁଷ୍ଟ ପ୍ରାର୍ଥୀ ମଇଦାନକୁ ଓହ୍ଲାଇବାପରେ ପଞ୍ଚାୟତ ରାଜନୀତି ସରଗରମ ହୋଇଛି । ଦଳ ସମର୍ଥନରେ ଜଣଙ୍କୁ ସରପଞ୍ଚ ଓ ସମିତିସଭ୍ୟାଭାବେ ପ୍ରାର୍ଥୀ କରାଯିବା ପରେ ଅସନ୍ତୁଷ୍ଟ ଭାବେ ଦୁଇଜଣ ସରପଞ୍ଚ ଓ ସମିତି ସଭ୍ୟା ପାଇଁ ପ୍ରତିଦ୍ୱନ୍ଦ୍ୱିତାକୁ ଓହ୍ଲାଇଥିଲେ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଏହି ପଞ୍ଚାୟତର ପୂର୍ବତନ ସରପଞ୍ଚଙ୍କ ପତ୍ନୀ ଦଳୀୟ ସମର୍ଥନରେ ଚଳିତ ନିର୍ବାଚନରେ ସରପଞ୍ଚ ପ୍ରାର୍ଥୀ ଭାବେ ଲଢୁଥିବାବେଳେ ପୂର୍ବତନ ସମିତି ସଭ୍ୟାଭାବେ ନିର୍ବାଚିତ ହୋଇ ପଞ୍ଚାୟତ ସମିତି ଉପାଧ୍ୟକ୍ଷା ଥିବା ଓ ଜଣେ ପୂର୍ବତନ ସରପଞ୍ଚଙ୍କ ପତ୍ନୀ ସରପଞ୍ଚ ପ୍ରାର୍ଥୀ ହୋଇଛନ୍ତି ।

ଏହି ପଞ୍ଚାୟତରେ ପ୍ରାୟ ୬ ହଜାର ଭୋଟର ଥିବାବେଳେ ନୂଆପାଟଣା, ସିମିଳି ହାଣ୍ଡ, ଡିହସାହିର ୨୨ଟି ଓ୍ୱାର୍ଡ଼କୁ ନେଇ ଏହା ଗଠିତ । ପଞ୍ଚାୟତରେ ୩ଜଣ ସରପଞ୍ଚ ପ୍ରାର୍ଥୀ, ୫ଜଣ ସମିତି ସଭ୍ୟ ପ୍ରାର୍ଥୀ ମଇଦାନକୁ ଓହ୍ଲାଇଛନ୍ତି । ଏହି ପଞ୍ଚାୟତରେ ଶାସକ ଦଳ ପକ୍ଷରୁ ସରପଞ୍ଚ ପ୍ରାର୍ଥୀ ଭାବେ ପୂର୍ବତନ ସରପଞ୍ଚ ରଶ୍ମି ରଂଜନ ପ୍ରଧାନଙ୍କ ସ୍ତ୍ରୀ ବନ୍ଦନା ପ୍ରଧାନ ଓ ସମିତି ସଭ୍ୟାଭାବେ ମିନତୀ ମହାରଣା ପ୍ରାର୍ଥୀ ହୋଇଥିବାବେଳେ ଅସନ୍ତୁଷ୍ଟ ଗୋଷ୍ଠୀ ପକ୍ଷରୁ ପୂର୍ବତନ ସରପଞ୍ଚ ସ୍ୱର୍ଗତ ଶଙ୍କର୍ଷଣ ନାୟକଙ୍କ ପତ୍ନୀ ଶୈଳବାଳା ନାୟକ ସମିତି ସଭ୍ୟା ଭାବେ, ବନ୍ଦନା ସ୍ୱାଇଁ ଏବଂ ପୂର୍ବତନ ଟାଙ୍ଗୀ-ଚୌଦ୍ୱାର ପଞ୍ଚାୟନ ସମିତି ଉପାଧ୍ୟକ୍ଷା ଜାନକୀ ପରିଡ଼ା

## ପ୍ରଭାତଙ୍କ ଗୋଟିଚାଳନା ବୁଝିପାରୁ ନାହାନ୍ତି କର୍ମୀ

ସରପଞ୍ଚ ପ୍ରାର୍ଥୀ ହେବା ସହିତ ପଞ୍ଚାୟତରେ ନିଜର ସହଯୋଗୀ ସମିତି ସଭ୍ୟାଭାବେ ସାବିତ୍ରୀ ପରିଡ଼ାଙ୍କ ସାଥିରେ ଧରି ନିର୍ବାଚନ ପ୍ରଚାର କରୁଛନ୍ତି । ଦୀର୍ଘ ୨୦ବର୍ଷ ଧରି ଏହି ପଞ୍ଚାୟତର ଅବସ୍ଥା ଯାହା ଥିଲା ଗତ ୫ବର୍ଷ ମଧରେ ତାହାର ପରିବର୍ତ୍ତନ ହୋଇଛି । ଜମି ମାଫିଆଙ୍କ ଠୁ ବାଲୁଙ୍କେଶ୍ୱର ଖେଳ ପଡ଼ିଆ ଉଦ୍ଧାର, କଲ୍ୟାଣ ମଣ୍ଡପ, ପାର୍କ, ସାପ୍ତାହିକ ହାଟର ଉନ୍ନତି ପଞ୍ଚାୟତରେ ଷ୍ଟ୍ରିଟ୍ ଲାଇଟ୍ ଓ ସିସିଟିଭି ସହ ଶ୍ମଶାନ ଗୃହ, ବାଲୁଙ୍କେଶ୍ୱର ପୀଠର ବିକାଶ ଭଳି ବିଭିନ୍ନ କାର୍ଯ୍ୟ ତାଙ୍କ ସ୍ୱାମୀ ରଶ୍ମି ପ୍ରଧାନଙ୍କ ସମୟରେ କରାଯାଇଛି ବୋଲି ଦର୍ଶାଇ ପ୍ରାର୍ଥୀ ହୋଇଥିବା ଉଚ୍ଚଶିକ୍ଷିତା ବନ୍ଦନା ପ୍ରଧାନ ଗାଁକୁ ଗାଁ ବୁଲି ଭୋଟ ଭିକ୍ଷା କରୁଛନ୍ତି । ଆଜି ମଧ ୧ ନଂ ଜୋନ୍ ଜିଲ୍ଲାପରିଷଦ ବିଜେଡ଼ି ପ୍ରାର୍ଥୀ ଜ୍ୟୋସ୍ନାରାଣୀ ସୁବୁଦ୍ଧିରାୟଙ୍କ ସହ ସରପଞ୍ଚ ପ୍ରାର୍ଥୀ ମିନତୀ ମହାରଣା ପଞ୍ଚାୟତର ବିଭିନ୍ନ ଗ୍ରାମ ବୁଲି ଭୋଟ ପ୍ରଚାର କରୁଥିବା ଦେଖାଦେଇଛି । ଅନ୍ୟପକ୍ଷରେ ସରପଞ୍ଚ ପ୍ରାର୍ଥୀ ଶୈଳବାଳା ନାୟକ ଓ ଜାନକୀ ପରିଡ଼ା ମଧ ନିର୍ବାଚନ ପ୍ରଚାର ଜୋରଦାର ଚଳାଇଛନ୍ତି । ବର୍ତ୍ତମାନ ସୁଧା ଏହି ପ୍ରାର୍ଥୀମାନଙ୍କ ପାଇଁ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଓ ବର୍ତ୍ତମାନର ବିଧାୟକ ସୌଭିକ ବିଶ୍ୱାଳ ପଞ୍ଚାୟତକୁ ନିର୍ବାଚନ ପ୍ରଚାର ପାଇଁ ନ ଆସିବା ଘଟଣା ପଛରେ ରହସ୍ୟ କଣ ତାହା ସାଧାରଣରେ ମୁଖ୍ୟ ଆଲୋଚନାର ପ୍ରସଙ୍ଗ ହୋଇଛି । ସମସ୍ତ ପ୍ରାର୍ଥୀ ବିଧାୟକଙ୍କର ନିକଟତର ହେଶଇଥିଲେ ମଧ ପୂର୍ବତନ ସରପଞ୍ଚ ଶ୍ରୀ ପ୍ରଧାନଙ୍କ ପାଇଁ ଶ୍ରୀ ବିଶ୍ୱାଳଙ୍କର ସମର୍ଥନ ଓ ସହଯୋଗ ରହିଥିବା ଚର୍ଚ୍ଚାର ବିଷୟ ହୋଇଛି । ପ୍ରଭାତଙ୍କ ଗୋଟି ଚାଳନାକୁ ବୁଝିପାରୁନାହାନ୍ତି କର୍ମୀ ।

# ସରପଞ୍ଚଙ୍କୁ ବଦନାମ କରିବାକୁ ଘର ପଛପଟେ ଗଞ୍ଜେଇ ବସ୍ତା

**ଦେବଗଡ(ସଂପର୍କବାର୍ତ୍ତା):-** ନିର୍ବାଚନରେ ଜିତିବା ପାଇଁ ପ୍ରାର୍ଥୀ ଓ ତାଙ୍କ ସମର୍ଥକମାନେ ବିରୋଧୀ ପ୍ରାର୍ଥୀଙ୍କ ବିରୋଧରେ ପ୍ରଚାର କରିବା ସ୍ୱାଭାବିକ ପ୍ରକ୍ରିୟା ମାତ୍ର ଦେବଗଡା ଜିଲ୍ଲା ରିଅମାଳ ବ୍ଲକ ଅଚଳରେ ଜଣେ ସରପଂଚ ପ୍ରାର୍ଥୀ ନୀଙ୍କୁ କରିବା ପାଇଁ ତାଙ୍କ ଘର ପଛପଟ ବାଡିରେ ଗଞ୍ଜେଇ ବସ୍ତା ରଖିବା ଅଭିଯୋଗ ହୋଇଛି । ସୂଚନାଯୋଗ୍ୟ ଯେ, ଦେବଗଡା ଜିଲ୍ଲା ରିଆମାଳ ବ୍ଲକ ଅନ୍ତର୍ଗତ ବୁଡିଦୋ ଗ୍ରାମ ପଂଚାୟତରେ ଚଳିତ ବର୍ଷ ସରପଂଚ ପଦବୀ ପାଇଁ ଛବିରାଣୀ ସାହୁ ନାମକ ଜଣେ ପ୍ରାର୍ଥୀନୀ ନିର୍ବାଚନ ଲଢ଼ୁଛନ୍ତୁ । କେହି ଦୁର୍ବୃତ୍ତି ତାଙ୍କ ଘର ପଟେ ଏକ ବସ୍ତା ଓ ବ୍ୟାଗରେ କିଛି ସନ୍ଦେହଜନକ ପଦାର୍ଥ ରଖିଦେଇଥିଲେ । ରିଆମାଳ ପୋଲିସ ଓ ସ୍ୱତନ୍ତ୍ର ସ୍କ୍ୱାର୍ଡ ଘଟଣାସ୍ଥଳରେ ପହଂଚି ବ୍ୟାଗ ଓ ବସ୍ତାକୁ ଜବତ କରି ଥାନାକୁ ନେଇଥିବା ତାଙ୍କ ଘର ପଛ ପଟେ ଏକ ବସ୍ତା ଓ ବ୍ୟାଗରେ ସନ୍ଦେହଜନକ ପଦାର୍ଥ ରଖିଦେଇ ଥିଲେ । ରିଆମାଳ ପୋଲିସ ଓ ସ୍ୱତନ୍ତ୍ରସ୍କ୍ୱାର୍ଡ ଘଟଣାସ୍ଥଳରେ ପହଂଚି ବ୍ୟାଗ ଓ ବସ୍ତାକୁ ଜବତ କରି ଥାନାକୁ ନେଇଥିବା ବେଳେ ସେଥିରେ ଥିବା ଜିନିଷ ଗଞ୍ଜେଇ ବୋଲି ଜଣାପଡିଛି ।ସରପଂଚ ପ୍ରାର୍ଥିନୀଙ୍କ ବିରୋଧୀ ଗୋଷ୍ଠୀ ତାଙ୍କୁ ତଥା ସ୍ୱାମୀଙ୍କୁ ମିଛ କେଶରେ ଫସାଇବା ପାଇଁ ଚକ୍ରାନ୍ତ କରି ଏହି ଗଞ୍ଜେଇ ରଖିଥିଲେ ବୋଲି ଅଭିଯୋଗ ହୋଇଛି । ଏହି ଘଟଣା ଜଣାପଡିବା ପରେ ସରଂଚୟତ ପ୍ରାର୍ଥିନୀଙ୍କ ସମର୍ଥକମାନେ ବୁଡିଦୋ ଗାଁରେ ଶୋଭାଯାତ୍ରା କରିବା ସହ ଗାଁ ମଝିରେ ପୂଜାର୍ଚ୍ଚନା କରିଛନ୍ତି । ଏହି ଘଟଣାରେ ଜଡିତ ଅଭିଯୁକ୍ତମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରାର୍ଥିନୀ ତଥା ସମର୍ଥମାନେ ଦାବି କରିଛନ୍ତି । ଦବଗଡ ଜିଲ୍ଲା ପୋଲିସ ପକ୍ଷରୁ ଘଟଣା ଉପରେ ନଜର ରଖାଯାଇଥିବା ଏସପି ସୂଚନା ଦେଇଛନ୍ତି ।




# ଚାନ୍ଦବାଲି:ସପ୍ତାହ ମଧରେ କାର୍ଯ୍ୟ ଶେଷ କର

**ଭଦ୍ରକ(ସଂପର୍କବାର୍ତ୍ତା):-** ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକର ସୁନ୍ଦରପୁର ପଂଚାୟତ ଅଧିନ ମଟଡିହ ନୋଡାଲ ଉଚ୍ଚ ବିଦ୍ୟାଳୟକୁ ୫ଟି ଅନ୍ତର୍ଭୁକ୍ତ କରାଯାଇଛି ଏନେଇ ସ୍ମାର୍ଟ କ୍ଲାସରୁମ, ଇ ଲାଇବ୍ରେରୀ, ସାଇନ୍ସ ଲ୍ୟାବ ସହ ଅନ୍ୟାନ୍ୟ ନିର୍ମାଣ କାର୍ଯ୍ୟ ପ୍ରାୟ ୨ମାସ ହେବ ଆରମ୍ଭ ହୋଇଛି । ନିର୍ମାଣ କାର୍ଯ୍ୟ ଶେଷ ଦେବାକୁ ଆଉ ୧ସପ୍ତାହ ବାକି ଥିବା ବେଳେ ଏହା ମନ୍ଥର ଗତିରେ ଚାଲିଥିବା ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ କୌଣସି ସୂତ୍ରରୁ ଖବର ପାଇଥିଲେ । ଏନେଇ ବୁଧବାର ସେ ନିର୍ମାଣ କାର୍ଯ୍ୟ ତଦାରଖ କରିବାକୁ ବିଦ୍ୟାଳୟରେ ପହଂଚି ଥିଲେ । ହେଲେ କାର୍ଯ୍ୟ ଦେଖି ସେ ଅସନ୍ତୋଷ ବ୍ୟକ୍ତ କରିଥିଲେ । ଦାୟିତ୍ୱରେ ଥିବା ଆସିଷ୍ଟାଣ୍ଟ ଇଞ୍ଜିନିୟର ସଦାନନ୍ଦ ଜେନାଙ୍କୁ କାର୍ଯ୍ୟର ମନ୍ଥରତା ନେଇ ପ୍ରଶ୍ନ କରିଥିଲେ । ନିର୍ଦ୍ଧିରିତ ସମୟ ପୂର୍ବରୁ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଦେଇଥିଲେ । ପରେ ସେ ବିଦ୍ୟାଳୟ ଭାରପ୍ରପ୍ତ ପ୍ରଧାନ ଶିକ୍ଷୟିତ୍ରୀ ବନିତା ପୃଷ୍ଟ, ମୋ ସ୍କୁଲ ଅଭିଯାନ ସଭାପତି ଦୀପ୍ତି ରଞ୍ଜନ ନାୟକଙ୍କ ସହ ନିର୍ମାଣ କାର୍ଯ୍ୟ ନେଇ ଆଲୋଚନା କରିଥିଲେ ।



# ବିଜେଡ଼ି ହାଇକମାଣ୍ଡ ୪ କର୍ପୋରେଟରଙ୍କ ଚୟନ କରୁଥିବା ନେଇ ଅନ୍ଦର ମହଲରୁ ସୂଚନା


**କଟକ(ତପନ ମହାନ୍ତି):-** ଚୌଦ୍ୱାର କଟକ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ମୋଟ ୨୪ଟି କର୍ପୋରେଟର ଆସନ ମଧ୍ୟରୁ ପୂର୍ବରୁ ୪ଟି କର୍ପୋରେଟର ନାମ ବିଜେଡ଼ି ଅନ୍ଦର ମହଲରୁ ସୂଚନା ମିଳିବା ପରେ ଏବେ ପୁଣି ସୂଚନା ମିଳୁଛି ପ୍ରତ୍ୟେକ ଓ୍ୱାର୍ଡ଼ରେ ଅନେକ ବିଜେଡ଼ି ପ୍ରାର୍ଥୀ କର୍ପୋରେଟର ଟିକେଟ୍ ପାଇବା ନେଇ ଦୌଡ଼ରେ ଥିବାବେଳେ ୩୫ ନଂ ଓ୍ୱାର୍ଡ଼ର ପ୍ରାକ୍ତନ କର୍ପୋରେଟର ପ୍ରାର୍ଥିନୀ ଶ୍ରୀମତୀ ଦୀପାଳୀବାଳା ଭୂୟାଁ, ୩୬ ନଂ ଓ୍ୱାର୍ଡ଼ର ଡେପୁଟି ମେୟରଙ୍କର ଅଜୟ ବାରିକଙ୍କ ଧର୍ମପତ୍ନୀ ମଧୁସ୍ମିତା ବାରିକ । କଟକ ମହାନଗର ପୂର୍ବାଞ୍ଚଳ ଶାନ୍ତି କମିଟିର ସଭାପତି, ରାଣୀହାଟ ଦୁର୍ଗାପୂଜା କମିଟିର ସଭାପତି ୩୧ ନଂ ଓ୍ୱାର୍ଡ଼ର ପୂର୍ବତନ କର୍ପୋରେଟର ତଥା କଟକ ଜିଲ୍ଲା ବିଜୁ ଜନତା ଦଳର ସାଧାରଣ ସଂପାଦକ ବିଜୟ କୁମାର ସାହୁଙ୍କ ଧର୍ମପତ୍ନୀ ପ୍ରତିମା ସାହୁ । ସେହିପରି ୫୨ ନଂ ଓ୍ୱାର୍ଡ଼ର ସୌଭାଗିନୀ ଜେନା ଏମାନେ ସମସ୍ତେ ଟିକେଟ୍ ପାଇବାପାଇଁ ସମସ୍ତ ପ୍ରାର୍ଥୀଙ୍କଠାରୁ ଆଗରେ ଅଛନ୍ତି । ଯାହା ଜଣାପଡୁଛି ଏହି ଚାରି ଟିକେଟ୍ ପାଇବା ନେଇ ସୂଚନା ମିଳୁଛି । ଦଳର ହାଇକର୍ମାଣ୍ଡ ଚଳିତ ନିର୍ବାଚନରେ ଏହି କର୍ପୋରେଟରମାନଙ୍କୁ ଚୟନ କରିଥିବା ବିଜେଡ଼ି ଅନ୍ଦର ମହଲରୁ ବିଶେଷସୂତ୍ରରୁ ସୂଚନା ଆସୁଛି । ପରବର୍ତ୍ତୀ ପର୍ଯ୍ୟାୟରେ ଅନ୍ୟ ଓ୍ୱାର୍ଡ଼ର ପ୍ରାର୍ଥୀ ଚୟନ କରାଯାଇ ଖୁବ୍ ଶୀଘ୍ର ପ୍ରକାଶ କରାଯିବ ବୋଲି ବିଜେଡ଼ିର ବଳିଷ୍ଠ କର୍ମୀଙ୍କଠାରୁ ସୂଚନା ମିଳେ ।



# ୫୨-ନଂ ଓ୍ୱାର୍ଡ଼ର ଦକ୍ଷ ଓ ନିଃସ୍ୱାର୍ଥପର ପ୍ରାର୍ଥିନୀ ସିମିତା ମହାପାତ୍ର

**କଟକ(ସଂପର୍କବାର୍ତ୍ତା):-** ଆଗାମୀ କଟକ ମହାନଗର ନିଗମର ପୌର ନିର୍ବାଚନ ପାଇଁ ୫୨ ନମ୍ବର ଓ୍ୱାର୍ଡ଼ ବିଜେଡ଼ି ସଭାପତି ଲଲାଟେନ୍ଦୁ ମହାପାତ୍ରଙ୍କ ସହଧର୍ମଣୀ ସିମିତା ମହାପାତ୍ର ଓ୍ୱାର୍ଡ଼ରେ ଏକମାତ୍ର ଉଚ୍ଚ ଶିକ୍ଷିତା ଦକ୍ଷ କର୍ପୋରେଟର ପ୍ରାର୍ଥୀନୀ । ତାଙ୍କ ଶଶୁର ଓ ସ୍ୱାମୀଙ୍କର ପରୋପକାରୀ ଓ ଉନ୍ନତିମୂଳକ କାର୍ଯ୍ୟର ଆଦର୍ଶକକୁ ପାଥେୟ କରି ସେ ଆଗାମୀ ନିର୍ବାଚନରେ ପ୍ରାର୍ଥୀନୀ ହେବାକୁ ବିଜୁ ଜନତା ଦଳ ପାଇଁ ଏକମାତ୍ର ଯୋଗ୍ୟ ପ୍ରାର୍ଥୀନୀ । ଏ ଅଞ୍ଚଳର ଜନସାଧାରଣଙ୍କ ହୃଦୟରେ ସେ ସ୍ଥାନ ପାଇ ସାରିଛନ୍ତି । ବିଗତ ଦଶ ବର୍ଷ ଭିତରେ ତାଙ୍କ ସ୍ୱାମୀ ଓ୍ୱାର୍ଡ଼ରେ ସରକାରଙ୍କର ପ୍ରତ୍ୟେକ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ ଜାରି ରଖିଛନ୍ତି ଓ ପ୍ରତ୍ୟେକ ସ୍ଥାନରେ ଓ୍ୱାର୍ଡ଼ର ଜନସାଧାରଣ ତାଙ୍କ ସମର୍ଥନ ଓ ସହଯୋଗ କରିଅଛନ୍ତି ।


ଆଗାମୀ ନିର୍ବାଚନରେ ଜନସାଧାରଣଙ୍କ ଯେ ଶ୍ରୀମତୀ ସିମିତା ମହାପାତ୍ର କଟକ ମହାନଗରରେ ଓ୍ୱାର୍ଡ଼କୁ ପ୍ରତିନିଧିତ୍ୱ କରି ଏକ ଆଦର୍ଶ ଓ୍ୱାର୍ଡ଼ରେ ପରିଣତ କରନ୍ତୁ । ଏଥିସହିତ ସମ୍ମାନୀୟ ବିଧାୟକ ସୌଭିକ ବିଶ୍ୱ ଓ ପ୍ରାକ୍ତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଓ ସର୍ବୋପରି ଦଳର କର୍ଣ୍ଣଧାର ନବୀନ ପଟ୍ଟନାୟକ ଜୟଗାନ ଓ୍ୱାର୍ଡ଼ର ପ୍ରତ୍ୟେକ ଲୋକଙ୍କ ପାଖରେ ପହଞ୍ଚାଇବାକୁ ବଦ୍ଧ ପରିକର ଓ ୨୦୧୪ ନିର୍ବାଚନରେ ଦଳ ଯେଉଁ ନିର୍ବାଚନ ହାରିଥିବା ତାହାକୁ ସୁନିଶ୍ଚିତ କରିବାପାଇଁ ସଂକଳ୍ପ ନେଇଛନ୍ତି ।



# ଇଜ୍ଜତ ନେବାର ଅଛି ତ ରାସ୍ତା ଉପରେ ନିଅ

**ଢେଙ୍କାନାଳ(ସଂପର୍କବାର୍ତ୍ତା):-** ଇଜ୍ଜତ ନେବାର ଅଛି, ରାସ୍ତା ଉପରେ ନିଅ । ମରି ମରି ଲୁଚି ଛପି ବଂଚିପାରିନି । ପୁଲିସ୍ କିଛି ଶୁଣୁନି । ଯାହା ନାଁରେ ଅଭିଯୋଗ କରୁଛି । ବଂଚିବି ? ନ୍ୟାୟ ପୁଲିସ୍ ପାଖକୁ ଦୌଡି ଦୌଡି ନିରାଶ ହେବା ପରେ ଆଜି ଢେଙ୍କାନାଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆତ୍ମହୁତି ଉଦ୍ୟମ କରି ଏପରି ଆର୍ତ୍ତ ଚିତ୍କାର କରୁଥିଲେ ଜଣେ ନିଃସହାୟ ମହିଳା ମହିଳା ଜଣଙ୍କ ଘର ଢେଙ୍କାନାଳ ଜିଲ୍ଲା ଭାପୁର ଫାଣ୍ଡି ଅନ୍ତର୍ଗତ କୋଇଲିପଙ୍ଗି ଗାଁରେ ବୋଲି ଜଣାପଡିଛି । ମହିଳାଜଣକ ନିଜ ୧୦ବର୍ଷର ଝିଅକୁ ଧରି ରହୁଥିବା ବେଳେ ପଡେଶୀ ଦୁର୍ବ୍ୟବହାର ପ୍ରଦର୍ଶନ ସହ ଲୋଲୁପ ଦୃଷ୍ଟି ପକାଉଥିବା ପରି ସାଂଘାତିକ ଅଭିଯୋଗ କରିଛନ୍ତି । ଏନେଇ ମହିଳା ଜଣକ କହିଛନ୍ତି, ଶାଶୁ ଘର ମାରପିଟ କରିବା ପରେ ୬-୭ବର୍ଷ ହେବ ଶାଶୁ ଘର ଛାଡି ରହିଛି । ବାସନ ମାଜି ଚଳୁଛି। ତମ୍ଭୁ ଟାଣି ଝିଅକୁ ଧରି ରହୁଛି । ହେଲେ ପଡେଶୀ ଅମୁଲି ରାଉତ ମୋ ଉପରେ ଓ ମୋ ଝିଅ ଉପରେ ଲୋଲୁପ ଦୃଷ୍ଟି ପକାଉଛି । ଏନେଇ ଭାପୁର ଫାଣ୍ଡିରେ ବି ଅଭିଯୋଗ କରିଛି । ହେଲେ ପଡୋଶୀ ଅମୁଲି ରାଉତ ମୋ ଉପରେ ଓ ମୋ ଝିଅ ଉପରେ ଲୋଲୁପ ଦୃଷ୍ଟି ପକାଉଛି । ଏନେଇ ଭାପୁର ଫାଣ୍ଡିରେ ବି ଅଭିଯୋଗ କରିଛି । ହେଲେ ପଡେଶୀ ଅମୁଲି ରାଉତ ମୋ ଉପରେ ଓ ମୋ ଝିଅ ଉପରେ ଲୋଲୁପ ଦୃଷ୍ଟି ପକାଉଛି । ଏନେଇ ଭାରପୁର ଫାଣ୍ଡିରେ ବି ଅଭିଯୋଗ କରିଛି । ହେଲେ ଫାଣ୍ଡିବାଲି ତା'ଠୁ ଟଙ୍କା ଖାଇ ମାମଲା ରଫାଦଫା କରିଦେଲେ । ପୁଲିସ୍ କୌଣସି କାର୍ଯ୍ୟାନୁଷ୍ଠାନ୍ ଗ୍ରହଣ ନ କରିବାରୁ ଆତ୍ମହତ୍ୟା କରିବାକୁ ବାଧ ହେଉଛି । ମୋର କିଛି ହୋଇଗଲେ ମୋ ଛୁଆ ବି ଯୋଡି ହୋଇ ମରିଯିବ । ଏପରି କହି ପୀଡିତା ଜଣକ ଢେଙ୍କାନାଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆତ୍ମାହତି ଉଦ୍ୟମ କରିଥିବା ବେଳେ ପାଇ ଟାଉନ ପୁଲିସ ପହଂଚିଥିଲା ହେଲେ ମହିଳାଙ୍କୁ କାବୁ କରିବା ସମୟରେ ପ୍ରବଳ ହଙ୍ଗାମା ହୋଇଥିବା ବେଳେ ପୁଲିସ୍ କୁ ନାକେଦମ୍ ହେବାକୁ ପଡିଥିଲା ମହିଳାଜଣଙ୍କ ଏବେ ପୁଲିସ ହେପାଜତରେ ଅଛନ୍ତି । ଏହି ଘଟଣା ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଫାଣ୍ଡି ଅଧିକାରୀଙ୍କୁ ଡକାଯାଇଥିବା ବେଳେ ସେ ଗଣମାଧକୁ କୌଣସି ମତାମତା ହେବାକୁ ମନା କରିଦେଇଛନ୍ତି ।ଆତ୍ମହୁତି ଉଦ୍ୟମ କରିଥିବା ବେଳେ ଖବର ଟାଉନ ପୁଲିସ୍ ପହଂଚିଥିଲା ହେଲେ ମହିଳାଙ୍କୁ କାବୁ କରିବା ସମୟରେ ପ୍ରବଳ ହଙ୍ଗାମା ହୋଇଥିବା ବେଳେ ପୁଲିସ୍ କୁ ନାକେଦମ୍ ହେବାକୁ ପଡିଥିଲେ । ମହିଳାଜଣଙ୍କ ଏବେ ପୁଲିସ ହେପାଜତରେ ଅଛନ୍ତି । ଏହି ଘଟଣା ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଭାପୁର ଫାଣ୍ଡି ଅଧିକାରୀଙ୍କୁ ଡକାଯାଇଥିବା ବେଳେ ସେ ଗଣମାଧମକୁ କୌଣସି ମତାମତ ଦେବାକୁ ମନା କରିଦେଇଛନ୍ତି ପ୍ରବଳ ହଙ୍ଗାମା ହୋଇଥିବା ବେଳେ ପୁଲିସକୁ ହେବାକୁ ପଡିଥିଲା ମହିଳାଜଣଙ୍କ ଏବେ ପୁଲିସ ହେପାଜତରେ ଅଛନ୍ତି । ଏହି ଘଟଣା ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଭାପୁର ଫାଣ୍ଡି ଅଧିକାରୀଙ୍କୁ ଡକାଯାଇ ଥିବା ବେଳେ ସେ ଗଣମାଧମକୁ କୌଣସି ମତାମତ ଦେବାକୁ ମନା କରିଦେଇଛନ୍ତି ।





RNI Regd No : ODIODI/2016/74122

ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ

# ସଂପର୍କବାର୍ତ୍ତା

SAMPARK BARTA

ODIA WEEKLY

www.samparkabarta.in





| ADVERTISEMENT TARIFF | Colour | B & W |
|---|---|---|
| Full Page | 40,000/- | 20,000/- |
| Half Page | 20,000/- | 10,000/- |
| Qrt. Page | 10,000/- | |
| Front Page | 100% Extra | |
| Back Page | 50% Extra | |
| Ear Panel | 3,000/- | |



Vol.5 Issue-36 February 14 to 20, 2022, Jagatsinghpur Page-8 Rs. 5/- ବର୍ଷ- ୫ ସଂଖ୍ୟା-୩୬ ଫେବୃୟାରୀ ୧୪ ରୁ ୨୦, ୨୦୨୨, ଜଗତସିଂହପୁର, ପୃଷ୍ଠା-୮ ମୂଲ୍ୟ-୫ଟଙ୍କା

## ପରିବେଶବିତ୍ ପ୍ରଫୁଲ ସାମନ୍ତରାୟ ଓ ସାମ୍ବାଦିକ ରବି ଦାସଙ୍କୁ ଢିଙ୍କିଆକୁ ଛାଡିଲେ ନାହିଁ, ଭଲ ହୋଇଛି !

### ଜିଲ୍ଲାପାଳ ଓ ଏସ୍‌ପି ଦ୍ୱୟ ଭଲ ଓ ଦକ୍ଷ ଅଫିସର

**ପାରାଦ୍ୱୀପ (ଶଶାଙ୍କ ଆଚାର୍ଯ୍ୟ):-** ଦୀର୍ଘଦିନ ଧରି ପ୍ରକଳ୍ପକୁ ନେଇ ଅଶାନ୍ତ ହୋଇପଡ଼ିଥିବା ଜଗତସିଂହପୁର ଜିଲ୍ଲାର ଢିଙ୍କିଆ ଗ୍ରାମର ପୂର୍ବାବସ୍ଥା ଫେରୁଥିବା ବେଳେ ଶୁକ୍ରବାର ଦିନ ଢିଙ୍କିଆ ଗସ୍ତରେ ଆସିଥିବା ପରିବେଶବିତ୍ ପ୍ରଫୁଲ ସମାନ୍ତରାୟ ଓ ବରିଷ୍ଠ ସାମ୍ବାଦିକ ରବି ଦାସଙ୍କୁ ଗାଁ ଭିତରକୁ ପ୍ରବେଶ କରାଇ ନ ଦେଇ ଗାଁ ସୀମାରୁ ଗ୍ରାମବାସୀମାନେ ଫେରାଇ ଦେଇଥିବାର ଦେଖିବାକୁ ମିଳିଛି । ଏକ ପ୍ରେସ ଇସ୍ତାହାରରେ ଗ୍ରାମବାସୀମାନେ କହିଛନ୍ତି ଯେ ଏମାନଙ୍କ ଉତ୍ତେଜିତ ଭାଷଣ ଦ୍ୱାରା ଜାନୁଆରୀ ୧୪ ତାରିଖରେ ଢିଙ୍କିଆ ଗ୍ରାମବାସୀ ଓ ପୋଲିସ ଫୋର୍ସ ମଧ୍ୟରେ ଘଟିଯାଇଥିବା ତୁମୂଳ ସଂଘର୍ଷର ହିଁ ମୁଖ୍ୟ କାରଣ । ଏ ଅଞ୍ଚଳ ବାହାର ଲୋକଙ୍କ କୁମନ୍ତ୍ରଣା ଯୋଗୁ ନଷ୍ଟ ହୋଇଥିବା ଗାଁ ର ଭାଇଚାରାରେ ଏ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ସୁଧାର ଆସିନଥିବା ଏବଂ ଏଥିଯୋଗୁଁ ଗ୍ରାମବାସୀମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଏହି ସବୁ ଘଟଣାକୁ ହୃଦୟଙ୍ଗମ କରି ଅଞ୍ଚଳ ବାହାରର ଉତ୍ତେଜନାକାରୀ ବ୍ୟକ୍ତି ବିଶେଷଙ୍କୁ ଗ୍ରାମରେ ପୁରାଇ ନଦେବା ପାଇଁ ସ୍ଥାନୀୟ ଗ୍ରାମବାସୀମାନେ ନିଷ୍ପତ୍ତି ନେଉଥିବା ଜଣାପଡିଛି । ଅପରପକ୍ଷରେ ଗ୍ରାମବାସୀଙ୍କ ମିଳିତ ଉଦ୍ୟମ ଓ ଜିଲ୍ଲା ପ୍ରଶାସନ



ସହଯୋଗ ରେ ଗ୍ରାମରେ ଭାଇଚାରା ଧୀରେ ଧୀରେ ଫେରୁଛି । ଗ୍ରାମରେ ଶାନ୍ତି ଓ ଭାଇଚାରା କାଏମ୍ ରଖିବା ଆମର ମୁଖ୍ୟ କାର୍ଯ୍ୟ ବୋଲି ଢ଼ିଙ୍କିଆ ଗ୍ରାମର ନିର୍ଭୟ ସାମନ୍ତରାୟ, ଅକ୍ଷୟ ଦାସ, ନିତ୍ୟାନନ୍ଦ ସ୍ୱାଇଁ, ପ୍ରଦିପ୍ତ ଶତପଥୀ, ବିବେକାନନ୍ଦ ସ୍ୱାଇଁ, ନିର୍ଭୟ ଦାସ, ଅକ୍ଷୟ ବେହେରା, ଯୋଗେନ୍ଦ୍ର ମଲ୍ଲିକ, ପୂର୍ଣ୍ଣଚନ୍ଦ୍ର ଲେଙ୍କା, ଅରକ୍ଷିତ ଲେଙ୍କା, ମାନସ ଦଳେଇ, ଲତିକା ପରିଡ଼ା, ଶିଶିର ମହାପାତ୍ର ପ୍ରମୁଖ ଏକ ପ୍ରେସ ଇସ୍ତାହାର ମାଧ୍ୟମରେ ଜଣାଇଛନ୍ତି । ଏହି ଖବର ବିଜୁଳି ବେଗରେ ପ୍ରସାରିତା ହେବା ପରେ ଗାଁରେ ପୂରାଇ ନ ଦେବା ଭଲ ହୋଇଛି ବୋଲି ସାଧାରଣରେ କୁହାଯାଉଛି । ପୂର୍ବରୁ ଏଇ କେତେଜଣ ବାହାର ଲୋକଙ୍କ ଯୋଗୁଁ ପୋସ୍କୋ ଭଳି ମେଗା ପ୍ରକଳ୍ପ ଜଗତସିଂହପୁର ଜିଲ୍ଲାବାସୀଙ୍କୁ ହାତଛଡା କରିବାକୁ ପଡିଛି । ଏଥର ବାହାର ଲୋକଙ୍କୁ ପ୍ରବେଶ କରାନଯାଉ ବୋଲି ସାଧାରଣରେ କୁହାଯାଇ ଜିଲ୍ଲାପାଳ ଓ ଏସ୍‌ପି ଦ୍ୱୟ ଭଲ ଅଫିସର୍ ତଥା ଦକ୍ଷ ଅଧିକାରୀ ଯୋଗୁଁ ଗାଁରେ ଶାନ୍ତି ଫେରୁଥିବା ଏବଂ ପରିବେଶବିତ୍ ଓ ସାମ୍ବାଦିକଙ୍କୁ ଗାଁ ଭିତରକୁ ନ ଛାଡିବା ଭଲ ହୋଇଛି ବୋଲି ମଧ୍ୟ କୁହାଯାଉଛି ।

## ବିଜେପି ସମର୍ଥିତ ସରକାରକୁ ସମର୍ଥନ ଘୋଷଣା କଲା କଂଗ୍ରେସ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** କେନ୍ଦ୍ରୀୟ ସ୍ତରରେ କଂଗ୍ରେସ ଓ ବିଜେପି ମଧ୍ୟରେ ବାକଯୁଦ୍ଧ ଚାଲିଥିବା ବେଳେ ମେଘାଳୟରେ ଅଜବ ଘଟଣା ଘଟିଛି । ମେଘାଳୟରେ ଥିବା କଂଗ୍ରେସର ସମସ୍ତ ୫ବିଧାୟକ ମୁଖ୍ୟମନ୍ତ୍ରୀ କୋନରାଡ ସାଙ୍ଗମାଙ୍କୁ ସମର୍ଥନ କରିବେ ବୋଲି କହିଛନ୍ତି । ସେମାନେ ନ୍ୟାଶନାଲ ପିପୁଲ୍ସ ପାର୍ଟି ନେତୃତ୍ୱାଧୀନ ସରକାରରେ ସାମିଲ ହେବାକୁ ଇଚ୍ଛାପ୍ରକାଶ କରିଛନ୍ତି । ତେବେ ଏହି ମେଣ୍ଟ ସରକାରରେ ବିଜେପି ପୂର୍ବରୁ ରହିଛି । ବିଜେପିର ବାତବରଣକୁ ସରଗରମ କରିଛି । ୫କଂଗ୍ରେସ ବିଧାୟକ ସେମାନଙ୍କ ନେତା ମାଜେଲ ଅମ୍ପାରୀନ ଲାୟଙ୍ଗଡୋଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀ ସାଙ୍ଗମାଙ୍କୁ ସଚିବାଳୟରେ ଭେଟିଥିଲେ । ଏହାପରେ ସେମାନେ ବିଧିବଦ୍ଧ ଭାବେ ଗୋଟିଏ ଚିଠି ଜରିଆରେ ସରକାର ସହ ମିଶି କାମ କରିବାକୁ ଆଗ୍ରହ ଦେଖାଇଥିଲେ । କଂଗ୍ରେସ ବିଧାୟକମାନେ ସାଙ୍ଗମା ଗଠନ କରିଥିବା ମେଘାଳୟ ଡେମୋକ୍ରାଟିକ ଆଲିଆନ(ଏମଡିଏ) ସରକାରରେ ମିଶିବା ରାଜ୍ୟର ବିକାଶ କରିବାକଙ୍କ ସହ ହାତ ମିଳାଇବାକୁ ଚାହିଁଛୁ । ମାଜେଲଙ୍ଗ ବ୍ୟତୀତ କଂଗ୍ରେସ ବିଧାୟକ ପିଟି ଶକମି, ମାୟରାଲବର୍ଣ୍ଣ ସାୟମ, କିମଫା ଏସ ମାରବାନିଆଙ୍ଗ ଓ ମହେନ୍ଦ୍ର ରାପସଙ୍ଗ ଉକ୍ତ ଚିଠିରେ ଦସ୍ତଖତ କରିଛନ୍ତି । କଂଗ୍ରେସ ବିଧାୟକମାନଙ୍କ ଏପରି ପଦକ୍ଷେପ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ହେଲେ ମାଜେଲ କହିଛନ୍ତି, ବିଜେପି ଏହି ମେଣ୍ଟ ସରକାରରେ ଅଛି କି ନାହିଁ ସେକଥା ମୁଁ ଜାଣିନି । ମେଣ୍ଟରେ କେଉଁମାନେ ଅଛନ୍ତି, ସେକଥା ଆମେ ସରକାରଙ୍କୁପଚାରିନୁ । କଂଗ୍ରେସ ବିଧାୟକମାନଙ୍କ ଏପରି ନିଷ୍ପତ୍ତିକୁ



ସ୍ୱାଗତ କରିଛନ୍ତି । ସେ କହିଛନ୍ତି, ରାଜନୀତିରେ କେହି ସ୍ଥାୟୀ ବନ୍ଧୁ କିମ୍ବା ବିରୋଧୀ ନଥାଆନ୍ତି । କଂଗ୍ରେସ ଯଦି ଏମିଡଏରେ ସାମିଲ ହେବାକୁ ଚାହୁଁଛି ତା ହେଲେ ଆମେ ଏହାକୁ ସ୍ୱାଗତ କରିବୁ । ମେଘାଳୟର ପୂର୍ବତନ ମୁଖ୍ୟମନ୍ତ୍ରୀ ମୁକୁଲ ସାଙ୍ଗମା କଂଗ୍ରେସ ବିଧାୟକଙ୍କ ଏପରି ନିଷ୍ପତ୍ତକୁ ବିରୋଧ ସାଙ୍ଗରେ ଧିରି ଟିଏମସିରେ ମିଶିଥିଲେ । ଏହାପରେ ହିଁ ବାକି ୫ଜଣ କଂଗ୍ରେସ ବିଧାୟକ ଏମଡିଏ ସରକାରଙ୍କୁସମର୍ଥନ ଘୋଷଣା କରିଛନ୍ତି ।

## ପୁଷ୍ପଲତାକୁ ଜଣାନାହିଁ ମିଥ୍ୟା କଥା କହି ଆଇନକୁ ବାଟବଣା କରିବା କେତେ ସାଙ୍ଘାତିକ ବିରୋଧୀଙ୍କୁ ସାବଧାନ ନିରୀହ ଝିଅ ପୁଷ୍ପଲତାକୁ ମୋହରା ସଜେଇ ତା'ର ସମ୍ମାନ ଉପରେ ଆଞ୍ଚ ଆଣନ୍ତୁନି

**କଟକ(ତପନ ମହାନ୍ତି):-** ପୂର୍ବତନ ବିଧାୟକଙ୍କ ସୁପାରିଶ ଅନୁଯାୟୀ ହିତାଧିକାରୀ ଆବାସପାଇଁ ନାମ ଚୟନ କରି ପୌର ପ୍ରଶାସନ ନିକଟରେ ଦିଆଯାଇଥାଏ । ଏହାପରେ ପୌର ପ୍ରଶାସନ ଅଧିକାରୀଙ୍କ ଅନୁମୋଦନ ଏବଂ ନିର୍ଦ୍ଦେଶକ୍ରମେ କାର୍ଯ୍ୟାଦେଶ ପ୍ରଦାନ ତଥା ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ହୁଏ । ଗତ ୨୦୧୭ ମସିହାରେ ପ୍ରମିଳା ଦେହରୀଙ୍କ ଆବାସ ଗୃହ ନିର୍ମାଣ ନିମିତ୍ତ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା । ପୌର ପ୍ରଶାସନ ଅଧିକାରୀଙ୍କ ତଦାରଖ ପରେ ଗୃହ ନିର୍ମାଣ କିସ୍ତି ଅର୍ଥରାଶି ପ୍ରଦାନ କରାଯାଇଥାଏ । ଏଥିରେ ସ୍ଥାନୀୟ କର୍ପୋରେଟଙ୍କର ଭୂମିକା କିଛି ନ ଥାଏ । କେବଳ ଚିହ୍ନଟ ପ୍ରକ୍ରିୟା ଛଡ଼ା ଆଉ କିଛି ନ ଥାଏ । ପ୍ରମିଳା ଦେହୁରୀଙ୍କ ଆବାସ ସଂପର୍କରେ ପୁଷ୍ପଲତା ଦେହୁରୀ ଗତ ୯.୨.୨୦୨୨ ରିଖରେ ୪୬ ନମ୍ବର ୱାର୍ଡ଼ର ପୂର୍ବତନ କର୍ପୋରେଟର ପ୍ରଳୟା ବେଉରାଙ୍କ ନାମରେ ଥାନାରେ ଏକ ଲିଖିତ ଏତଲା ପ୍ରଦାନ କରି ବର୍ଣ୍ଣନା କରିଛନ୍ତି ଯେ ଏତଲା ପ୍ରଦାନର ଦୁଇଦିନ ପୂର୍ବରୁ ଅର୍ଥାତ୍ ୭.୨.୨୦୨୨ ରିଖରେ ସେ ପୂର୍ବତନ କର୍ପୋରେଟରଙ୍କ ଘରକୁ ଯାଇଥିଲେ । ଏହା ବିରୋଧି ଦଳର ଏକ ଷଡ଼ଯନ୍ତ୍ର । ପ୍ରଳୟା ବେହୁରା ଜଣେ ସର୍ଚ୍ଚୋଟ ଭାବରେ ରାଜନୀତି କରୁଥିବାରୁ ବିରୋଧି ଈର୍ଷା ପରାୟଣ ହୋଇ ବିଭିନ୍ନ ପ୍ରକାର ଷଡ଼ଯନ୍ତ୍ର ତାଙ୍କ ବିରୋଧରେ ଚଳାଇଥିବା ବିଭିନ୍ନ ମହଲରେ ଆଲୋଚନା ହେଉଛି । ତାଙ୍କ ସହିତ ଲଢ଼ିବାପାଇଁ ସମକକ୍ଷ ପ୍ରାର୍ଥୀ ବିରୋଧୀ ଦଳରେ ନ ଥିବାରୁ ବଦନାମ କରିବାପାଇଁ ଷଡ଼ଯନ୍ତ୍ର ବୋଲି ସର୍ବସାଧାରଣରେ ଆଲୋଚନା ହେଉଛି । ନିକଟରେ ୧ ହଜାରରୁ ଉର୍ଦ୍ଧ୍ୱ ଲୋକ ନେଇ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କୁ ଦେଖାଇବାରୁ ବିଧାୟକ ବହୁ ମାତ୍ରାରେ ସମର୍ଥନ ଦେଖି ରେକମେଣ୍ଡନ କରିଥିବା ସୂଚନା ମିଳେ ।



ସେହିଦିନଠାରୁ ବିରୋଧୀ ଔଷଧ ବିକଳରେ ତାଟିଆ କାମୁଡ଼ିବା ଆରମ୍ଭ କରିଛନ୍ତି; କିନ୍ତୁ ଏଥିରେ ପ୍ରଳୟାଙ୍କର କିଛି ବି ଫରକ ପଡ଼ିନି ୫.୨.୨୨ ରିଖରେ ଦେଇଥିବା ଏତଲାରେ ଉଲ୍ଲେଖ କରୁଛନ୍ତି ଯେ ୭.୨.୨୨ ରିଖରେ ସେ ପୂର୍ବତନ କର୍ପୋରେଟରଙ୍କ ଘରକୁ ଯାଇଥିଲେ । ଏଥିରୁ କୌଣସି କଥାର ସତ୍ୟତା ରହୁ ନଥିବାରୁ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି । ବିଗତ ଏକ ବର୍ଷ ମଧ୍ୟରେ ପୁଷ୍ପଲତା ଆଦୌ ପୂର୍ବତନ କର୍ପୋରେଟଙ୍କ ଘରକୁ ଆସି ନାହାନ୍ତିଁ । ତା'ଛଡ଼ା ୨୦୧୭ ମସିହାରେ ନିର୍ମିତ ଗୃହ ସହିତ ଜଣେ ପୂର୍ବତନ କର୍ପୋରେଟରଙ୍କୁ ଟାର୍ଗେଟ୍ କରିବା ଅର୍ଥ କ'ଣ ହୋଇପାରେ ? ପୂର୍ବତନ କର୍ପୋରେଟରଙ୍କ ଦଳ ଏବଂ ତାଙ୍କର ନେତୃତ୍ୱମାନଙ୍କୁ ବଦନାମ କରିବା । ସମସ୍ତଙ୍କୁ ଜଣା ଏବେ ସାରା ରାଜ୍ୟରେ ବିଜୁ ଜନତା ଦଳର ଏବଂ ଦଳର ନେତା ମାନ୍ୟବର ମୁଖ୍ୟମନ୍ତ୍ରୀ ଘରେ ଘରେ ପ୍ରିୟ ହୋଇସାରିଛନ୍ତି । ଓଡ଼ିଶାବାସୀ ଦଳର ନେତାଙ୍କୁ ଦୀର୍ଘ ୨୫ବର୍ଷ ଧରି ଆଶୀର୍ବାଦ କରି ଆସୁଛନ୍ତି । ଏବେ ଭାରତୀୟ ଜନତା ପାର୍ଟିର ସ୍ଥାନୀୟ ନେତାମାନେ କର୍ପୋରେଟ୍ ନିର୍ବାଚନ ଲଢ଼ିବାକୁ ଏକ ଷଡ଼ଯନ୍ତ୍ର ରଚନା ଆରମ୍ଭ କରିଛନ୍ତି । ୧୭ ମସିହାର କଥାକୁ ୨୨ ମସିହାରେ ଉଠେଇ ନିର୍ବାଚନୀ ବଇତରାଣୀ ପାର ହେବାକୁ ବହୁ ବିରୋଧୀ ଜୋରଦାର ଭାବରେ ଷଡ଼ଯନ୍ତ୍ର ଆରମ୍ଭ କରିଦେଇଛନ୍ତି । ନିଜେ ତ ପାରିଲେନି ନିରୀହ ଝିଅ ପୁଷ୍ପଲତାକୁ ମୋହରା ସଜେଇଛନ୍ତି । ଆ ତାହା କାନ୍ଧରେ ବନ୍ଧୁକ ରଖି ଫୁଟେଇବା ହୁଏତ ଜଣା ନାହିଁ ମିଥ୍ୟା କଥା କହି ଆଇନକୁ ବାଟବଣା କରିବାର ଅପରାଧ କେତେ ସାଙ୍ଘାତିକ ତାହା ହିଁ ସମୟ କହିବ ।

## ଦଳୀୟ ଟିକେଟ୍ ଦୌଡ଼ରେ ୧-ନଂ ସୌଭାଗିନୀ

**କଟକ(ସଂପର୍କବାର୍ତ୍ତା):-** କଟକ ମହାନଗର ନିଗମ (ସିଏମସି) ରେ ଦୀର୍ଘଦିନର ବ୍ୟବଧାନ ପରେ ନିର୍ବାଚନୀର ଉଷ୍ମତା ଆରମ୍ଭ ହୋଇଯାଇଛି । ଶାସକ ଦଳର ପଲା ଭାରି ଥିବାରୁ କୁଜି ନେତାଙ୍କଠାରୁ ଆରମ୍ଭ କରି ନେତା ପର୍ଯ୍ୟନ୍ତ ଦଳୀୟ ଟିକଟ ପାଇବାପାଇଁ କସରତ ଆରମ୍ଭ କରିଦେଇଛନ୍ତି । ୫୨ନଂ ୱାର୍ଡ଼ର ଚିତ୍ର କିନ୍ତୁ ଟିକିଏ ଭିନ୍ନ ଅଟେ । ନିର୍ବଚାନ ଯେତିକି ଯେତିକି ନିକଟତର ହୋଇଆସୁଛି ନେତାଙ୍କର ଆବିର୍ଭାବ ଦିନକୁ ଦିନ ବଢ଼ିବାରେ ଲାଗିଛି । କିନ୍ତୁ ୱାର୍ଡ଼ବାସୀ ଖୋଜୁଛନ୍ତି ଭିନ୍ନ ଏକ ଚରିତ୍ର । ତେବେ ନିଷ୍ଠା, ତ୍ୟାଗ ଓ ନିଷ୍ଠଳଙ୍କର ଭାବମୂର୍ତ୍ତିକୁ ୱାର୍ଡ଼ବାସୀ ଗ୍ରହଣ କରୁଛନ୍ତି ବୋଲି ଆଶା କରାଯାଉଛି । ଏହି ସମସ୍ତ ଲକ୍ଷଣ ଥିବା ସମଭାବପର୍ଣ୍ଣା, ନିଷ୍ଠଳଙ୍କ ଚେହେରା ତଥା ୫୨ନଂ ୱାର୍ଡ଼ବାସୀଙ୍କ ଭରସାଯୋଗ୍ୟ ପାର୍ଥିନୀ ହେଉଛନ୍ତି ସୌଭାଗିନୀ ଜେନା ।

ସୌଭାଗିନୀ ଜଣେ ଗୃହିଣୀ ହୋଇଥିଲେ ମଧ୍ୟ ୨୦୦୭ରେ ରାଜନୀତି କ୍ଷେତ୍ରରେ ପଦାର୍ପଣ କରିଥିଲେ । ଚୌଦ୍ୱାର-କଟକର ପୂର୍ବତନ ବିଧାୟକ ଡଃ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କୁ ନିଜର ମାର୍ଗଦର୍ଶକଭାବେ ଗ୍ରହଣ କରି ରାଜନୀତିର ଗୋଟିଏ ପରେ ଗୋଟିଏ ପାହାଚର ସିଡ଼ି ଚଢ଼ି ଚାଲିଛନ୍ତି । ଦଳ ଯେତେବେଳେ ଯେଉଁ ଦାୟିତ୍ୱ ଦେଇଛି ସେ ତାକୁ ସୁଚାରୁରୂପେ ତୁଲାଇ ଆସିଛନ୍ତି । ସୌଭାଗିନୀଙ୍କର ଏହି ଶୃଙ୍ଖଳିତ ଆଚରଣକୁ ଦେଖି ବିଜୁ ଜନତା ଦଳ ତାଙ୍କ ଉପରେ ଆସ୍ଥାପ୍ରକଟ କରି ୫୨ନଂ ୱାର୍ଡ଼ରୁ ୨୦୦୯ରେ କର୍ପୋରେଟର ପ୍ରାର୍ଥୀଭାବେ ଚୟନ କରିଥିଲା । ଏହି ନିର୍ବାଚନରେ ସୌଭାଗିନୀ ବିଜୟଲାଭ କରିବା ସହିତ ୱାର୍ଡ଼ର ବହୁ ଜନହିତକର କାର୍ଯ୍ୟକରି ୫୨ନଂ ୱାର୍ଡ଼ବାସୀଙ୍କର ସୁଖ ଦୁଃଖର ସାଥୀ ହୋଇପାରିଛନ୍ତି । ସୌଭାଗିନୀ କର୍ତ୍ତବ୍ୟ, ନିଷ୍ଠାର ସହିତ ତଥା ଦଳୀୟ କାର୍ଯ୍ୟକ୍ରମକୁ ସଠିକ୍ ଭାବେ ତୁଲାଇ ଆସିଥିବା ଯୋଗୁଁ ବିଜୁ ମହିଳା ଜନତା ଦଳ ପକ୍ଷରୁ ବର୍ତ୍ତମାନ ତାଙ୍କୁ ରାଜ୍ୟ ସମ୍ପାଦିକାଭାବେ ନିଯୁକ୍ତ କରିଛି ।

ଆସନ୍ତା ପୌର ନିର୍ବାଚନରେ ୫୨ ୱାର୍ଡ଼ରୁ ସୌଭାଗିନୀ ପ୍ରାର୍ଥୀଭାବେ ପ୍ରତିଦ୍ୱନ୍ଦ୍ୱିତା କରନ୍ତୁ ବୋଲି ସମସ୍ତ ୱାର୍ଡ଼ବାସୀ ମତ ରଖିଛନ୍ତି । ଅପରପକ୍ଷେ ଦଳ ଯଦି ମୋତେ ସୁଯୋଗ ଦିଏ ତାହେଲେ ମୁଁ ନିଶ୍ଚିନ୍ତ ନିର୍ବାଚନ ରଣକ୍ଷେତ୍ରରେ ଓହ୍ଲାଇବି । ଏଥିସହିତ ୱାର୍ଡ଼ବାସୀ ମୋ ଉପରେ ଯେଉଁ ଆଶା ଓ ଭରସା ରଖିଛନ୍ତି ତାହାକୁ ମୁଁ ନିଶ୍ଚୟ ପାଳନ କରିବି ବୋଲି ବିଜୁ ମହିଳା ଜନତା ଦଳର ରାଜ୍ୟ ସମ୍ପାଦିକା ସୌଭାଗିନୀ ଜେନା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ।

## ଦାମ ବିଜେଡିରେ ମିଶିବାକୁ ବ୍ୟାକୁଳ !


**କୁଜଙ୍ଗ (ସଂପର୍କବାର୍ତ୍ତା):-** ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ୨ନଂ ଜୋନ୍ ଅନ୍ତର୍ଗତ ଗରେଇ ପଂଚାୟତରେ ଗତ ବୁଧବାର ବିଜେଡି ସମର୍ଥିତ ସରପଂଚ ପ୍ରାର୍ଥୀନୀ ଦିପ୍ତିରେଖା ଲେଙ୍କା ଓ ସିମିତି ସଭ୍ୟ ପ୍ରାର୍ଥୀନୀ ଅମ୍ବିକା ବିଶ୍ୱାଳଙ୍କ ପାଇଁ ପୂର୍ବତନ ମନ୍ତ୍ରୀ ଡାଃ ଦାମୋଦର ରାଉତ ପ୍ରଚାର କରିଛନ୍ତି । ଏକ ବିରାଟ ବାଇକ୍ ରାଲିରେ ଖୋଲା ଜିପ୍ ମଧ୍ୟରେ ବସି ପ୍ରାର୍ଥୀ ମାନଙ୍କ ସହ ବିବଛପୁର ସ୍ୱପେଶ୍ୱର ମହାଦେବଙ୍କ ନିକଟରୁ ବାହାରି ପଂଚାୟତର ବିବଛପୁର , ନାଳିଆପାଳ , ଚନ୍ଦ୍ରଧ୍ୱଜପୁର, ଗଳେଇ ପ୍ରଭୃତି ଗ୍ରାମ ଦେଇ ସିରେଳ ପର୍ଯ୍ୟନ୍ତ ପରିକ୍ରମା କରିଥିଲେ । ଏହି ନିର୍ବାଚନ ପ୍ରଚାରରେ ରାଉତ ପଂଚାୟତରେ ଭଲ ପ୍ରାର୍ଥୀଙ୍କୁ ବିଜୟୀ କରିବା ଉଦ୍ଦ୍ୟେରେ ଏହି ପ୍ରଚାରରେ ସାମିଲ ହୋଇଥିବା ଗଣମାଧ୍ୟମ ପ୍ରତିନିଧିଙ୍କୁ ପ୍ରତିକ୍ରିୟା




ଦେଇଥିଲେ । ଗତ ନିର୍ବାଚନ ରେ ବିଜେଡି ସୁପ୍ରିମୋଙ୍କ ବିରୋଧରେ ଗର୍ଜନ କରିଥିଲେ ଲୋକ ଆଜି ତାଙ୍କରି ଦଳର ପ୍ରାର୍ଥିନୀମାନଙ୍କ ପାଇଁ ପ୍ରଚାର ଏକ ହାସ୍ୟାସ୍ପଦ ଘଟଣା । ହେଲେ ବାସ୍ତବରେ ବିଜେଡି ରେ ପୁନର୍ବାର ସାମିଲ ହେବା ଦାମ ବାବୁଙ୍କ ଇଚ୍ଛା ବୋଲି ବୁଦ୍ଧିଜୀବୀ ମହଲରେ ଯୋର ଧରିଛି । ସତେ କଣ ଡାକ୍ତର ବାବୁଙ୍କୁ ବିଜେଡି ପୁଣି ଥରେ କୋଳେଇନେବେ ଛାମୁ ନା ଏମିତି ଛଟପଟ ହେଉଥିବେ ଜୀବନ ସାରା ତାହା ଦେଖିବାକୁ ବାକି ରହିଲା ।

## ମାହାଙ୍ଗା, ନରସିଂହପୁର ଓ କଟକ ସଦରରେ କଡ଼ା ଟକ୍କର

**କଟକ(ତପନ ମହାନ୍ତି):-** କଟକ ଜିଲ୍ଲାର ୧୪ଟି ବ୍ଲକରୁ ତିନିଟି ବ୍ଲକରେ ଆସନ୍ତା ୧୬ ତାରିଖରେ ପ୍ରଥମ ପର୍ଯ୍ୟାୟ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ହେବାକୁ ଯାଉଛି । ଆଉ ଏଥିପାଇଁ ପ୍ରଚାର ମଧ୍ୟ ବେଶ ସରଗରମ ହେଲାଣି । ଆସନ୍ତା ୧୪ ତାରିଖ ପ୍ରଚାରର ଶେଷ ଦିନ ଥିବା ବେଳେ ପ୍ରାର୍ଥୀଙ୍କ ପାଇଁ ଗାଁଗହଳିରେ ଷ୍ଟାର ପ୍ରଚାରକମାନେ ଡେରା ପକାଇଲେଣି । ଜିଲ୍ଲାର ମାହାଙ୍ଗା, ନରସିଂହପୁର ଓ କଟକ ସଦର ବ୍ଲକରେ ଆସନ୍ତା ୧୬ରେ ନିର୍ବାଚନ ହେବ । ତେବେ ଜିଲ୍ଲାର ଏହି ତିନିଗୋଟି ବ୍ଲକ ମଧ୍ୟରୁ ନରସିଂହପୁର ଓ ସଦରବ୍ଲକ ବିଜେଡ଼ି ପାଇଁ ସମ୍ମାନର ପ୍ରଶ୍ନ ହୋଇଛି । ଏହି ଦୁଇ ବ୍ଲକରେ ପୂର୍ବ ସମୀକରଣକୁ ଏଥର ବିଜେଡ଼ି ବଦଳାଇବାରେ ସକ୍ଷମ ହେବ ବୋଲି ରାଜନୈତିକ ମହଲରେ ଆଲୋଚନା ହୋଇଛି । ତେବେ ଏହି ବ୍ଲକଗୁଡ଼ିକରେ ବିଜେଡ଼ିକୁ ଟକ୍କର ଦେଉଛି ବିଜେପି । କଂଗ୍ରେସ ମଧ୍ୟ ପାରୁପର୍ଯ୍ୟନ୍ତ ପାରମ୍ପରିକ ଭୋଟକୁ ଏକଜୁଟକରି ଭଲ ସ୍ଥିତିକୁ ଆସିବାପାଇଁ ପ୍ରୟାସ ଜାରି ରଖିଛି । ପ୍ରଥମ ପର୍ଯ୍ୟାୟରେ ମାହାଙ୍ଗା ବ୍ଲକର ୩୭ଟି ପଞ୍ଚାୟତ ଓ ୪ଜିଲ୍ଲା ପରିଷଦ ଜୋନରେ ନିର୍ବାଚନ ହେବାକୁ ଯାଉଛି । ଯେଉଁଠି ୧ଲକ୍ଷ ୫୫ ହଜାର ୫୨୪ ଭୋଟର ସେମାନଙ୍କ ମତସାବ୍ୟସ୍ତ କରିବାପାଇଁ ଅପେକ୍ଷା କରିଛନ୍ତି । ମାହାଙ୍ଗାରୁ ବିଜେଡ଼ି ବିଧାୟକ ଭାବେ ପଞ୍ଚାୟତିରାଜମନ୍ତ୍ରୀ ପ୍ରତାପ ଜେନା ପ୍ରତିନିଧିତ୍ୱ କରୁଛନ୍ତି । ତେବେ ଏଠାରେ ମନ୍ତ୍ରୀଙ୍କ ସଫଳ ଗୋଟିଚାଳନା ପାଇଁ ବିଜେଡ଼ି ଶିବିର ଉତ୍ସାହିତ ହୋଇପଡ଼ିଛି । ମାହାଙ୍ଗରେ ବିଜେଡ଼ିକୁ ଅଧିକାଂଶ ସ୍ଥାନରେ ବିଜେପି ଟକ୍କର ଦେଉଥିବା ଆଲୋଚନା ହେଉଛି । ବିଜେପି ପାଇଁ ଅଣ୍ଟାଭିଡ଼ିଛନ୍ତି ଶାରଦା ପ୍ରଧାନ । ସେହିପରି କଂଗ୍ରେସ ନେତା ଦେବେନ୍ଦ୍ର ସାହୁ ମଧ୍ୟ ପ୍ରାର୍ଥୀ ମାନଙ୍କ ପାଇଁ ପ୍ରଚାର ଚଳାଇ ଆସିଛନ୍ତି । ମାହାଙ୍ଗା ବ୍ଲକରେ ଗତ ଜିଲ୍ଲାପରିଷଧ ନିର୍ବାଚନରେ ବିଜେପି ଓ କଂଗ୍ରେସ ଖାତା ଖୋଲିପାରି ନଥିଲା । ବେଳେ ଏଥର ଉଭୟ ଦଳ



କେତେଦୂର ସଫଳ ହେଉଛନ୍ତି ତାହା ଫଳାଫଳ କହିବ । ଅନ୍ୟପଟରେ ନରସିଂହପୁର ବ୍ଲକରେ ୪ଜିଲ୍ଲା ପରିଷଦ ଜୋନରୁ ଗତ ୨୦୧୭ ନିର୍ବାଚନରେ ବିଜେପି ୩ଟି ଜିତିନେଇ ବିଜେଡ଼ିକୁ ଚକମା ଦେଇଥିଲା । ଏଥର ସ୍ଥାନୀୟ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଦେବୀପ୍ରସାଦ ମିଶ୍ର ବିଜେପି ହାତରୁ ଏହି ଆସନ ପୁନର୍ବାର ଛଡ଼ାଇ ଆଣିବା ପାଇଁ ପ୍ରାଣମୂର୍ଚ୍ଛା ଉଦ୍ୟମ ଚଳାଇଛନ୍ତି । ନରସିଂହପୁର ବ୍ଲକର ୪ଜିଲ୍ଲା ପରିଷଦ, ୩୭ ପଞ୍ଚାୟତରେ ହେବାକୁ ନିର୍ବାଚନରେ ୧ଲକ୍ଷ ୨୨ ହଜାର ୫୬୪ ଜଣ ମତସାବ୍ୟସ୍ତ କରିବେ । ନରସିଂହପୁରରେ ଗତଥର ଭଳି ବିଜେପି ପ୍ରଚାର ପ୍ରଭାବଶାଳୀ ହୋଇପାରିନାହିଁ । ସେହିପରି କଂଗ୍ରେସ ମଧ୍ୟ ପ୍ରଚାରରେ ବହୁ ପଛରେ ପଡ଼ିଛି । ବିଜେପି ଗତଥର ଯେଉଁ ତିନୋଟି ଜୋନରେ ବିଜୟୀ ହୋଇଥିଲା ସେହି ଜୋନରେ ବିଜେଡ଼ି ପ୍ରଚାରକୁ ଅଧିକ ଫୋକସ କରିଛି । ଏଠାରେ ବି ବିଧାୟକ ଶ୍ରୀ ମିଶ୍ରଙ୍କ ସମ୍ମାନ ବାଜିରେ ଲାଗିଛି । ସେହିପରି କଟକ ସଦର ବ୍ଲକରେ ୪ଜିଲ୍ଲା ପରିଷଦ ଜୋନ୍, ୨୩ ପଞ୍ଚାୟତରେ ହେବାକୁ ଥିବା ନିର୍ବାଚନରେ ମୋଟ ୧ଲକ୍ଷ ୧୯ହଜାର ୯୧୦ ଜଣ ଭୋଟର ସେମାନଙ୍କ ମତସାବ୍ୟସ୍ତ କରିବେ । ସଦର ବ୍ଲକର ୪ଜୋନ ମଧ୍ୟରୁ ଗତ ୨୦୧୭ ନିର୍ବାଚନରେ ୪ ନମ୍ବର ଜୋନରୁ ସ୍ୱାଧୀନ ପ୍ରାର୍ଥୀ ଜୀବନକୃଷ୍ଣ ସାମନ୍ତରାୟ ବିଜୟୀ ହେବା ବିଜେଡ଼ିପାଇଁ ଏକ ଶକ୍ତ ଝଟକା ଥିଲା । ଏଠାରେ ଅସନ୍ତୁଷ୍ଟ ବିଜେଡ଼ି ଗୋଷ୍ଠୀଙ୍କ ସହାୟତାରେ ବିଜେପିର ଶକ୍ତି ୨୦୧୭ରେ ବୃଦ୍ଧି ପାଇଥିଲା । ତେବେ ୨୦୨୨ ନିର୍ବାଚନ ପୂର୍ବରୁ ସଦର ବିଜେଡ଼ି ବିଧାୟକ ଚନ୍ଦ୍ରସାରଥୀ ବେହେରାଙ୍କ ଗୋଟିଚାଳନାରେ ସମୀକରଣ ବଦଳିଯାଇଛି । ଜିଲ୍ଲା ପରିଷଦ ସଭ୍ୟ ଜୀବନ ସାମନ୍ତରାୟଙ୍କୁ ବିଧାୟକ ନିଜ ପକ୍ଷକୁ ଆଣିପାରିଛନ୍ତି । ସେହିପରି ଦଳକୁ ଅସୁବିଧାରେ ପକାଉଥିବା ଅନେକ ଅସନ୍ତୁଷ୍ଟ ନେତାଙ୍କୁ ମଧ୍ୟ ବହିଷ୍କାର କରି ସଂଗଠନକୁ କେତେକାଂଶରେ ସଜାଡ଼ି ପାରିଛନ୍ତି । ସଦରରେ କଂଗ୍ରେସ ସଂଗଠନ ଦୁର୍ବଳ ସ୍ଥିତିରେ ଥିବାବେଳେ ବିଜେପି କେତେଦୂର ଟକ୍କର ଦେବାକୁ ସକ୍ଷମ ହେଉଛି ତାହା ଦେଖିବାକୁ ବାକି ରହିଛି । ପ୍ରଥମ ପର୍ଯ୍ୟାୟରେ ତିନୋଟି ଯାକ ବ୍ଲକର ମୋଟ ୧୨ଜିଲ୍ଲା ପରିଷଦ, ୯୭ ପଞ୍ଚାୟତ ଓ ୧୪୫ ୱାର୍ଡ଼ରେ ହେବାକୁ ଥିବା ଭୋଟରେ ୩ଲକ୍ଷ ୯୭ହଜାର ୯୯୮ ଜଣ ମତସାବ୍ୟସ୍ତ କରିବେ ।

ଯୋଗାଯୋଗ ପ୍ରତିନିଧି- ରାଜ୍ୟ ପ୍ରତିନିଧି-୯୪୩୭୦୨୩୩୮୦(ରାମଚନ୍ଦ୍ର ମହାନ୍ତି), ଭୁବନେଶ୍ୱର-୯୫୮୩୭୮୩୩୫୧(ପରମେଶ୍ୱର ଦାଶ), କଟକ-୯୪୩୭୬୨୮୪୩୯(ତପନ ମହାନ୍ତି), ଜଗତସିଂହପୁର-୯୭୭୭୪୩୧୯୫୯(ଅକ୍ଷୟ କୁମାର ବେହେରା), ଜଗତସିଂହପୁର ବ୍ଲକ/ମ୍ୟୁନିସିପାଲିଟି-୯୩୩୭୦୯୨୮୧୭(ପବିତ୍ର କୁମାର ଦାଶ)

ବି.ଦ୍ର- ସମ୍ବାଦ ପରିବେଷଣ କରୁଥିବା ସାମ୍ବାଦିକ ପ୍ରକାଶିତ ସମ୍ବାଦ ପାଇଁ ଉତ୍ତରଦାୟୀ ରହିବେ । ପ୍ରକାଶକ ଓ ସମ୍ପାଦକ ନୁହଁନ୍ତି ।

All disputes relating to any news item published shall be subject to the Jurisdiction of Jagatsinghpur court/s.

ପ୍ରକାଶିତ ସମ୍ବାଦ ବାବଦରେ ଯେକୌଣସି ବିବାଦ ସମ୍ବନ୍ଧୀୟ ମାମଲା କେବଳ ଜଗତସିଂହପୁରସ୍ଥିତ ଅଦାଲତରେ କରାଯାଇ ପାରିବ ।

Printed , Published & owned by Rama Chandra Mohanty Printed at Mayur Offset Printers, Plot No. D-1/1, Sector-A, Zone-D, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at Panisalia, Jagatsinghpur, Odisha, City Office : AT- SANJUKTA BHAWAN, PLOT NO. 48/992 , MAHATAB ROAD, OLD TOWN, BHUBANESWAR-751002, ODISHA

● Editor : Rama Chandra Mohanty
Mob- 9437023380, 7978875473 Email : samparkabarta1@gmail.com
ସଂପାଦକ : ରାମଚନ୍ଦ୍ର ମହାନ୍ତି
News Editor: Akshaya Kumar Behera